


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୫୩ ଭୁବନେଶ୍ୱର ଶନିବାର, ଫେବୃୟାରୀ ୧୫.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.153 Bhubaneswar, Saturday, Februarry 15, 2025


## ୩୧ ମାଓବାଦୀ ନିପାତ
### ୧ କୋଟି ପୁରସ୍କାର ଘୋଷିତ ୨୮ ନକ୍ସଲ ହେଲେ ଚିହ୍ନଟ



ମାଲକାନଗିରି,୧୪/୨: ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ହୋଇଥିବା ଗୁଳିବିନିମୟରେ ୩୧ ଜଣ ନକ୍ସଲଙ୍କର ମୃତ୍ୟୁ ହୋଇଥିଲା। ତେବେ ଏହି ନକ୍ସଲଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିଥିଲା। ପ୍ରଥମେ ୧୬ ନକ୍ସଲଙ୍କର ଚିହ୍ନଟ ହୋଇପାରିଥିବା ବେଳେ ଆଜି ୨୮ ନକ୍ସଲଙ୍କର ଚିହ୍ନଟ ସରିଛି। ଅନ୍ୟ ୩ ଜଣ ନକ୍ସଲଙ୍କର ଚିହ୍ନଟ ଚାଲିଥିବା ପୁଲିସ କହିଛି। ମୃତ୍ୟୁବରଣ କରିଥିବା ନକ୍ସଲ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ଡିଭିସିଏମ ସଦସ୍ୟ ହୁଙ୍ଗା କର୍ମା (୪୨), ୫ ଲକ୍ଷ ପୁରସ୍କାର ଘୋଷିତ ଏସିଏମ ସୁବାଷ ଅୟାମ (୪୦), ୫ ଲକ୍ଷ ଘୋଷିତ ଏସିଏମ ସନ୍ନୁ ଉଇକା (୩୧), ୫ ଲକ୍ଷ ଘୋଷିତ ଏସିଏମ ମନିରାମ କୋହରାମୀ (୨୧), ୫ ଲକ୍ଷ ଘୋଷିତ ଏସିଏମ ଅମର ମାଣ୍ଡବୀ (୨୬), ୫ ଲକ୍ଷ ଘୋଷିତ ଏସିଏମ ଭରତ ଠାକୁର (୨୪), ୫ ଲକ୍ଷ ଘୋଷିତ ଏସିଏମ ସରୋଜ ଅବଲମ (୨୦), ୫ ଲକ୍ଷ ଘୋଷିତ ଏସିଏମ ଆୟତେ ମାଡବୀ(୨୫), ୫ ଲକ୍ଷ ଘୋଷିତ ପିପିସିଏମ ମଙ୍ଗୁ ହେମଲା (୨୯) ଚିହ୍ନଟ ହୋଇଛନ୍ତି। ସେହିପରି ୫ ଲକ୍ଷ ଘୋଷିତ ପିପିସିଏମ (ରାଜୁ ମଜ୍ଜି(୨୧), ୫ ଲକ୍ଷ ଘୋଷିତ ପିପିସିଏମ ସଂଜୟ କୁମାର କୁମ୍ମା (୨୦), ୫ ଲକ୍ଷ ଘୋଷିତ ପିପିସିଏମ ସୁଖମତି ପୋୟାମ (୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୈନି ପୁନମ(୨୦), ୫ ଲକ୍ଷ ଘୋଷିତ ପିପିସିଏମ ମୀନା କୁଞ୍ଜାମ(୨୬), ୫ ଲକ୍ଷ ଘୋଷିତ ପିପିସିଏମ ମୈନୀ ପଡିଆମି(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ବେଡଜା ପେଣ୍ଟେରାମ(୩୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମେଟ୍ଟ ହନମେୟା(୩୩), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସନ୍ନୁ ମଜ୍ଜି(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ରମେଶ କୁଡିୟାମ(୨୫), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସୋନୁ ମାଡବୀ(୨୧), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଶାନ୍ତି ପୋଡିୟାମି(୨୧), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଶଶିକଳା କୁଡିୟାମ(୨୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ସଞ୍ଜୀତି ମଡକମ(୨୬), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ମଲ୍ଲି କଡତି(୨୦),୫ ଲକ୍ଷ ଘୋଷିତ ଏସିଏମ ସୋନୁ ହପକା(୩୫), ୫ ଲକ୍ଷ ଘୋଷିତ ଏସିଏମ ମୋଟ୍ଟୁ ପୋଟାମ(୨୫), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ହିଡମା ମାଡବୀ(୩୦), ୨ ଲକ୍ଷ ଘୋଷିତ ପାର୍ଟି ସଦସ୍ୟ ଜ୍ୟୋତି ହେମଲା(୨୧)। ଚିହ୍ନଟ ହୋଇଥିବା ୨୮ ଜଣଙ୍କ ମଧ୍ୟରୁ ହୁଙ୍ଗା କର୍ମା ଜଣେ ଦୁର୍ଦାନ୍ତ ମାଓନେତା ଥିଲା। ତାର ନାମରେ ଛତିଶଗଡର ବିଭିନ୍ନ ସ୍ଥାନରେ ହିଂସା ଘଟାଇଥିବା ନେଇ କେଶ ରହିଛି। ଚିହ୍ନଟ ହୋଇଥିବା ନକ୍ସଲମାନଙ୍କ ନାମରେ ପ୍ରାୟ ଦେଢ କୋଟି ଟଂକାର ପୁରସ୍କାର ରହିଥିଲା।

# ଫେଁଡ଼ାଣ ଜାଣୁନି ଅଷ୍ଟମ ଶ୍ରେଣୀ ପିଲା

ଭୁବନେଶ୍ୱର: ବିଧାନସଭାର ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଶୁକ୍ରବାର ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ଗଣିତ ଜ୍ଞାନ କେତେ ରହିଛି, ସେନେଇ ଜାଣିବାକୁ ଚାହିଁଛନ୍ତି। ଅସର ରିପୋର୍ଟ ଅନୁଯାୟୀ ରାଜ୍ୟରେ ଅଷ୍ଟମ ଶ୍ରେଣୀ ପିଲା ଠିକ୍ ଭାବରେ ହରଣ ଗୁଣନ, ଫେଡ଼ାଣ କରି ପାରୁ ନାହାନ୍ତି। ଏଥିପାଇଁ ଶିକ୍ଷା ବ୍ୟବସ୍ଥା ଦିଗରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ କଣ ପଦକ୍ଷେପ ନେଇଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରଶ୍ନ କରିଛନ୍ତି। ବାଲିଗୁଡ଼ା ବିଧାୟକଙ୍କର ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ଦେଇଛନ୍ତି ଯେ, ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୮-୨୯ ବର୍ଷ ମଧ୍ୟରେ ୬୭୯୪ ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୧,୯୩୯.୪୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେବଳ ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାରେ ଖର୍ଚ୍ଚ ବାବଦକୁ ୧୦୦ କୋଟି ଟଙ୍କା ବ୍ୟୟବରାଦ ରହିଛି। ଯୋଜନା ପାଇଁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ଏବେ ସରକାରଙ୍କ ବିଚାରରେ ରହିଛି। ସେହିଭଳି ବନ୍ଦ ହୋଇଥିବାକୁ ସ୍କୁଲ୍‌କୁ ପୁନଃ ଖୋଲିବାକୁ ପ୍ରସ୍ତାବ ପରେ ରାଜ୍ୟସ୍ତରୀୟ ତଥା ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇ ଉପଯୁକ୍ତ ପଦକ୍ଷେପ ନେବାର ବ୍ୟବସ୍ଥା ରହିଛି। ରାଜ୍ୟରେ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬,୦୦୯ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହି ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦୨୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩୭୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ମାଧାମିକ ବିଦ୍ୟାଳୟରେ ୧୦୬୧ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଏବେ ୧୭ଟି ଜିଲ୍ଲାରେ ୨୧ଟି ଭାଷାରେ ଶିକ୍ଷାଦାନ କରାଯାଉଛି। ଏହି ସବୁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୩୧୮୮ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଖାଲି ସେତିକି ନୁହେଁ, ୧୪୩ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ବି ନିଯୁକ୍ତ କରାଯାଇଛି। ଅସର ରିପୋର୍ଟ ଅନୁଯାୟୀ ଅଷ୍ଟମ ଶ୍ରେଣୀ ପିଲା ଫେଡାଣ-ହରଣ ଜାଣି ନାହାନ୍ତି। ୬୮.୫ ପ୍ରତିଶତ ପିଲା ଜାଣି ନାହାନ୍ତି ଫେଡ଼ାଣ ଏବଂ ୪୫.୮ ପ୍ରତିଶତ ପିଲା



ଜାଣି ନାହାନ୍ତି ହରଣ। ଏହି ସଂଖ୍ୟା ପ୍ରତି ବର୍ଷ ବଢ଼ିବଢ଼ି ଚାଲିଛି। ଏହାକୁ ନେଇ କଣ ପଦକ୍ଷେପ ନିଆଯାଉଛି ତାହାକୁ ନେଇ ଉତ୍ତର ଚାହିଁଥିଲେ ଚକ୍ରମଣି କହଁର। ୨୦୧୪ରେ ୬୩.୪ ପ୍ରତିଶତ ପିଲା ଫେଡ଼ାଣ ଜାଣି ନଥିବା ବେଳେ ୨୦୨୪ରେ ୬୯.୫ ପ୍ରତିଶତ ପିଲା ଫେଡାଣ ଜାଣି ନଥିବା ରିପୋର୍ଟ ଆସିଛି। ସେହିପରି ୨୦୧୪ରେ ୩୭.୯ ପ୍ରତିଶତ ପିଲା ହରଣ ଜାଣି ନଥିବା ବେଳେ ୨୦୨୪ରେ ତାହା ବଢ଼ିକି ୪୫.୮ ପ୍ରତିଶତରେ ପହଁଚିଛି। ବିଧାୟକ ଚକ୍ରମଣି କହଁର ପ୍ରଶ୍ନରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଲିଖିତ ଉତ୍ତର ରଖିଛନ୍ତି। ଅଷ୍ଟମ ଶ୍ରେଣୀ ପିଲା ଯେଉଁମାନେ ଫେଡ଼ାଣ କରି ପାରୁଛନ୍ତି ସେମାନଙ୍କ ସଂଖ୍ୟା ୬ ପ୍ରତିଶତ ବୃଦ୍ଧି ପାଇଛି। ଅଷ୍ଟମ ଶ୍ରେଣୀ ପିଲା ଯେଉଁମାନେ ହରଣ କରି ପାରୁଛନ୍ତି ସେମାନଙ୍କ ସଂଖ୍ୟାରେ ୧୧ ପ୍ରତିଶତ ବୃଦ୍ଧି ହୋଇଛି । ଅନୁରୂପ ଭାବରେ ଯେଉଁମାନେ ଶିକ୍ଷଣ ଅଭିବୃଦ୍ଧି ପାଇଁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଓଡ଼ିଆ, ଇଂରାଜୀ ଓ ଗଣିତ ବିଷୟରେ କାର୍ଯ୍ୟ ପୁସ୍ତିକା ଯୋଗାଇ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷଣ ସାମଗ୍ରୀ ଯୋଗାଇ ଦେବାକୁ ପ୍ରସ୍ତାବ ରହିଛି ଓ ଶିକ୍ଷା ଯୋଜନା ଅନ୍ତର୍ଗତ ବାର୍ଷିକ ୱାର୍କ ପ୍ଲାନ୍ ଓ ବଜେଟ୍ ୨୦୨୫-୨୬ରେ ଉପସ୍ଥାପାନ କରାଯାଇଛି। ବର୍ତ୍ତମାନ ୧୨୪୮୪ଟି ପ୍ରଧାନ ଶିକ୍ଷକ ପଦବି ଖାଲି ପଡ଼ିଛି।

# ଜମା ସଂଗ୍ରହ ତୁଳନାରେ ଋଣ ଦେଉନାହାନ୍ତି

ଭୁବନେଶ୍ୱର,୧୪/୨: ବ୍ୟାଙ୍କମାନେ ଓଡ଼ିଶାରୁ ଯେତେ ପରିମାଣର ଜମା ସଂଗ୍ରହ କରୁଛନ୍ତି ତାହାର ଅଧା ବି ଋଣ ଆକାରରେ ଏଠାରେ ଖଟାଉ ନାହାନ୍ତି । ଓଡ଼ିଶାରେ ଦିଆଯାଉଥିବା ବ୍ୟାଙ୍କ ଋଣର ପରିମାଣ ସଂଗୃହୀତ ଜମା ରାଶିର ପ୍ରାୟ ୪୮ ପ୍ରତିଶତ ହୋଇଥିବା ବେଳେ ଜାତୀୟ ସ୍ତରରେ କିନ୍ତୁ ଏହି ହାର ପାଖାପାଖି ୮୦ ପ୍ରତିଶତ ରହୁଛି । ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ପ୍ରକାଶିତ ତଥ୍ୟ ମୁତାବକ ୨୦୨୪ ବର୍ଷରେ ଓଡ଼ିଶାରୁ ସିଡ୍ୟୁଲଡ୍ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ୫,୨୨,୫୪୩ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ଉକ୍ତ ବର୍ଷରେ ଋଣ ଆକାରରେ ଦେଇଛନ୍ତି ୨,୫୧,୧୧୪ କୋଟି ଟଙ୍କା । ବର୍ଷକୁ ବର୍ଷ ଓଡ଼ିଶାରେ ବ୍ୟାଙ୍କଗୁଡ଼ିକର ଜମା ସଂଗ୍ରହ ପରିମାଣ ଆଶାନୁରୂପ ଭାବେ ବୃଦ୍ଧି ପାଉଥିବା ବେଳେ ରାଜ୍ୟର ଆର୍ଥିକ ବିକାଶ ପାଇଁ କିନ୍ତୁ ଋଣ ଯୋଗାଣ ପରିମାଣ ସେତେ ଅଧିକ ହେଉନାହିଁ । ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୧୯ ବର୍ଷରେ ବ୍ୟାଙ୍କଗୁଡ଼ିକ ଓଡ଼ିଶାରୁ ୩,୦୯,୫୫୪ କୋଟି ଟଙ୍କାର ଜମା ସଂଗ୍ରହ କରିଥିବାବେଳେ ୨୦୨୦ ବର୍ଷରେ ୩,୪୧,୧୪୦ କୋଟି ଓ ୨୦୨୧ ବର୍ଷରେ ୩,୬୩,୫୬୭ କୋଟି ଟଙ୍କାର ଜମା ସଂଗ୍ରହ କରିଥିଲେ । ୨୦୨୨ ବର୍ଷରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଗୃହୀତ ଜମା ପରିମାଣ ୪,୨୧,୪୧୩ କୋଟି ଟଙ୍କାଥିବା ବେଳେ ୨୦୨୩ବର୍ଷରେ ତାହା ୪,୬୩,୩୧୮ କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ ୨୦୧୯ ବର୍ଷରେ ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ୧,୧୯,୮୯୩ କୋଟି ଟଙ୍କାର ଋଣ ଖଟାଇଥିବା ବେଳେ ୨୦୨୦ରେ ୧,୩୪,୮୬୨ କୋଟି ଓ ୨୦୨୧ ବର୍ଷରେ ୧,୪୩,୬୭୬ କୋଟି ଟଙ୍କା ଋଣ ଦେଇଥିଲେ । ବ୍ୟାଙ୍କଗୁଡ଼ିକ ଓଡ଼ିଶାରେ ଦେଇଥିବା ଋଣ ପରିମାଣ ୨୦୨୨ ବର୍ଷରେ ୧,୮୩,୪୦୫ କୋଟି ଟଙ୍କା ଥିବାବେଳେ ୨୦୨୩ବର୍ଷରେ ତାହା ୨,୦୩,୭୩୨ କୋଟି ଟଙ୍କା ଥିଲା । ସାରା ଭାରତରେ ୨୦୨୪ବର୍ଷରେ ଏହି ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ୨୧୨,୫୩,୩୫୮ କୋଟି ଟଙ୍କାର ଜମା ସଂଗ୍ରହ କରିଥିବା ବେଳେ ୧୬୯,୧୩,୬୯୪ କୋଟି ଟଙ୍କାର ଋଣ ଦେଇଥିଲେ । ଅର୍ଥାତ୍ ଉକ୍ତ ବର୍ଷରେ ସମଗ୍ର ଦେଶରେ ବ୍ୟାଙ୍କଗୁଡ଼ିକ ଯେତେ ଜମା ସଂଗ୍ରହ କରିଥିଲେ ତାହାର ପାଖାପାଖି ୮୦ ପ୍ରତିଶତ ଋଣ ଆକାରରେ ଖଟାଇଥିବା ବେଳେ ଓଡ଼ିଶାରେ କିନ୍ତୁ ଜମା ସଂଗ୍ରହ ତୁଳନାରେ ଋଣ ବଣ୍ଟନ ହାର ଢେର କମ୍? ଥିଲା । ଅନ୍ତତଃପକ୍ଷେ ଜାତୀୟ ସ୍ତରରେ ଜମା ସଂଗ୍ରହ ତୁଳନାରେ ଋଣ ପ୍ରଦାନ ହାର ପ୍ରତିଶତ ଯାହା ରହୁଛି ଓଡ଼ିଶାରେ ତାହା କାର୍ଯ୍ୟକାରୀ କରାଗଲେ ବିଭିନ୍ନ ଉଦ୍ୟୋଗ ଓ ବ୍ୟବସାୟ ଆଦି ପାଇଁ ଲୋକେ ଅଧିକ ପରିମାଣରେ ବ୍ୟାଙ୍କ ଋଣ ପାଇ ନିଯୁକ୍ତି ସୁଯୋଗ ବୃଦ୍ଧି ସହିତ ପରିବାର ତଥା ରାଜ୍ୟର ଆର୍ଥିକ ବିକାଶ ଘଟାଇପାରିବେ । ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ସରକାରୀ ଚାକିରିଆ, ଶିଳ୍ପପତି ଓ ଅନ୍ୟ ବ୍ୟବସାୟୀମାନଙ୍କୁ ବ୍ୟାଙ୍କଗୁଡ଼ିକ ଅତି ସହଜରେ ସରଳ ଋଣ ପ୍ରଦାନ କରୁଥିବା ବେଳେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକମାନଙ୍କୁ କିନ୍ତୁ ଅଧିକ ପରିମାଣର ଋଣ ଦେବା ପାଇଁ ପସନ୍ଦ କରୁନାହାନ୍ତି । କେବଳ ସେତିକି ନୁହେଁ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ମଧ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଏଠାରେ ସମବାୟ ବ୍ୟାଙ୍କ ତୁଳନାରେ ଢେର କମ୍ କୃଷି ଋଣ ଦେଉଛନ୍ତି । ସମବାୟ ବ୍ୟାଙ୍କ ନଥିଲେ କୃଷକମାନେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତେ । ଅନ୍ୟପକ୍ଷରେ ଜାତୀୟକରଣ ଓ ଘରୋଇ ବ୍ୟାଙ୍କଗୁଡ଼ିକ କିନ୍ତୁ ରାଜ୍ୟ ସରକାରଙ୍କ ବିଭିନ୍ନ ନେଣଦେଣ ପାଇଁ ଲକ୍ଷଲକ୍ଷ କୋଟି ଟଙ୍କାର ଜମା ସଂଗ୍ରହ କରୁଛନ୍ତି । କେବଳ ସେତିକି ନୁହେଁ ସରକାରୀ ଓ ଅନୁଦାନପ୍ରାପ୍ତ କର୍ମଚାରୀ ଏମିତିକି ଲୋକ ପ୍ରତିନିଧିମାନଙ୍କ ବେତନ, ଭତ୍ତା, ପେନ୍‌ସନ୍ ଆଦିର ପ୍ରମୁଖ କାରବାର ଜାତୀୟକରଣ ବ୍ୟାଙ୍କମାନଙ୍କ ମାଧ୍ୟମରେ ହେଉଥିବା ଯୋଗୁ ସେମାନେ ବେଶ୍ ମୁନାଫା ପାଉଥିବା ବେଳେ ଓଡ଼ିଶାରେ ଋଣ ଲଗାଣ ପାଇଁ କିନ୍ତୁ କୁଣ୍ଠକୁଣ୍ଠ ହେଉଛନ୍ତି ।

## ଇଞ୍ଜିନିୟରିଂ ପାଠରେ ଚାକିରି ମିଳୁନି

ଭୁବନେଶ୍ୱର,୧୪/୨: ରାଜ୍ୟରେ ଇଞ୍ଜିନିୟରିଂ ପାଠର ବିକଳ ଚିତ୍ର । ଇଞ୍ଜିନିୟରିଂ ପାଠରେ ପିଲାଙ୍କୁ ଚାକିରି ମିଳୁନି । ୧୦ ବର୍ଷରେ ୩୪ ହଜାର ୪୭୧ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ପାସ କରିଛନ୍ତି । ମାତ୍ର ଚାକିରି ପାଇଛନ୍ତି ୧୫ ହଜାର ୨୮୯ । ବେକାରରେ ବସିଛନ୍ତି ୧୯ ହଜାର ୧୮୨ ଇଞ୍ଜିନିୟରିଂ ଛାତ୍ର । ଏନେଇ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ସବଚନା ଦେଇଛନ୍ତି । ଅପରାହ୍ଣ ୪ଟା ଯାଏଁ ଗୃହ ମୁଲତବି ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢୀ । ଗୃହ ମଧ୍ୟଭାଗକୁ ଆସି ବିରୋଧୀ ଦଳ ହଙ୍ଗାମା କରିଥିଲେ । ପ୍ରବଳ ହଙ୍ଗାମା ଭିତରେ ପୁଣି ଗୃହ ମୁଲତବି ରଖାଯାଇଛି । ବିଧାନସଭା ବଜେଟର ଆଜି ଦ୍ୱିତୀୟ ଅଧିବେଶନ । ପ୍ରଶ୍ନକାଳର ଆରମ୍ଭରୁ ହିଁ ବିଜୁଜନତା ଦଳ ଏବଂ କଂଗ୍ରେସ ସଦସ୍ୟ ହଙ୍ଗାମା କରିଥିଲେ ।

## ଓଡିଶାରେ ଭିକାରୀ ସଂଖ୍ୟା ୫୨୮୪ : ମନ୍ତ୍ରୀ



ଭୁବନେଶ୍ୱର,୧୪/୨: ଓଡିଶାରେ ଅଛନ୍ତି ୫ ହଜାର ୨୮୪ ଭିକାରୀ । କଟକରେ ସର୍ୱାଧିକ ୧୦୬୦ ଜଣ ଭିକାରୀ । ବରଗଡରେ ୫୯୫ , ଗଞ୍ଜାମରେ ୫୪୫ । ବଲାଙ୍ଗୀରରେ ୪୮୨, ସୁନ୍ଦରଗଡରେ ୪୧୭ । ପୁରୀରେ ରହିଛନ୍ତି ୩୫୦ ଜଣ ଭିକାରୀ । ଏନେଇ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ହେଲେ ରାଜ୍ୟକୁ ଭିକାରୀମୁକ୍ତ କରିବାକୁ ସରକାର ଚଳାଇଛନ୍ତି ଅଭିଯାନ। ରାଜ୍ୟକୁ ଭିକାରୀମୁକ୍ତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ ନୀଳାଦ୍ରି ନିଳୟ , ଭୁବନେଶ୍ୱରରେ ଏକାମ୍ର ନିଳୟ ଅଭିଯାନ ଜାରି ରହିଛି । ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

# ବିକଶିତ ପଞ୍ଚାୟତ ହେଉଛି ବିକଶିତ ଭାରତର ମୂଳଭିତ୍ତି


ଭୁବନେଶ୍ୱର,୧୪/୨: "ବିକେନ୍ଦ୍ରୀକୃତ ଶାସନ ଓ ଗ୍ରାମାଞ୍ଚଳ ବିକାଶ କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ସର୍ବଦା ଆଗରେ ରହିଛି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ଦୃଢ ନେତୃତ୍ୱରେ ସରକାର ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକୁ ସୁଦୃଢୀକରଣ କରିବା ଦିଗରେ ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରୁଛନ୍ତି । ସରକାରଙ୍କ ଦୃଢ ବିଶ୍ୱାସ ଯେ – ଏକ ସୁଦୃଢ ଗ୍ରାମପଞ୍ଚାୟତ ହେଉଛି ବିକାଶିତ ଓଡ଼ିଶାର ମୂଳପିଣ୍ଡ । ତେଣୁ ବିକଶିତ ପଞ୍ଚାୟତ ଗଠନ ଦ୍ୱାରା ହିଁ ବିକଶିତ ଓଡ଼ିଶା ଗଠନ ସମ୍ଭବ ।" ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ରାଜ୍ୟସ୍ତରୀୟ ବିକଶିତ ପଞ୍ଚାୟତ ପାଇଁ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍ଘାଟନକରି ମାନ୍ୟବର ପଞ୍ଚାୟତି ରାଜ ଓ ପାନୀୟ ଜଳ, ଗ୍ରାମ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ମତପ୍ରକାଶ କରିଛନ୍ତି । ଶାସନ ପଦ୍ଧତିରେ ସହଭାଗୀତା, ତୃଣମୂଳସ୍ତର ପର୍ଯ୍ୟନ୍ତ ଗଣତନ୍ତ୍ରର ବିକେନ୍ଦ୍ରୀକରଣ ଓ ପଞ୍ଚାୟତି ରାଜ ଅନୁଷ୍ଠାନ ଗୁଡିକୁ ଭାରତୀୟ ଗଣତନ୍ତ୍ରର ମୂଳଭିତ୍ତିରୂପେ ପ୍ରତିଷ୍ଠା କରିବାପାଇଁ 'ମିଶନ କର୍ମଯୋଗୀ'ର ଏକ ବିଶେଷ ବିନ୍ଦୁ ରୂପେ 'ଦକ୍ଷତା ବିକାଶ'କୁ ଗୁରୁତ୍ୱ ଦିଆଯାଉଛି । ଏହା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ଚାରୋଟି ରାଜ୍ୟ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଆସାମ ଓ ଗୁଜୁରାଟର ୬୦ଗୋଟି ଗ୍ରାମ ପଞ୍ଚାୟତରେ ପ୍ରାଥମିକତା ଭିତ୍ତିରେ ଦକ୍ଷତା ବିକାଶ ପାଇଁ କର୍ମଶାଳା ଅନୁଷ୍ଠିତ ହେଉଛି କ୍ଷ ସେହି କ୍ରମରେ ଦକ୍ଷତା ବିକାଶ ଆୟୋଗ, ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନ୍, ଯୁବ ଓ ସମାଜ କଲ୍ୟାଣ କେନ୍ଦ୍ର, ଭୁବନେଶ୍ୱର ଏବଂ



ପଞ୍ଚାୟତି ରାଜ ଓ ପାନୀୟ ଜଳ ଅଧିନସ୍ଥ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ମୟୂରଭଞ୍ଜ ଓ କୋରାପୁଟଜିଲ୍ଲାର ୧୫ ଗୋଟି ଗ୍ରାମ ପଞ୍ଚାୟତର ପ୍ରତିନିଧି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ପାଇଁ ଦକ୍ଷତା ବିକାଶ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦ୍ଘାଟନକରି ମାନ୍ୟବର ମନ୍ତ୍ରୀ ଶ୍ରୀ ରବିନାରାୟଣ ନାଏକ ସମବେତ ପ୍ରଶିକ୍ଷାର୍ଥୀ ପଞ୍ଚାୟତ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ପ୍ରଶିକ୍ଷକ ମାନଙ୍କୁ ଦିଗଦର୍ଶନ ଦେଇ ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଜନପ୍ରତିନିଧ ଓ କର୍ମକର୍ତ୍ତାମାନଙ୍କ ଉପରେ ସୁଶାସନ ବ୍ୟବସ୍ଥା ନିର୍ଭର କରିଥାଏ ବୋଲି ମତ ରଖିଥିଲେ । ଯୋଗ୍ୟ ଏବଂ ପ୍ରଶିକ୍ଷିତ ପଞ୍ଚାୟତ କର୍ମଚାରୀ ମାନେ ହିଁ ଉତ୍କୃଷ୍ଟ ଯୋଜନା, ସ୍ୱଚ୍ଛ କାର୍ଯ୍ୟକାରୀତା ଏବଂ ଉନ୍ନତ ସେବା ପ୍ରଦାନକୁ ସୁନିଶ୍ଚିତ କରିଥାନ୍ତି । ପଞ୍ଚାୟତ ଜନପ୍ରତିନିଧି, ଅଧିକାରୀ ଓ ତୃଣମୂଳ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କୁ ଆବଶ୍ୟକୀୟ ଜ୍ଞାନ ପ୍ରଦାନ କରିବା ସହ କୌଶଳ ବୃଦ୍ଧି କରିବା ଦିଗରେ ଦକ୍ଷତା ବିକାଶ କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି ବୋଲି ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ । ସଶକ୍ତ ପଞ୍ଚାୟତ ଗଠନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରି ମାନ୍ୟବର ମନ୍ତ୍ରୀ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ସଂରଚିତ ରୋଡମ୍ୟାପ ପ୍ରସ୍ତୁତ ହେବା ଆବଶ୍ୟକବୋଲି କହିବା ସହ ଏସ.ଆଇ.ଆର.ଡି. ମାଧ୍ୟମରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିରନ୍ତର ପ୍ରଚେଷ୍ଟା କରିଆସୁଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଗ୍ରାମୀଣ ବିକାଶର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରି ଡିଜିଟାଲ କ୍ଷେତ୍ରରେ ଉନ୍ନତ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ସାମାଜିକ ଭାବେ ସୁରକ୍ଷିତ ପଞ୍ଚାୟତ ଗଠନ କରିବା ପାଇଁ ସମସ୍ତେ ମିଳିମିଶି ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନର ସଂକଳ୍ପକୁ ସାକାର କରିବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନର ଡିଜି ଶ୍ରୀ ଜି ମାଥି ଭାଥାନନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ସଚିବ ଶ୍ରୀ ଗିରୀଶ ଏସ୍ ଏନ୍, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ମୀନା, ଦକ୍ଷତା ବିକାଶ ଆୟୋଗର ନିର୍ଦ୍ଦେଶକ ନବନୀତ କୌର, ଯୁବ ଓ ସମାଜ କଲ୍ୟାଣ କେନ୍ଦ୍ର, ଭୁବନେଶ୍ୱରର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଜଗଦାନନ୍ଦ, ପ୍ରଶିକ୍ଷଣ ସଂସ୍ଥା ଗୁଡିକର ବିଶେଷଜ୍ଞବୃନ୍ଦ ନିଜ ନିଜର ବକ୍ତବ୍ୟ ରଖିଥିଲେ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ଉପ-ନିର୍ଦ୍ଦେଶକ ଶ୍ରୀମତୀ ଅମ୍ରିତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଉପ-ନିର୍ଦ୍ଦେଶକ ଡକ୍ଟର ସୁବ୍ରତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୧୫ ଗ୍ରାମ ପଞ୍ଚାୟତର ଜନପ୍ରତିନିଧି, ଅଧିକାରୀବୃନ୍ଦ ଯୋଗଦେଇ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ।

# ଚୁଲିକୁ ଗଲାଣି ଆଇନଶୃଙ୍ଖଳା, ସରକାରଙ୍କୁ ଗହନ ନିଦ

ଭୁବନେଶ୍ୱର,୧୪/୨: ଏକଦା ଦେଶର ସବୁଠାରୁ ଶାନ୍ତ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡିଶାର ଆଇନ୍ ଶୃଙ୍ଖଳା ପରିସ୍ଥିତି ଏବେ ବିପର୍ଯ୍ୟସ୍ତ। ଦିନ ଦି ପହରେ ମୁଣ୍ଡ ଗଡୁଛି, ନାରୀ ନିର୍ଯ୍ୟାତିତ ହେଉଛି। ଅପରାଧୀମାନେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଚୋରି, ରାହାଜାନି, ମହିଳାଙ୍କ ପ୍ରତି ଅସଦାଚରଣ, ନାବାଳିକା ବଳାତ୍କାର, ହତ୍ୟା ଇତ୍ୟାଦି ଘଟଣାମାନ ରାଜ୍ୟରେ ବାରମ୍ବାର ଘଟିଚାଲିଛି। ରାଜଧାନୀରେ ସାଧାରଣ ଲୋକ ତ ଦୂରର କଥା ବିଶିଷ୍ଟ ବ୍ୟକ୍ତିମାନେ ମଧ ସୁରକ୍ଷିତ ନୁହନ୍ତି। ମାତ୍ର ବିକାଶର ସ୍ଲୋଗାନ ଦେଇ କ୍ଷମତା ହାସଲ କରିଥିବା ବିଜେପି ସରକାର ରହସ୍ୟମୟ ଭାବରେ ନିରବ। ମାତ୍ର ରାଜନୈତିକ ସ୍ୱାର୍ଥ ପାଇଁ କାର୍ଯ୍ୟରତ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିଥିବା ତତ୍କାଳୀନ ରାଜ୍ୟପାଳଙ୍କ ପୁଅକୁ ସରକାର ସୁରକ୍ଷା ଯୋଗାଇ ସୁରୁଖୁରୁରେ ଝାଡ଼ଖଣ୍ଡ ଯିବାକୁ ସୁଯୋଗ ଦେଇଛନ୍ତି। ବିଜେପି ସରକାର ପାଇଁ ଲୋକଙ୍କ ସୁରକ୍ଷା ଏବେ ଆଉ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଗତ ଜାନୁୟାରୀ ୮ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ଆବରଣ ମଧ୍ୟରେ ଥିବା ରାଜଧାନୀ ଭୁବନେଶ୍ୱରରେ ସହଦେବ ନାୟକ ନାମକ ଜଣେ ପୁଲିସ ସୂଚନାଦାତାଙ୍କୁ ଅତି ଜଘନ୍ୟ ଭାବେ ହାଣି ହତ୍ୟା କରାଗଲା। ତା ପୂର୍ବରୁ ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କୁ ପୁଲିସ ନିର୍ଯ୍ୟାତନା ଦେବା ସାରା ଦେଶରେ ଚହଳ ପକାଇ ଥିଲା। ବାଲେଶ୍ୱରର ନୀଳଗିରି ଅଞ୍ଚଳରେ ଆଦିବାସୀ ମହିଳାଙ୍କୁ ବିଜେପି କର୍ମୀ ଖୁଣ୍ଟରେ ବାନ୍ଧି ନିର୍ଯ୍ୟାତନା ଦେଲେ। ଡିସେମ୍ବର ୨୬ ତାରିଖରେ ଗୋବିନ୍ଦ ସିଂଙ୍କ ଘରେ ସେହି ଅଞ୍ଚଳର ସୁବାସିନୀ ସିଂ, ସୁକାନ୍ତି ସିଂଙ୍କୁ ବାଦଲ ପଣ୍ଡା ନାମକ ଜଣେ ବିଜେପି କର୍ମୀ ଓ ତାଙ୍କର କିଛି ସହଯୋଗୀ ଅତର୍କିତ ଆକ୍ରମଣ କରିବା ସହ ଉଲଗ୍ନ କରି ଯୋତାରେ ପିଟିଲେ। ତାଙ୍କ ସମ୍ବେଦନଶୀଳ ସ୍ଥାନରେ ଗୋଇଠା ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଘୋର ନିର୍ଯାତନା ଦେଲେ। କୁଚିଣ୍ଡାରେ ଏକ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ କରାଗଲା। ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡାରେ ଏକ ଆଦିବାସୀ ଯୁବତୀକୁ ବଳତ୍କାର ଉଦ୍ୟମ ପରେ ତାକୁ ଜୋର ଜବରଦସ୍ତ ବିଷ୍ଠା ଖୁଆଇବା ଭଳି ଅମାନବୀୟ ଘଟଣା ଘଟିଲା। ନଭେମ୍ବର ୨୪ ରେ ବାଲେଶ୍ୱର ଜିଲ୍ଲା ଔପଦା ଥାନାର ଖ୍ରୀଷ୍ଟିଆନ ଆଦିବାସୀ ସୁନାରାମ ମାରାଣ୍ଡି



ଓ କାୟମ ସୋରେନଙ୍କୁ ପେଟ୍ରୋଲ ଟାଙ୍କି ପାଖରେ ବାନ୍ଧି ଅମାନୁଷିକ ଭାବେ ମାଡ଼ ମରାଗଲା। ଏପରିକି ତାଙ୍କୁ ପେଟ୍ରୋଲ ଢାଳି ଜୀବନରୁ ମାରିଦେବାକୁ ଚେଷ୍ଟା ହେଲା। ଡିସେମ୍ବର ୮ ଯାଜପୁର ଟାଉନ ଥାନା ଅଞ୍ଚଳର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ନରେନ୍ଦ୍ର ଦାସ ଓ ବୀରକିଶୋର ଦାସଙ୍କ ଉପରେ ଅମାନୁଷିକ ଅତ୍ୟାଚାର ସହ ଚର୍ଚ୍ଚ ଭଙ୍ଗାରୁଜା କରାଯାଇଥିଲା। ଖୋଦ ରାଜଧାନୀରେ ମୈତ୍ରୀବିହାର ଥାନା ସାଲିଆସାହିଁ ଘରେ ପଶି ଅଭିଯୁକ୍ତମାନେ ମା ଏବଂ ଝିଅକୁ ହାଣିଥିଲେ। ମାଲକାନଗିରିରେ ଦୁଇ ସ୍କୁଲ ଝିଅଙ୍କୁ ବଳାତ୍କାର କରି ଗଛରେ ଟଙ୍ଗାଇ ଦିଆଗଲା। ରାଉରକେଲାରେ ତିନି ପର୍ଯ୍ୟାୟରେ ୩ଜଣ ନାବାଳିକା ଗଣ ବଳାତ୍କାରର ଶିକାର ହେଲେ, କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁରରେ ଜଣେ ନାବାଳିକୁ ଦୁଇଦିନ ତଳେ ଗଣ ବଳାତ୍କାର ହେଲା। ରାଜଧାନୀର ଭିଭିଆଇପି ଅଞ୍ଚଳ ନୟାପଲ୍ଲୀରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଦୁଇ ଦୁଇ ଥର ଚୋରି ହେଲା। କଂଗ୍ରେସ ନେତା ଜୟଦେବ ଜେନାଙ୍କଠାରୁ ୫୦ ଲକ୍ଷ ଦାବି କରି ହତ୍ୟା ଧମକ ଦିଆଗଲା। ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଅଞ୍ଚଳରେ ସାମ୍ପ୍ରଦାୟିକ ସଦ୍‌ଭାବ ବ୍ୟାହତ ହେଲା। ମାତ୍ର ସବୁ ପ୍ରସଙ୍ଗରେ ପୁଲିସ ଚୁପ୍, ସରକାର ନିଦାବିଷ୍ଟ। ଗଞ୍ଜାମ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ସୀମା ଅତିକ୍ରମ କରିଛି। ଗତ ୮ ମାସ ମଧ୍ୟରେ ରାଜ୍ୟରେ ଏପରି ସ୍ଥିତି ସାଧାରଣ ଲୋକଙ୍କୁ ଭୀତତ୍ରସ୍ତ କରିଛି। ଚୋରଙ୍କ ପ୍ରାଦୁର୍ଭାବ ଏତେ ବଢ଼ିଛି ଯେ ଲୋକ ରାତି ତ ଦୂରର କଥା, ଦିନରେ ବି ଘର ଛାଡ଼ି ଯିବାକୁ ଡ଼ରୁଛନ୍ତି। ପୁଲିସ ଉପରେ ଲୋକଙ୍କର ଭରସା ପାଉ ନାହିଁ। ବିଡ଼ମ୍ବନା ହେଉଛି ଗତ ୮ ମାସରେ ରାଜ୍ୟରେ ଥାନା ବଦଳି ନାହିଁ କି ପୁଲିସ ବଦଳି ନାହିଁ। ମାତ୍ର ବଦଳି ଯାଇଥିବା ପ୍ରଶାସନିକ ବ୍ୟବସ୍ଥାରେ ପୁଲିସ ନିଜକୁ ସ୍ୱୟଂଶାସିତ ମନେ କରୁଛି, କାହା ନିୟନ୍ତ୍ରଣରେ ରହିବାକୁ ଚାହୁଁ ନ ଥିବା ମନେ ହେଉଛି। ନିୟନ୍ତ୍ରଣ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ସରକାରଙ୍କ ଅପାରଗତା ପୁଲିସକୁ ନିୟନ୍ତ୍ରଣହୀନ କରିଥିବା ଅଭିଯୋଗ ହୋଇଛି।

# ଓଡ଼ିଶା ଲୋକସେବା ଅଧିକାର ଆଇନ କାର୍ଯ୍ୟକାରିତା ସମ୍ପର୍କରେ କର୍ମଶାଳା

ଭୁବନେଶ୍ୱର,୧୪/୨: ଓଡ଼ିଶା ଲୋକସେବା ଅଧିକାର ଆଇନ ୨୦୧୨ କାର୍ଯ୍ୟକାରିତା ସମ୍ପର୍କରେନୋଡାଲ ଅଫିସର, ମାଷ୍ଟର ଟ୍ରେନର ଓପଦନାମିତ ଅଧିକାରୀଙ୍କ ପାଇଁ କର୍ମଶାଳା ଗତକାଲି ବୁଧବାର ଲୋକସେବା ଭବନ ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଇନ୍ ରେ ଥିବା ବ୍ୟବସ୍ଥା ଅନୁସାରେ ସର୍ବସାଧାରଣଙ୍କୁ ଯେପରି ଉତ୍ତମ ଭାବେ ଉଦ୍ଦିଷ୍ଟ ସେବା ମିଳିପାରିବ ଏବଂ ଏହା ଦ୍ୱାରା କିପରି ଲୋକାଭିମୁଖୀ ଶାସନକୁ ସୁନିଶ୍ଚିତ କରାଯାଇପାରି, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଯୋଗଦେଇ କହିଲେ ଯେ, ଉଦ୍ଦିଷ୍ଟ ସେବାଗୁଡ଼ିକ ଯେପରି ସବୁଲୋକଙ୍କ ପାଖରେ ଠିକ୍ ଭାବରେ ପହଁଚିବ, ସେଥିପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ରହିଛି । ସେବା ପ୍ରଦାନରେ ଉତ୍ତରଦାୟିତ୍ୱ ଏବଂ ସରଳତା ଉପାୟ ସହ କାର୍ଯ୍ୟନିର୍ବାହ ସଂପର୍କରେ ସେ ଆଲୋଚନା କରି ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଚିହ୍ନଟ କରି ତାଲିକାଭୁକ୍ତ କରିବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳାଫଳ ଆଣିବାକୁ ସେ ପରାମର୍ଶ ଦେଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେବରଞ୍ଜନ କୁମାର ସିଂହ ଯୋଗଦେଇ ସେବା ପ୍ରଦାନରେ ବାଧା ସୃଷ୍ଟି କରୁଥିବା ଅନାବଶ୍ୟକ ଆଇନକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଥିବା ସଂପର୍କରେ ଉଦାହରଣ ଦେଇ ବୁଝାଇଥିଲେ ।ସାଧାରଣ ପ୍ରଶାସନ ଓ ସାଧାରଣ



ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ଯୋଗଦେଇ ସେବା ପ୍ରଦାନ ପ୍ରକ୍ରିୟାର ସରଳୀକରଣ ଏବଂ ଏଥିପାଇଁ ପ୍ରଯୁକ୍ତିବିଦ୍ୟାର ସକାରାତ୍ମକ ଭୂମିକା ରହିଥିବା ଉପରେ ଆଲୋକପାତ କରି ଅସୁବିଧାମୁକ୍ତ ସେବା ପ୍ରଦାନ ପାଇଁ ପ୍ରଶାସନିକ ସଂସ୍କାରର ଆବଶ୍ୟକତା ପ୍ରତି ପଦକ୍ଷେପ ନିଆଯାଉଥିବା ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭରଣ୍ଣମେଣ୍ଟ ଇନିସିଏଟିଭ(ସିଏମଜିଆଇ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ ସ୍ୱାଗତ ଭାଷଣ ଦେଇ କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଶାସନ ପ୍ରକ୍ରିୟାରେ ସରଳୀକରଣ ଏବଂ କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟାର ଭୂମିକା, ଓଆରଟିପିଏସ୍‌ଏର କାର୍ଯ୍ୟକାରିତା ସଂପର୍କରେ ସଚେତନତା ଏବଂ ଅଧିକାରୀମାନଙ୍କ ଦ୍ୱାରା ସେବା ପ୍ରଦାନ ବେଳେ ରହୁଥିବା ସମସ୍ୟା ଏବଂ ଆହ୍ୱାନ ଓ ସମାଧାନ ବିଷୟରେ ସେ ଆଲୋଚନା କରିଥିଲେ । ଉଚ୍ଚଶିକ୍ଷା ବିଭାଗରକମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଓଆରଟିପିଏସଏ ର କାର୍ଯ୍ୟକାରିତାରେ ବିଶ୍ୱବିଦ୍ୟାଳୟ ଏବଂ ଏନଏସଏସ ସ୍ୱେଚ୍ଛାସେବୀମାନେ ବ୍ୟାପକ ଭାବେ ସହାୟତା କରିପାରିବେ ବୋଲି ସେ ବିଷୟରେ ଆଲୋକପାତ କରିଥିଲେ । ପୂର୍ବତନ ସୂଚନା କମିଶନର ତଥା ସିଓ୍ୱାଇଏସଡିର ପ୍ରମୁଖ ପରାମର୍ଶଦାତା ଶ୍ରୀ ଜଗଦାନନ୍ଦ ଜନସେବାକୁ ତ୍ୱରାନ୍ୱିତ କରିବା ବିଷୟରେ ଆଲୋକପାତ କରିଥିଲେ ଏବଂ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ଶାସନକୁ ସୁନିଶ୍ଚିତ କରିବା ଦିଗରେ ସରକାର ଏବଂ ଲୋକଙ୍କ ମଧ୍ୟରେ ବିଶ୍ୱାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।ଉଦ୍ଘାଟନୀ ଅଧିବେଶନରେ ଜିଏ ଓ ପିଜି ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବବ୍ରତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଶ୍ରୀ ଜଗଦାନନ୍ଦଙ୍କ ସହଯୋଗରେ ଓଆରଟିପିଏସ୍‌ଏର ପ୍ରକଳ୍ପ ସଂଯୋଜକ ଶ୍ରୀ ପିନାକୀ ମହାନ୍ତିଙ୍କ ସଂଯୋଜନାରେ ଦ୍ୱିତୀୟ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଲୋକସେବା ଅଧିକାର ଅଧିନିୟମ କାର୍ଯ୍ୟକାରିତାରେ ପ୍ରଶିକ୍ଷଣ ନେଉଥିବା ଅଧିକାରୀମାନଙ୍କର ଭୂମିକା, ଆଇନର ଉଦ୍ଦେଶ୍ୟ ଏବଂ ସମୟସୀମା ମଧ୍ୟରେ ସେବା ପ୍ରଦାନ, ବିଳମ୍ବ ଏବଂ ସେବା ପ୍ରଦାନ ହେଉନଥିବା କ୍ଷେତ୍ରରେ ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା ଭଳି ଆଇନକୁ କାର୍ଯ୍ୟକାରୀ କରିବାର ଉପାୟ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ଆଇନ୍ ର କାର୍ଯ୍ୟକାରିତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଶ୍ରୀ ମହାନ୍ତି ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ଶେଷରେ ମୁଖ୍ୟ ଶାସନ ସଚିବଙ୍କ ଉପସଚିବ ଶ୍ରୀ ଅଂଶୁମାନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳଚେର ଓ ଫୁଲବାଣୀ ମେଡ଼ିକାଲ କଲେଜକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ସରକାରଙ୍କ ପ୍ରାଥମିକତା

ଭୁବନେଶ୍ୱର,୧୪/୨: ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଏବଂ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ଏହି ଦୁଇ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ସ୍ୱାସ୍ଥ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଆଶାତୀତ ଉନ୍ନତି ହେବା ସହ ସ୍ଥାନୀୟ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହେବେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ଏକ ବୈଠକରେ ଅଧ୍ୟକ୍ଷତା କରି ଏହି ଦୁଇ ଅନୁଷ୍ଠାନର ବିବିଧ ଆବଶ୍ୟକତାକୁ ତୁରନ୍ତ ପୂର୍ଣ୍ଣ କରିବା ନେଇ ସରକାରଙ୍କ ଲୋକାଭିମୁଖୀ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର କୋଠାବାଡ଼ିରୁ ଆରମ୍ଭ କରି ଯନ୍ତ୍ରପାତି ଯାଏଁ ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରିବା



ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନର ପ୍ରାଥମିକତା ହେଉଛି ୨୦୨୫-୨୬ ଶିକ୍ଷାବର୍ଷରେ ୧୦୦ ଜଣ ଡାକ୍ତରୀ ଛାତ୍ର-ଛାତ୍ରୀଙ୍କ ଆଡମିଶନ ପାଇଁ ଜାତୀୟ ମେଡିକାଲ କମିଶନଙ୍କ ଠାରୁ ଅନୁମତି ପାଇବା ଏବଂ ଯେତେ ଶୀଘ୍ର ସମ୍ଭବ ଏହି ଦୁଇ ଅନୁଷ୍ଠାନକୁ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବା । ଅନୁଗୋଳ ଓ କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଓ ଅନୁଷ୍ଠାନ ସହ ସଂପୃକ୍ତ ବରିଷ୍ଠ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରତି ସପ୍ତାହରେ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହା କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ସହିତ ଜାତୀୟ ମେଡିକାଲ କମିଶନଙ୍କ ନିୟମାବଳୀଙ୍କୁ ସୁନିଶ୍ଚିତ କରିବ । ଏହି ଦୁଇଟି ମେଡ଼ିକାଲ କଲେଜକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରି ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ସଂକଳ୍ପବଦ୍ଧ । ଜାତୀୟ ସ୍ୱାସ୍ଥ୍ୟ ମିଶନ (ଓଡିଶା)ର ନିର୍ଦ୍ଦେଶକ ଡା. ବୃନ୍ଦା ଡ଼ି, ଓଏସଏମସିଏଲର ପରିଚାଳନା ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍. ଅଖତର, କନ୍ଧମାଳ ଜିଲ୍ଲାପାଳ ଅମୃତ ଋତୁରାଜ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଡ. ଉଷାରାଣୀ ସାହୁ, ପବିତ୍ର ମୋହନ ପ୍ରଧାନ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. କୀର୍ତ୍ତିରେଖା ମହାପାତ୍ର, ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ନରେନ୍ଦ୍ର ବେହେରା, ଉଭୟ ଜିଲ୍ଲାର ସିଡିଏମ୍ଓ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଏହି ବୈଠକରେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ ।

# ବଲାଙ୍ଗୀର ଜିଲ୍ଲାର ଜଳସେଚନ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ବଲାଙ୍ଗୀର ଜିଲ୍ଲାର ଜଳସେଚନ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ।ବିଶେଷ କରି ଟକ୍କକ୍ତରକ୍ସ ଖବଭଷ୍ପଷ ଓକ୍ସକ୍ସସଶବ-ଷ୍ପସକ୍ଟଭ ପ୍ରୋଜେକ୍ଟର ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପର ଶିଳାନ୍ୟାସ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବଲାଙ୍ଗୀର ଗସ୍ତ ସମୟରେ ହୋଇଥିଲା । ଏହି ପ୍ରକଳ୍ପ ହେବା ଦ୍ୱାରା ସଂପୃକ୍ତ ଅଂଚଳରେ ଜଳସେଚନର ଅସୁବିଧା ରହିବ ନାହିଁ ଏବଂ ଏହାର ସର୍ବୋଚ୍ଚ ସୁଫଳ ଚାଷୀ ଭାଇ ଭଉଣୀ ପାଇବେ । ଏହି ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ମଧ୍ୟ ଯୋଗଦେଇଥିଲେ । ଜମି ଅଧିଗ୍ରହଣ, ଡ୍ୟାମ ତିଆରି, ଅଫିସ କାର୍ଯ୍ୟାଳୟ ଇତ୍ୟାଦିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ । ଏହି ପ୍ରକଳ୍ପର ଭୌଗଳିକ ରୂପରେଖ ନେଇ ବହୁ ଉପାଦେୟ ପରାମର୍ଶ ମଧ୍ୟ ପ୍ରଦାନ କରିବା ସହ ବିଶେଷକରି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସଫଳ ରୂପାୟନରେ ବାଧକ ସାଜୁଥିବା ଯେକୋ ?ଣସି ସମସ୍ୟା ଆପଣ ମାନେ ସିଧାସଳଖ ମୋ ସହ ଆଲୋଚନା କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ୨୦୨୭ ମସିହା ନଭେମ୍ବର ମାସ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବ ବୋଲି ଆକଳନ କରାଯାଇଛି । ଏହି ସମୀକ୍ଷା ବୈଠକରେ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜି ଇଶଲଓ୍ୱର, ଓଏଲଆଇସି ଏମଡି ଶ୍ରୀ ଆଲୋକ କର ଓ ଜଳସମ୍ପଦ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# ବର୍ଷକ ମଧ୍ୟରେ ଶ୍ରୀହୀନ ଶ୍ରୀଦାଣ୍ଡ

## ପାଦଚଲା ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ଓ ଜୋତା ଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହୋଇନି



ପୁରୀ: ନିର୍ମାଣର ମାତ୍ର ବର୍ଷକ ମଧ୍ୟରେ ଶ୍ରୀହୀନ ଦେଖାଯାଉଛି ଶ୍ରୀଦାଣ୍ଡ। ରାସ୍ତାର ବିଭିନ୍ନ ସ୍ଥାନରୁ ପେଭର ବ୍ଲକ ଉଠି ଯାଇଥିବାବେଳେ ପ୍ରକଳ୍ପରେ ଥିବା ପାଦଚଲା ରାସ୍ତା, ପାନୀୟ ଜଳ ବ୍ୟବସ୍ଥା ଏବଂ ଜୋତାଷ୍ଟାଣ୍ଡ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇପାରି ନାହିଁ। ରାସ୍ତା ପାର୍ଶ୍ୱରେ ଲାଗିଥିବା ଗଛ ରକ୍ଷଣାବେକ୍ଷଣ ଅଭାବରୁ ମରିବାକୁ ବସିଲାଣି। ଖଣ୍ଡେଲାଇଟ ପଥରରେ ତିଆରି ବିଭିନ୍ନ ମୂଲ୍ୟବାନ କଳାକୃତି ବିନା ପିଣ୍ଡିରେ ରାସ୍ତା ପାର୍ଶ୍ୱରେ ପଡ଼ି ରହିଛି ।ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ବର୍ଷ ସାରା ପ୍ରବଳ ଭିଡ଼ ଜମିଥାଏ। ରଥଯାତ୍ରା ବେଳେ ଶ୍ରୀକ୍ଷେତ୍ରର ସମସ୍ତ ଗଳିକନ୍ଦିରେ ଭିଡ଼ ପରିଲକ୍ଷିତ ହୁଏ। ଭିଡ଼ କମ୍ କରିବା ସହ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ନିକଟରେ ସୁବିଧାରେ ପହଞ୍ଚାଇ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀଦାଣ୍ଡ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପ୍ରାୟ ୪୦ଫୁଟ ଓସାର ଏବଂ ୭୫୦ମିଟର ଲମ୍ବ ରାସ୍ତା ଜଗନ୍ନାଥ ବଲ୍ଲଭ ବହୁତଳ ଯାନ ରହଣିସ୍ଥଳରୁ ଆରମ୍ଭ ହୋଇ ଦୋଳବେଦୀ କୋଣରେ ଶେଷ ହୋଇଥିଲା। ଏହି ରାସ୍ତା ପ୍ରକଳ୍ପ ୨ଥାକିଆ ହେବା ସହ ଉଭୟ ପାର୍ଶ୍ୱରେ ଗଛ ଲାଗିବା, ପଥଚାରୀଙ୍କ ପାଇଁ ୨ପାର୍ଶ୍ୱରେ ପାଦଚଲା ରାସ୍ତା ନିର୍ମାଣ, ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଏବଂ ଜୋତାଷ୍ଟାଣ୍ଡର ବ୍ୟବସ୍ଥା ରହିଥିଲା। ପ୍ରକଳ୍ପ ପାଇଁ ତତ୍କାଳୀନ ରାଜ୍ୟ ସରକାର ପ୍ରାୟ ୧୬କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ଏହି ରାସ୍ତା ନିର୍ମାଣ ଶେଷ ହେବା ପରେ ବଡ଼ ଦାଣ୍ଡରେ ଯାନ ରହଣି ପାଇଁ ଥିବା ଅବ୍ୟବସ୍ଥା ଦୂର ହେବା ସହ ଭିଡ଼କୁ ଅନେକ ମାତ୍ରାରେ ନିୟନ୍ତ୍ରଣ କରାଯାଇ ପାରିବା ଭଳି ବ୍ୟବସ୍ଥା ରହିଥିଲା। ବିଶେଷ କରି ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ବୀରହରେକୃଷ୍ଣପୁରଠାରୁ ୩୧୬ନଂ ଜାତୀୟ ରାଜପଥର ବାଇପାସ୍‌ରେ ଆସି ଶ୍ରୀଜଗନ୍ନାଥ ବଲ୍ଲଭ ଯାନ ରହଣିସ୍ଥଳରେ ଗାଡ଼ି ରଖି ଇଲେକ୍ଟ୍ରିକ୍ ଗାଡ଼ିରେ ମାତ୍ର ୧୦ମିନିଟ ମଧ୍ୟରେ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ବ୍ୟବସ୍ଥା କରାଯାଇଥିଲା। ଦର୍ଶନ ଶେଷ ହେବା ପରେ ଉତ୍ତର ଦ୍ୱାରରେ ପ୍ରସ୍ଥାନ କରି ପୁନର୍ବାର ଇଲେକ୍ଟ୍ରିକ୍ ଗାଡ଼ିରେ ବସି ଜଗନ୍ନାଥ ବଲ୍ଲଭ ଯାନ ରହଣିସ୍ଥଳରେ ପହଞ୍ଚି ନିଜ ଗନ୍ତବ୍ୟ ସ୍ଥଳକୁ ଯାଇ ପାରିବେ ବୋଲି ସ୍ଥିର କରାଯାଇଥିଲା ।ବର୍ତ୍ତମାନ ସୁଦ୍ଧା କେବଳ ରାସ୍ତା ନିର୍ମାଣ ଶେଷ ହୋଇଥିବା ବେଳେ ଅନ୍ୟ ସବୁ କାର୍ଯ୍ୟ କୌଣସି କାରଣ ପାଇଁ ଆରମ୍ଭ ହୋଇପାରି ନାହିଁ। ବର୍ଷକ ମଧ୍ୟରେ ରାସ୍ତାରେ ବିଛାଯାଇଥିବା ପେଭର ବ୍ଲକ ଉଠି ଯାଇ ଶ୍ରୀକ୍ଷେତ୍ରର ଶ୍ରୀଦାଣ୍ଡ ଶ୍ରୀହୀନ ଦେଖାଯାଉଛି। କେବଳ ୪୦ଫୁଟ ଓସାର ଏବଂ ୭୫୦ ମିଟର ଲମ୍ବ ରାସ୍ତା ନିର୍ମାଣକୁ ଛାଡ଼ିଦେଲେ ପଥଚାରୀଙ୍କ ପାଇଁ ପାଦଚଲା ରାସ୍ତା, ଡ୍ରେନେଜ ବ୍ୟବସ୍ଥା ଏବଂ ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ଆରମ୍ଭ ହୋଇପାରିନି। ଉଭୟ ପାର୍ଶ୍ୱରେ ଲାଗିବାକୁ ଥିବା ମୂଲ୍ୟବାନ ଗଛଗୁଡ଼ିକ ଗୋଟିଏ ସ୍ଥାନରେ ରଖାଯାଇଥିବାବେଳେ ରକ୍ଷଣାବେକ୍ଷଣ ଅଭାବରେ ମରିଯିବାକୁ ବସିଲାଣି। ଅନ୍ୟପକ୍ଷରେ ଖଣ୍ଡେଲାଇଟ୍ ପଥରରେ ନିର୍ମିତ ଅନେକ ମୂଲ୍ୟବାନ କଳାକୃତି ବିନା ପିଣ୍ଡିରେ ମାଟିରେ ପଡ଼ି ରହିଛି। ଏନେଇ ସ୍ଥାନୀୟ ଲୋକଙ୍କ ସମେତ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ଓଡ଼ିଶା ସେତୁ ନିର୍ମାଣ ନିଗମର ଯନ୍ତ୍ରୀ ଇଂ. ଗିରିଜା ନାୟକ କହିଛନ୍ତି, ବାକି ଥିବା କାର୍ଯ୍ୟ ପ୍ରମୋଦ ଉଦ୍ୟାନ ପ୍ରକଳ୍ପ ଆରମ୍ଭ ବେଳେ ଶେଷ କରାଯିବ।

# ଅକ୍ଷୟ ଶକ୍ତିରେ ୧ ବିଲିୟନ ଡଲାର ନିବେଶ

ଭୁବନେଶ୍ୱର,୧୪/୨: ଚିଲିର ଏଚଆଇଏଫ ଗ୍ଲୋବାଲ ଇଣ୍ଡିଆ ନାମକ ବହୁରାଷ୍ଟ୍ରୀୟ କମ୍ପାନୀ ଓଡ଼ିଶାର ଅକ୍ଷୟ ଶକ୍ତିରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଆଜି ଇ- ଫୁଏଲ ଉତ୍ପାଦନ ନେଇ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଆଗରେ ପ୍ରଦର୍ଶନ କରିଛନ୍ତି । ଆଜିର ସମୟରେ ବାୟୋ ଫୁଏଲର ବହୁତ ଚାହିଦା ରହିଛି । ପରିବେଶ ସୁରକ୍ଷା ସହ ଜୈବମଣ୍ଡଳର ସନ୍ତୁଳନ ରକ୍ଷା ନିମନ୍ତେ ଇ- ଫୁଏଲ ର ଆବଶ୍ୟକ ରହିଛି । ଏଚଆଇଏଫ ଗ୍ଲୋବାଲ ଇଣ୍ଡିଆ କମ୍ପାନୀ ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା, ଚିଲି, ଉରୁଗୁଏ, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ମିଥାନଲ ସିନଥେସିସ୍ କ୍ଷେତ୍ରରେ କାର୍ଯ୍ୟ କରୁଛି । ଓଡ଼ିଶାରେ ମଧ୍ୟ ଏହି ଭଳି ଏକ ୧୧ ବିଲିୟନ ଆମେରିକୀୟ ଡଲାରର ମିଥାନଲ ସିନଥେସିସ୍ ପ୍ରକଳ୍ପ ଆରମ୍ଭ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସରକାରୀ ପ୍ରଦତ୍ତ ନିୟମାବଳୀ ଅନୁସାରେ ନିବେଶ କରିବାକୁ ବହୁତ ସେ ପ୍ରସ୍ତୁତ ଅଛନ୍ତି । ଆବଶ୍ୟକ ଅନୁଯାୟୀ ୫୦ ଏକର ଜମି, ଜଳଯୋଗାଣ ଓ ବିଦ୍ୟୁତ ଯୋଗାଣ ଭଳି ଆନୁଷଙ୍ଗିକ ସୁବିଧା ଯୋଗାଇଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଓଡ଼ିଶା ବର୍ତ୍ତମାନ ନିବେଶ ପାଇଁ ଶତପ୍ରତିଶତ ଅନୁକୂଳ । ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଆମେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରସ୍ତୁତ ଅଛୁ । ଆମର ନିବେଶ ଅନୁକୂଳ ଏକକ ବାତାୟନ ବ୍ୟବସ୍ଥା ଅଛି । ଏହାର ବ୍ୟବହାର ମଧ୍ୟ ଆପଣମାନେ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାରମ୍ଭିକ କ୍ଷେତ୍ରରେ ୨୫୦ରୁ ଊର୍ଦ୍ଧ୍ୱ ଲୋକ ଓ ପରବର୍ତ୍ତୀ ସମୟରେ ୫୦୦ ରୁ ଊର୍ଦ୍ଧ୍ୱ ଲୋକ ରୋଜଗାର ପାଇବେ ବୋଲି ଆକଳନ କରାଯାଇଛି । ଏବଂ ବାର୍ଷିକ ୩,୫୦,୦୦୦ ଟନର ଇ-ମିଥାନଲ ଉତ୍ପାଦନ ହେବ । ୯୫ ପ୍ରତିଶତ କାର୍ବନ ନିର୍ଗମନ ହ୍ରାସ ପାଇବ । ଏହି ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ, ଇପିକଲ ଏମଡି ଶ୍ରୀ ଭୁପିନ୍ଦର ସିଂ ପୁନିଆ, ଟାଟା ପାଓ୍ୱାର ଓ ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

# ବିଷାକ୍ତ ମଦ କାରବାର ରୋକିବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୪/୨: ରାଜ୍ୟରେ ନୂଆ ଅବକାରୀ ନୀତି ୨୦୨୫-୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଜୀବନ ଓ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ କିମ୍ବା ଅସୁସ୍ଥତାକୁ ସରକାର କୌଣସି ପରିସ୍ଥିତିରେ ଗ୍ରହଣ କରିପାରିବେ ନାହିଁ । ଏହିଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିସମୂହଙ୍କୁ କଡ଼ା ଦଣ୍ଡବିଧାନ ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିଛି । ଏହି କ୍ରମରେ ସ୍ଥାନୀୟ ଫର୍ଚୁନ ଟାଓ୍ୱାରସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ନୀତି ୨୦୨୫-୨୬ ପ୍ରସ୍ତୁତି ବୈଠକରେ ଅନ୍ତର୍ଜାତୀୟ ସ୍ପିରିଟ ଆଣ୍ଡ ଓ୍ୱାଇନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ପ୍ରତିନିଧି ମଣ୍ଡଳି, ମଦ ପ୍ରସ୍ତୁତି ସଂଘର ସିଇଓ, ବିଦେଶୀ ମଦ ବିକ୍ରୟ ସଂଘର ପ୍ରତିନିଧି, ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘର କର୍ମକର୍ତ୍ତା, ଦେଶୀ ମଦ ଦୋକାନୀସମୂହ, ଇଥାନେଲ ଓ ମିଥାନେଲ୍ ପ୍ରସ୍ତୁତକାରୀଙ୍କ ସମେତ ପଞ୍ଚାୟତିରାଜ, ଶିଳ୍ପ, ପର୍ଯ୍ୟଟନ, ଉଦ୍ୟାନ କୃଷି ଏବଂ ଅର୍ଥ ବିଭାଗର ନୋଡ଼ାଲ ଅଧିକାରୀମାନଙ୍କୁ ନେଇ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ଏକ ସଶକ୍ତ ଇକୋସିଷ୍ଟମ୍ ବିକଶିତ କରି ଦାୟିତ୍ୱପୂର୍ଣ୍ଣ ମଦ୍ୟପାନକୁ ଗୁରୁତ୍ୱ ଦିଆଯିବା, ସମସ୍ତଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ, ରାଜସ୍ୱହାନି ହ୍ରାସ ନେଇ ବୈଠକରେ ଅଂଶୀଦାରମାନଙ୍କ ସହ ଆଲୋଚନା ହୋଇଥିଲା । ଏଥି ସହିତ ଦେଶୀ ଓ ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି, ମୂଲ୍ୟ ନିର୍ଦ୍ଧାରଣ, ଟିକସ ଢାଞ୍ଚାର ନବୀକରଣ, ବିଭିନ୍ନ ବିଭାଗ ସହ ସମନ୍ୱୟ, ସଡ଼କ ସୁରକ୍ଷା, ହୋଟେଲ ଶିଳ୍ପ, ବେଆଇନ ମଦକାରବାରରୁ ଦୂରେଇ ରଖିବା ନିମନ୍ତେ ନୂଆ ଜୀବନଜୀବିକା ସୃଷ୍ଟି ପାଇଁ କ'ଣସବୁ ପଦକ୍ଷେପ ନିଆଯାଇପାରିବ ସେଥିନେଇ ଆଲୋଚନା ହୋଇଥିଲା । ବୈଠକରେ ଅବକାରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍‌ଡ଼ି ଅମ୍ବର କର, ସିଜିଏମ୍ ମାନସ ସ୍ୱାଇଁ, ଜିଏମ୍ ସଞ୍ଜୟ ରାଉତଙ୍କ ସମେତ ବିଭିନ୍ନ ବିଭାଗର ନୋଡ଼ାଲ ଅଧିକାରୀ ଓ ଅଂଶୀଦାରମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଯୋଜନା ଓ ସଂଯୋଜନ ବିଭାଗ ଏବଂ ଟିସିଏଫ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୧୪/୨: ଓଡ଼ିଶା ସରକାରଙ୍କ 'ଯୋଜନା ଓ ସଂଯୋଜନ ବିଭାଗ' ଏବଂ 'ଦି କନଭରଜେନ୍ସ ଫାଉଣ୍ଡେସନ(ଟିସିଏଫ୍)', ମୁଖ୍ୟାଳୟ-ନୂଆଦିଲ୍ଲୀ ମଧ୍ୟରେ କର୍ମ ନିଯୁକ୍ତି ଏବଂ ଉତ୍ପାଦନକ୍ଷମ ରୋଜଗାର ସୃଷ୍ଟି( ଜବ୍ କ୍ରିଏସନ ଆଣ୍ଡ ପ୍ରଡକ୍ଟିଭ ଏମ୍ପଲ୍‌ଏମେଣ୍ଟ) ସଂପର୍କିତ ଏକ ବୁଝାମଣାପତ୍ର (ଏମଓୟୁ) ଆଜି ଲୋକସେବା ଭବନରେ ସ୍ୱାକ୍ଷରିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ରାଜ୍ୟସରକାରଙ୍କ ପକ୍ଷରୁ ଶିଳ୍ପବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ଟିସିଏ ଫରମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଆଶିଷ ଧାଓ୍ୱନଙ୍କ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହେବା ସହ ଏହି ସହଯୋଗକୁ ଆନୁଷ୍ଠାନିକ ରୂପ ଦିଆଯାଇଛି । ଏହି ବୁଝାମଣାପତ୍ରଦ୍ୱାରା ଓଡ଼ିଶା ସରକାରଙ୍କ ରହିଥିବା ବିଭିନ୍ନ ବିକାଶମୂଳକ ନୀତି ଏବଂ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ରଣନୈତିକ ସହାୟତା ଉପଲବ୍ଧ ହେବ, ଯାହା ରାଜ୍ୟର ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି ଆଭିମୁଖ୍ୟକୁ ଫଳପ୍ରସୂ କରିବ ।ଉତ୍ପାଦନ ଏବଂ ସେବାକ୍ଷେତ୍ରରେ ନିଯୁକ୍ତି ସୃଷ୍ଟି , କୃଷି ଉତ୍ପାଦକତା ଓ ଜୀବିକା ବୃଦ୍ଧି, ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ବିକଶିତ କରିବା, ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟର କୁଶଳୀ ପ୍ରତିଭାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟ ଏବଂ ରାଜ୍ୟ ବାହାରେ କର୍ମନିଯୁକ୍ତି ସୃଷ୍ଟି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ । କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ,ରାଜ୍ୟର ଦୃତ ଅର୍ଥନୈତିକ ଅଭିବୃଦ୍ଧିସହ ଅଧିକରୁ ଅଧିକ ରୋଜଗାର ସୃଷ୍ଟି ପାଇଁ ରାଜ୍ୟ ସରକାର ସକ୍ରିୟ ଭାବେ କାର୍ଯ୍ୟକରୁଛନ୍ତି। ଦୀର୍ଘମିଆଦୀ ନିରନ୍ତର ଅଭିବୃଦ୍ଧି ହାସଲ କରିବା ପାଇଁ ରାଜ୍ୟକୁ ତଥ୍ୟଭିତ୍ତିକ ବୈଷୟିକ ପରାମର୍ଶର ଆବଶ୍ୟକତା ରହିଛି, ଯାହାଦ୍ୱାରା ଅଭିବୃଦ୍ଧିପାଇଁଏକ ସାମଗ୍ରିକ ରୋଡ୍‌ମ୍ୟାପ୍‌ବିକଶିତ ହେବ । ଏଥିପାଇଁ ଟିସିଏଫ୍ ତରଫରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗ ମିଳିବ । କାର୍ଯ୍ୟକ୍ରମରେ



ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଏହି ବୁଝାମଣା ପତ୍ର ସ୍ୱାକ୍ଷରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି କହିଲେ ଯେ, ରାଜ୍ୟ ସରକାର ୨୦୩୬ସୁଦ୍ଧା ବିକଶିତ ଓଡ଼ିଶା ସହ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ରହିଥିବା ବନ୍ଦରଭିତ୍ତିକ ବିକାଶର ସୁଯୋଗ ସହ ରାଜ୍ୟର ଅଭିବୃଦ୍ଧି, କର୍ମ ନିଯୁକ୍ତି, ସମସ୍ତଙ୍କ ପାଇଁ ମୌଳିକ ସୁବିଧା, ସୁଶାସନ, ଗ୍ରାମ୍ୟ ଉନ୍ନୟନ ଭଳି ପ୍ରମୁଖ କ୍ଷେତ୍ରରେ ବିକାଶ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରିବା ସହିତ ଏହି ବୁଝାମଣା ପତ୍ର ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ । ଦି କନଭର୍ଜେନ୍ସ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଧାଓ୍ୱନ କହିଲେ ଯେ, ତାଙ୍କ ଅନୁଷ୍ଠାନ ଭାରତର ସାମାଜିକ-ଅର୍ଥନୈତିକ ବିକାଶର ନିର୍ଦ୍ଦିଷ୍ଟ କ୍ଷେତ୍ରସହ ବିଦ୍ୟାଳୟ ଶିକ୍ଷା ଏବଂ ଶାସନଠାରୁ ଆରମ୍ଭ କରି ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ଏବଂ ରପ୍ତାନି ପ୍ରତିଯୋଗିତା ପର୍ଯ୍ୟନ୍ତ କ୍ଷେତ୍ରଉପରେ ଗୁରୁତ୍ୱଦେଉଛି । ଟିସିଏଫର ସହଯୋଗୀଗଠନଗୁଡ଼ିକ ୧୩ରୁ ଅଧିକ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଅନେକ ମନ୍ତ୍ରାଳୟକୁ ସହଯୋଗିତା କରୁଛନ୍ତି । ସଂଗଠନ ଏହାର ସହଯୋଗୀ ସଂସ୍ଥା "ଫାଉଣ୍ଡେସନ୍ ଫର୍ ଇକୋନୋମିକ୍ ଡେଭଲପମେଣ୍ଟ (ଏଫଇଡି)", ଜରିଆରେ ଟେକ୍ସଟାଇଲ୍ ଓ ପୋଷାକ ଉତ୍ପାଦନ , ପର୍ଯ୍ୟଟନ ଓ ଶିଳ୍ପର ବିକାଶକୁ ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛି, ଯାହାକି ରାଜ୍ୟ ପାଇଁ ଲାଭଦାୟକ ହେବ । ଏହାର ଅନ୍ୟତମ ସହଯୋଗୀ"ପ୍ରସ୍ପରିଟି", ଗୃହ ନିର୍ମାଣ ଏବଂ ଶ୍ରମ ଏବଂକର୍ମଚାରୀ ରାଜ୍ୟ ବୀମା ବିଭାଗ ସହ କାର୍ଯ୍ୟକରୁଛନ୍ତି ଯାହା ଶ୍ରମନିୟମାବଳୀପ୍ରଣୟନ ଓସଂସ୍କାରରେସହାୟକ ହୋଇପାରିବ । ସେହପରି ଏହାର ଅନ୍ୟ ଏକ ସହଯୋଗୀ "ଏସଏସଏ" କ୍ରୀଡ଼ାନୀତି ଓ ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ବିକାଶ ଲକ୍ଷ୍ୟ ହାସଲରେ ଉଲ୍ଲେଖନୀୟ ସହାୟତା ଦେବ । ସେହିପରି ଅନୁଷ୍ଠାନର ଅନ୍ୟ ଏକ ସହଯୋଗୀ "ଉଦୈତି" ମହିଳା ଅର୍ଥନୈତିକସଶକ୍ତୀକରଣ (ଡବ୍ଲ୍ୟୁଇଇ) ସୂଚକାଙ୍କ ପ୍ରସ୍ତୁତ କରିବା ଏବଂ ସେମାନଙ୍କ କାର୍ଯ୍ୟର ପ୍ରକୃତ ପରିସର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ମହିଳା ଓ ଶିଶୁ ବିଭାଗସହ କାର୍ଯ୍ୟ କରୁଛନ୍ତି । ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାପରେ ଟିସିଏଫ ଏବଂ ଏହାର ସହଯୋଗୀ ସଂଗଠନ ଗୁଡିକ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି , ଅନ୍ତର୍ଭୁକ୍ତି ବିକାଶ ଏବଂ ନିଯୁକ୍ତି ସୃଷ୍ଟିକରିବା ପାଇଁ ଚିହ୍ନଟ ହୋଇଥିବା ବିଭାଗ ଗୁଡିକ ସହିତ ସେମାନଙ୍କର ସହଯୋଗକୁ ତ୍ୱରାନ୍ୱିତ କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ଶକ୍ତି ବିଭାଗ ଶାସନ ପ୍ରମୁଖ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ, କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ, ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ ଏବଂ ଗୃହ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ, ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବଙ୍କ ସମେତ ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଟିସିଏଫର ବିଭିନ୍ନ ଶାଖାର କର୍ମକର୍ତ୍ତାମାନେ ଯୋଗଦେବା ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅଜଣା ଗାଡି ଧକ୍କାରେ ତିନି ମୃତ

ମୟୂରଭଞ୍ଜ , ୧୪/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ତିନିଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଉକ୍ତ ଥାନା ଅଧୀନ ଧାତିକା ଗ୍ରାମର ବିପିନ ଦେଓ,ରବୀନ୍ଦ୍ର ଦେଓ ଓ ବାଦଲ ନାଏକ ଉକ୍ତ ଥାନା ଅଧୀନ ବାଘଡା ପଞ୍ଚାୟତର ସିଙ୍ଗଡା ଭୀମ ମେଳା ଦେଖିବାକୁ ଏକ ବାଇକ ଯୋଗେ ଯାଇଥିଲେ । ତେବେ ଅପରାହ୍ନ ୫.୩୦ ମିନିଟ ସମୟରେ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଦିମିଆ ଗାଁ ନିକଟରେ ଏକ ଅଜଣା ଗାଡି ଧକ୍କା ଦେବାରୁ ତିନି ଜଣ ବାଇକରୁ ଛିଟିକି ପଡିଥିଲେ ଏବଂ ଉକ୍ତ ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି ବୋଲି କହିଛନ୍ତି ଶୁଳିଆପଦା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା । ତେବେ ଘଟଣାସ୍ଥଳରେ ଥାନା ଅଧିକାରୀ ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଯାହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

# ଆପ୍ ଦିଲ୍ଲୀରେ ହେଇଗଲା ସାଫ୍ : ସରୋଜ ସାବତ



ବ୍ରହ୍ମପୁର,୧୪/୨ (ନି.ପ୍ର): ଦିଲ୍ଲୀର ଐତିହାସିକ ବିଜୟ ପରିପ୍ରେକ୍ଷୀରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ବ୍ରହ୍ମପୁର ଗାନ୍ଧୀ ନଗର ଛକ ଠାରେ ବିଜୟ ଉତ୍ସବ ମନାଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଯେଉଁଭଳି ଭାବରେ ଦିଲ୍ଲୀକୁ ଭାରତୀୟ ଜନତା ପାର୍ଟି ଦଖଲ କରିଛି । ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ ସୁଶାସନ ଦେବାକୁ ଯାଉଛି ତାର ପରିପ୍ରେକ୍ଷିରେ ଏକ ବିଜୟ ଉତ୍ସବ ପାଳନ କରାଯାଇଛି । ଏହି ବିଜୟ ଉତ୍ସବରେ ମୁଖ୍ୟତଃ କୁହାଯାଇଛି ଯେ ଯେଉଁଭଳି ଭାବରେ ୧୨ ବର୍ଷ ଧରି ଆପ୍ ସରକାର କୌଣସି ବି ବିକାଶ ନକରି କେବଳ ମିଛ ଉପରେ ମିଛ ପ୍ରତାରଣା ଦେଇ ଦିଲ୍ଲୀ ବାସୀଙ୍କୁ ଯେଉଁ ନିର୍ଯାତନା ଦେଇଥିଲା । ତାର ବିରୁଦ୍ଧରେ ଦିଲ୍ଲୀବାସୀ ଯେଉଁ ଜନାଦେଶ ଦେଇଛି ତାହା ନିଶ୍ଚିତ ଭାବେ ଐତିହାସିକ ଏବଂ ୧୨ ବର୍ଷ ପରେ ଯେଉଁଠାରୁ ଆମ୍ ଆଦମୀ ପାର୍ଟି ନିଜର ରାଜନୈତିକ ଭବିଷ୍ୟତ ଆରମ୍ଭ କରିଥିଲା ୧୨ ବର୍ଷ ପରେ ଏହି ଦଳକୁ ଦିଲ୍ଲୀବାସୀ ପ୍ରତ୍ୟାକ୍ଷାନ କରିଛନ୍ତି । ଏହି ପରିପ୍ରେକ୍ଷିରେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀ ବାସୀଙ୍କୁ ସୁଶାସନ ଦେବ ବୋଲି ସେମାନଙ୍କର ଆଶା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସୁଶାସନ ଏବଂ ଦୁର୍ନୀତି ମୁକ୍ତ ସରକାର ଉପରେ ଲୋକଙ୍କ ଯେଉଁ ଭରସା ରହିଛି ଆପ୍ ସରକାରକୁ ଯେଉଁଭଳି ଭାବେ ସାଫ୍ କରିଛନ୍ତି ଏହା ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ପାଇଁ ଗୌରବର ବିଷୟ ବୋଲି ଜିଲ୍ଲା ସଭାପତି ସରୋଜ ସାବତ ଉଲ୍ଲେଖ କରିଛନ୍ତି । ବିଜେପିର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଦିଲ୍ଲୀର ପ୍ରଭାରୀ ହିସାବରେ ଯେଉଁ ରଣକୌଶଳ ନିର୍ମାଣ କରିଥିଲେ ତାର ବିଜୟ ସ୍ୱରୂପ ଆଜି ଦିଲ୍ଲୀକୁ ଭାରତୀୟ ଜନତା ପାର୍ଟି ଦଖଲ କରିଛି । ଗୋଟିଏ ଓଡ଼ିଆ ପୁଅର ରଣକୌଶଳରେ ଯେତେବେଳେ ଦେଶର ରାଜଧାନୀ ଦିଲ୍ଲୀରେ ବିଜୟୀ ହୁଅନ୍ତି ସେତେବେଳେ ପ୍ରତ୍ୟେକ ଓଡ଼ିଆ କାର୍ଯ୍ୟକର୍ତ୍ତାଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଆଜି ବି ଏହି କ୍ରମରେ ବ୍ରହ୍ମପୁରର କର୍ମକର୍ତ୍ତାଙ୍କ ମନରେ ଉତ୍ସାହର ଲହରୀ ଖେଳିଯାଇଛି । ଯାହା ଫଳରେ ମିଷ୍ଟାନ ବାଣ୍ଟିବା ସହ ବାଣ ଫୁଟାଇ ଆତଶବାଜି କରି ଦଳୀୟ କାର୍ଯ୍ୟକର୍ତ୍ତା ମାନେ ବିଜୟ ଉତ୍ସବ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ପ୍ରଭାତ କିରଣ ଷଡ଼ଙ୍ଗୀ,ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ୍ ପାତ୍ର,ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶିବ ଶଙ୍କର ନାୟକ,ଜିଲ୍ଲା ସାଧାରଣ ସମ୍ପାଦକ ସୋମନାଥ ପାତ୍ର,କେ.ରବି ରାଓ,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ବିଜେପି ନେତା ତଥା ଆଇନଜୀବି କୁଞ୍ଜବିହାରୀ ପଣ୍ଡା,ଜିଲ୍ଲା ସମ୍ପାଦକ କମଳ ପାତ୍ର,କିଶୋର କୁମାର ସାହୁ,ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଶକ୍ତି ପଟ୍ଟନାୟକ,ଅଖିଳ ବେହେରା,ଅମର ସାହୁ,ଶକ୍ତି ପଟ୍ଟନାୟକ,ଶିରିଡ଼ି ବିକ୍ରମ,ଶୀତଲ ଜେନା,ଦେବୁନ୍ ପଟ୍ଟନାୟକ,ସୁମିତ ପାତ୍ର,ବାଲକୃଷ୍ଣ ରେଡ୍ଡି,କୃଷ୍ଣ ପୋଲାଇ,ଲିପୁନ ପଟ୍ଟନାୟକ,ମନୋଜ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଦିଲ୍ଲୀ ବିଜୟ ପରେ ବୌଦ୍ଧ ଜିଲ୍ଲା ରେ ବିଜେପି ଉତ୍ସବ ମୁଖର



ବୌଦ୍ଧ,୧୪/୨ (ନି.ପ୍ର): ଦିଲ୍ଲୀରେ ବିଜେପି ର ଅଭୁତପୂର୍ବ ବିଜୟ ପରେ ଉତ୍ସବ ମୁଖର ହୋଇପଡିଛି ଓଡିଶା । ସେହପରି ବୌଦ୍ଧ ଜିଲ୍ଲା ର ଦୁଇ ନିର୍ବାଚନ ମଣ୍ଡଳୀ କଣ୍ଟାମାଲ ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀ ରେ ଶତାଧିକ ବିଜେପି କର୍ମୀ ମାନେ ଏକତ୍ରିତ ହୋଇ ବିଜୟ ଉତ୍ସବ କୁ ମନାଇଛନ୍ତି । ସେହିପରି ପୁରୁଣା କଟକରେ ବରିଷ୍ଠ ବିଜେପି ନେତା ସୁବାସ ପ୍ରଧାନ ଙ୍କ ନେତୃତ୍ୱ ରେ ବିଜେପି କର୍ମୀ ମାନେ ବାଣ ଫୁଟାଇ, ମିଠା ଖୁଆଇ ବିଜୟ ଉତ୍ସବ କୁ ମନାଇ ଥିବା ଦେଖିବାକୁ ମିଳିଛି । ଏହି ଉତ୍ସବ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ବିନୋଦ ପ୍ରଧାନ, ସନ୍ତୋଷ ପ୍ରଧାନ, ନିହାର ରଂଜନ ମହାନନ୍ଦିଆ, କୈଳାଶ ଅଗ୍ରୱାଲ, ଧିରେନ ପ୍ରଧାନ, ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ତୁଷୁରା ରେ ମିଳୁଛି ନକଲି ହିରୋ ସ୍ପିଆର ପାର୍ଟ୍ସ ଏବଂ କିଛି କମ୍ପାନୀର ନକଲି ମୋବିଲ

ତୁଷୁରା, ୧୪/୨ (ନି.ପ୍ର): ଯେଉଁମାନେ ହିରୋ ମଟର ସାଇକେଲ ରଖିଛନ୍ତି ଏବଂ ମଟର ସାଇକେଲ ରିପିଆରିଙ୍ଗ କରିବା ସମୟରେ ତୁଷୁରାର ବିଭିନ୍ନ ଦୋକାନ ମାନଙ୍କରେ ଅର୍ଜିନାଲ ବୋଲି ପାର୍ଟ୍ସ ଲଗାଉଛନ୍ତି ଟିକେ ସାବଧାନ ହୋଇଯାଆନ୍ତୁ। କାହିଁକି ନା ହିରୋର ଅସଲି ଖୋଲ ଭିତରେ ନକଲି ପାର୍ଟ୍ସ ଥିବା ଅଭିଯୋଗ ହୋଉଛି। ଏବଂ ତାହା ଦେଖିବାକୁ ଅର୍ଜିନାଲ ପରି ଦିଶିବ। ଆପଣ ଗ୍ରାହାକ ମାନେ ଗାଡି ଠିକ ସେ ଚାଲିବ ଭାବି ସେହି ନକଲି ପାଟ୍ସ କୁ ଅସଲି ଦାମରେ କିଣି ଗାଡିରେ ଲଗାଇ ଠକେଇର ଶିକାର ହେଉଛନ୍ତି ।କିଛି ଦୋକାନି ଗ୍ରାହାକ ମାନଙ୍କୁ ଏପରି ଭାବେ ଠକି ଠକି ବର୍ତ୍ତମାନ କଳାଟଙ୍କା ପାହାଡ଼ ଉପରେ ରହି ଜିରୋ ରୁ ହିରୋ ହୋଇଯାଇଛନ୍ତି। କିନ୍ତୁ ତୁଷୁରା ସହରରେ ଆଜି ପର୍ଯ୍ୟନ୍ତ ହିରୋ କମ୍ପାନୀ ତରଫରୁ କି ଜିଲ୍ଲା ପ୍ରଶାସନ ତରଫରୁ ଯାଞ୍ଚ କରାଯାଉନଥିବାରୁ ଖୁଲମଖୁଲା ନକଲି ସ୍ପିଆର ପାଟ୍ସ ବିକ୍ରି ଚାଲୁଛି। ଏବଂ ବାଇକ ରେ ଭର୍ତ୍ତି କରାଯାଉଥିବା ବିଭିନ୍ନ କମ୍ପାନୀ ନାମରେ ନକଲି ମୋବିଲ ମଧ୍ୟ ତୁଷୁରା ସହରରେ ମିଳୁଛି ବୋଲି ଅନେକ ଥର ଗଣ ମାଧମରେ ଖବର ପ୍ରକାଶିତ ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ଯାଞ୍ଚ ମଧ୍ୟ ହୋଇନାହିଁ। ଅପରପକ୍ଷରେ ହିରୋ କମ୍ପାନୀ ତରଫରୁ ପାଟ୍ସ ବିକ୍ରି କରିବାକୁ ଶୋରୁମ ଖୋଲା ଯାଇଥାଏ।ଏବଂ ତାହା ସାଧାରଣ ଦୋକାନ ମାନଙ୍କରେ କିପରି ଭାବରେ ବିକ୍ରି ହୋଇପାରୁଛି ।ଯେଉଁ ହିରୋ ପାଟ୍ସ ସାଧାରଣ ଦୋକାନ ମାନଙ୍କରେ ମିଳୁଛି ତାହା କେଉଁଠୁ ଆସୁଛି ତାର ତଦନ୍ତ କରିବା ଜରୁରି ହୋଇପଡିଛି ।

ଏବଂ ବର୍ଷ ବର୍ଷଧରି ବେନିୟମ ଭାବରେ ଯଦି ଗ୍ରାହାକ ମାନଙ୍କୁ ନକିଲ ସାମାନ ବିକ୍ରି କରି ନିର୍ମଳ ଭାବମୂର୍ତ୍ତି ଧରିଥିବା ଠକମାନେ କୋଟିପତି ହୋଇପାରିଛନ୍ତି। ତାର ତଦନ୍ତ କରିବା ପାଇଁ ଜିଲ୍ଲା କଞ୍ଜୁମର ଫୋରମ ଅଧିକାରୀ ଯାଞ୍ଚ କରୁବୋଲି ତୁଷୁରା ଅଞ୍ଚଳବାସୀ ଦାବି କରୁଛନ୍ତି।

# ଦିଲ୍ଲୀ ବିଜୟ ପରେ କୋଦଳା ବିଜେପି ଉତ୍ସବ ମୁଖର



କୋଦଳା,୧୪/୨ (ନି.ପ୍ର): ଦିଲ୍ଲୀରେ ବିଜେପିର ଅଭୁତପୂର୍ବ ବିଜୟ ପରେ ଉତ୍ସବ ମୁଖର ହୋଇପଡିଛି ସାରା ଓଡିଶା । ସେହପରି ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଶତାଧିକ ବିଜେପି କର୍ମୀ ଏକତ୍ରିତ ହୋଇ ବିଜୟ ଉତ୍ସବକୁ ମନାଇଛନ୍ତି । ଆତସବାଜି ଫୁଟାଇବା ସହ ମିଠା ଖୁଆଇ ପରସ୍ପର ସହିତ ଖୁସି ମନାଇଛନ୍ତି ବିଜେପି ନେତା ଓ କର୍ମୀ । ସେହିପରି କୋଦଳା ଏନଏସି ରେ କୋଦଳା ଅଧ୍ୟକ୍ଷ ଶ୍ରୀ ସୂର୍ଯ୍ୟ ନାରାୟଣ ନାୟକଙ୍କ ନେତୃତ୍ୱରେ ବରିଷ୍ଠ ବିଜେପି ନେତା ଚିତ୍ରସେନ ପରିଡା, ଯୁବନେତା ଭଗବାନ ସ୍ୱାଇଁ ଙ୍କ ପ୍ରମୁଖ ମୁଖ୍ୟ ରାସ୍ତାରେ ବାଣ ଫୁଟାଇ, ମିଠା ଖୁଆଇ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହା ସହ ଦିଲ୍ଲୀରେ ଅହଙ୍କାର ଓ ଗର୍ବ ର ବିଲୟ ଘଟିଛି ବୋଲି କହିଥିଲେ ଅଧ୍ୟକ୍ଷ ଶ୍ରୀ ନାୟକ । ଏହି ଉତ୍ସବରେ ଅଚ୍ୟୁତ ସାହୁ, ସନ୍ତୋଷ ମିଶ୍ର, ବିଭୁ ନନ୍ଦନ ମହାପାତ୍ରଙ୍କ ସମେତ ବିଜେପି ର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥା ଘେରରେ ନୂଆପଡା ଚିକିତ୍ସାଳୟ : ଭଗବାନଙ୍କ ଭରସାରେ ଅଂଚଳବାସୀ



ନୂଆପଡା୧୪/୨ (ନି.ପ୍ର):ଦୀର୍ଘ ୮୦ବର୍ଷ ହେବ ପ୍ରତିଷ୍ଠିତ ହୋଇ ରୋଗୀଙ୍କୁ ସେବା ଯୋଗାଉଥିବା ନୂଆପଡା ଚିକିତ୍ସାଳୟ ର ବିକଳଚିତ୍ର ସରକାରଙ୍କ ରୋଗୀସେବା ବିଫଳ ପାଲିଟିଥିବା ପ୍ରମାଣିତ କରିଦେଉଛି। ବିନା ଡ଼କ୍ଟର, ବିନା ଫାର୍ମାସିଷ୍ଟ , ବିନା ନର୍ସ ,ବିନା ଆଟେଣ୍ଡେର ଏପରିକି ବିନା ସଫେଇ କର୍ମଚାରୀ ରେ ଚାଲୁଛି ଏହି ମେଡିକାଲ । ପ୍ରାୟ ଆଖପାଖ ୫୦ଖଣ୍ଡ ଗ୍ରାମର ହଜାର ହଜାର ଲୋକ ନିଜ ସ୍ୱାସ୍ଥ୍ୟ ସମସ୍ୟା ନିମନ୍ତେ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବେଳେ ଉପଯୁକ୍ତ କର୍ମଚାରୀ ଅଭାବରୁ ଏକ ପ୍ରକାର ରୋଗୀସେବା ଠପ ହୋଇଯାଇଥିବା ଲକ୍ଷ୍ୟ କରାଯାଉଛି। ନାମକୁ ମାତ୍ର ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଯିଏକି ଅନ୍ୟ ଏକ ଘରୋଇ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତି ପାଇ ଲୋକଲଜ୍ୟା ଦୂର ନିମନ୍ତେ ଖୋଲି ବସି ରହୁଥିବା ସୂଚନା ମିଳିଛି। ସରକାର ଲୋକଙ୍କ ସ୍ୱାସ୍ଥ୍ୟ ନିମନ୍ତେ କୋଟିକୋଟି ଟଙ୍କା ରାଜକୋଷରୁ ଖାଲି କରୁଥିବା ବେଳେ ବିଭିନ୍ନ ପ୍ରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରୁଥିବା ବେଳେ ଗ୍ରାଉଣ୍ଡ ଜିରୋ ର ବିକଳ ନକ୍ସା ଏଠି ଜଳ ଜଳ ଦୃଶ୍ୟମାନ ହେଉଛି ।ପ୍ରତେକ ଦିନ ଶହ ଶହ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ନ ପାଇ ଏବଂ ଏହି ଚିକିତ୍ସାଳୟ ଉପରେ ଭରସା ଯୋଗ୍ୟ ନ ହୋଇ ଦୂର ଦୂରାନ୍ତ ମେଡିକାଲ କୁ ଅଯଥା ମାନସିକ, ଶାରୀରିକ ଓ ଆର୍ଥିକ ଯନ୍ତ୍ରଣା ପାଇ ବି ଯିବାକୁ ବାଧ ହେଉଛନ୍ତି ।ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଗଲେବି ଜଣେ ଅନ୍ୟ ଜଣକୁ ଦୋଷାରୋପ ଦେଇ ଖସିଯିବାକୁ ବସିଛନ୍ତି, ଏପରିକି ସେମାନଙ୍କ ଅସହାୟତା ଜଳଜଳ ଦୃଶ୍ୟମାନ ହେଉଥିବା ଲକ୍ଷ୍ୟ କରାଯାଉଛି ।ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ଭିତ୍ତି ସରଞ୍ଜନା ନିମନ୍ତେ ଆସୁଥିବା ବେଳେ,ତଦନ୍ତ ବିହୀନ ଯୋଗୁଁ ଏହାର ଉନ୍ନତି ପରିଲିକ୍ଷିତ ନ ହେଉଥିବା ସ୍ଥାନୀୟ ବାସିନ୍ଦା ଗଣମାଧମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଏପରିକି କୋଟି କୋଟି ଟଙ୍କା ବିନିମୟରେ ନୂଆରେ ତିଆରି ହେଉଥିବା କୋଠା କାହା ପାଇଁ? ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏଣୁ ସରକାରଙ୍କୁ ଅନୁରୋଧ କରାଯାଉଛି ଏହିକିଯେ ଯଥାଶୀଘ୍ର ଖାଲିପଡିଥିବା ସମସ୍ତ କର୍ମଚାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି ଦେଇ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରାଯାଉ, ନଚେତ ଆଗକୁ ଅନ୍ୟ କୌଣସି ପନ୍ଥା ଆପଣେଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଲେ ସରକାର ହିଁ ସେଥିପ୍ରତି ଦାୟୀ ରହିବେ।

# ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ୩ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ। ସୂଚନା ଅନୁଯାୟୀମାୟ ସଙ୍ଗଠନ ଧୀରେ ଧୀରେ ଦୁର୍ବଳ ହେଉଥିବା ବେଳେ ମାଓ ସଙ୍ଗଠନ ଛାଡି ସାଧାରଣ ଜୀବନ ଜାପନ ପାଇଁ ଅନେକ ମାଓବାଦୀ ବର୍ତ୍ତମାନ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଏହି କ୍ରମରେ ଛତିଶଗଡର ନାରାୟଣପୁର ଜିଲ୍ଲାରେ ଆଜି ରୈନୁ ଉସେଣ୍ଡି, ମୈନୁ ଭଡ୍ଡା, ସାନୁ ଉସେଣ୍ଡି, ନାମକ ୩ ଜଣ ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରିଛନ୍ତି। ନାରାୟଣପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନ ଏବଂ ବିକାଶମୂଳକ କାର୍ଯ୍ୟ ସହ ମାଓ ସଂଗଠନ ପ୍ରତି ମୋହଭଙ୍ଗ, ନିରାଶା ଏବଂ ଆଭ୍ୟନ୍ତରୀଣ ମତଭେଦ ଯୋଗୁଁ ଏହି ମାଓବାଦୀ ମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ ପରେ, ସମସ୍ତ ମାଓବାଦୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାସୀ ପ୍ରଦାନ କରାଯାଇଥିବା ବେଳେ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ବସ୍ତା ୧୪/୨ (ନି.ପ୍ର): ବ୍ଲକ ରଘୁନାଥପୁର ପଞ୍ଚାୟତ ଅଧିନସ୍ଥ ଗୋସେଇଁ ପାଟଣା ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ଶ୍ରୀ ସୁନୀଲ କୁମାର ବେହେରା ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ତାଙ୍କର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପାତ୍ର ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା ଓଷ୍ଟାର ପୂର୍ବତନ କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, ବରେଣ୍ୟ ଅତିଥି ଭାବେ ବେଲି କ୍ଲଷ୍ଟର ସିଆରସିସି ତନଞ୍ଜୟ ପାଣିଗ୍ରାହୀ,ପ୍ରାକ୍ତନ ସିଆରସିସିନିତ୍ୟାନନ୍ଦ ପ୍ରଧାନ, ସେକ ମୁସଲିମ,ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ମିଶ୍ର, ସୁଶାନ୍ତ ମିଶ୍ର, ରଜନୀ କାନ୍ତ ଘଡ଼ାଇ, ଶିକ୍ଷକ ଅଜୟ କୁମାର ସେଠୀ, ପ୍ରହ୍ଲାଦ କୁମାର ବାରିକ, ସମାଜସେବୀ ଯୁଗେଶ୍ୱର ଜେନା, ନାୟେବ ସରପଞ୍ଚ ବାସନ୍ତୀ ଜେନା, ପରିଚାଳନା କମିଟି ଅଧ୍ୟକ୍ଷ ସରୋଜ ପାତ୍ର ପ୍ରମୁଖ ଯୋଗ ଦେଇ ଅବସର ପ୍ରାପ୍ତ ଶିକ୍ଷକ ସୁନିଲ କୁମାର ବେହେରାଙ୍କ ନୀତି,ଆଦର୍ଶ, ତ୍ୟାଗ, ସମୟାନୁବର୍ତିତା, ଛାତ୍ର ବତ୍ସଳ ଏବଂ ସ୍ୱଳ୍ପ ଦରମାରେ ଶିକ୍ଷାଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷକ ଚିନ୍ମୟ କୁମାର ନନ୍ଦ ବେଦ ପାଠ କରିଥିବା ବେଳେ ଶିକ୍ଷକ ଶିବ ଶଙ୍କର ଜେନା ମଞ୍ଚ ଆହ୍ୱାନ, ଅତିଥି ପରିଚୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିଲ୍ଲୀରେ ସ୍ୱତନ୍ତ୍ର ଅତିଥି ହେଲେ ବନ୍ୟଜନ୍ତୁ ପ୍ରେମୀ ଗଗନ



ବଣାଇଁ,୧୪/୨ (ନି.ପ୍ର): ବଣାଇଁ ବନଖଣ୍ଡରେ ବନ୍ୟଜନ୍ତୁ ପ୍ରେମୀ ଭାବେ ବେଶ ପରିଚିତ ଗଗନ ଦିଲ୍ଲୀରେ ଅନୁଷ୍ଠିତ ୭୬ ତମ ଗଣତନ୍ତ୍ର ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରିତ ହୋଇ ସମ୍ମାନିତ ହୋଇଛନ୍ତି। ଭାରତ ସରକାର ଗଣତନ୍ତ୍ର ଦିବସ ଉତ୍ସବରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ଉତ୍ସର୍ଗୀକୃତ ସେବକ ଓ ସେବିକା ମାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଆମନ୍ତ୍ରଣ କରି ଜନସାଧାରଣଙ୍କ ମଧ୍ୟରେ ଜାଗୃତି ସୃଷ୍ଟି କରିଛନ୍ତି ।ସାରା ରାଜ୍ୟରୁ ଏଥି ପାଇଁ ଚାରିଜଣ ମନୋନୀତ ହୋଇଥିବା ବେଳେ ବଣାଇଁ ବନଖଣ୍ଡ ରୁ ଗଗନ ନାୟକ ଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ବନଖଣ୍ଡ ତରଫରୁ ଅଧିକାରୀ ଲଳିତ କୁମାର ପାତ୍ର, ରାଉରକେଲା ମଣ୍ଡଳ ମୁଖ୍ୟ ବନ ସଂରକ୍ଷକ ଏବଂ ପରିଶେଷରେ ରାଜ୍ୟ ସରକାର ସୁପାରିଶ କରିଥିଲେ। ବଣାଇଁ ବନଖଣ୍ଡ ଜର୍ଡା ରେଞ୍ଜ ଅନ୍ତର୍ଗତ କଂସର ଗ୍ରାମ ର ଗଗନ ନାୟକ (୨୭) ୨୦୧୮ ମସିହା ଠାରୁ ଜର୍ଡା ରେଞ୍ଜ ରେ ବନ୍ୟଜନ୍ତୁ ସଂରକ୍ଷଣ ସ୍କ୍ୱାର୍ଡ ଭାବେ କାର୍ଯ୍ୟ କରି ଆସୁଛନ୍ତି। ରାତ୍ରୀକାଳୀନ ପେଟ୍ରୋଲିଂ, ବେଆଇନ ଗଛ କଟା, ଏବଂ ବିଶେଷ ଭାବେ ହାତୀର ଗତିବିଧି ଲକ୍ଷ୍ୟ କରି ସେମାନଙ୍କ ସୁରକ୍ଷା ଦିଗରେ ଉତ୍ସର୍ଗିକୃତ ଭାବେ କାର୍ଯ୍ୟ ଚଳାଇ ଆସୁଛନ୍ତି। ତାଙ୍କରି ଏହି ଅବଦାନ ପାଇଁ ବିଶ୍ୱ ହସ୍ତୀ ଦିବସରେ ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସେ ଗଜ ଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି ।ବନ ଓ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସ୍ୱତନ୍ତ୍ର ଓ ପ୍ରଶଂସନୀୟ ହୋଇଥିବାରୁ ତାଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ଦିଲ୍ଲୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯାଇଥିଲା। ଏଥିପାଇଁ ବଣାଇଁ ବନଖଣ୍ଡ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଯକ୍ଷ୍ମା ରୋଗ ସଚେତନତା ଶିବିର

ବସ୍ତା ୧୪/୨ (ନି.ପ୍ର): ଜନସାଧାରଣଙ୍କ ମଧ୍ୟରେ ଯକ୍ଷ୍ମା ରୋଗ ସଂକ୍ରାନ୍ତରେ ଜନସଚେତନତା ଉଦେଶ୍ୟରେ ଅମର୍ଦ୍ଦା ରୋଡ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ଓ ଅମର୍ଦ୍ଦାରୋଡ ବ୍ୟାଡ ମିଟନ ଆସୋସିଏସନ ସହଯୋଗରେ ଏକ ଜନସଚେତ ନତା ଶିବିର ସହିତ ଏକ ଦିନିଆ ବ୍ୟାଡମିଟନ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି ।ଅମର୍ଦ୍ଦାରୋଡ ଆୟୁ ଷ୍ମାନ ଆରୋଗ୍ୟ ମନ୍ଦିର କର୍ତ୍ତୃପକ୍ଷ ଯକ୍ଷ୍ମା ରୋଗର ଭୟାବହ ତା ତଥା ନିରା କରଣ ବାବଦରେ ସଚେତନତା କରାଇ ଥିଲେ। ଏଥିରେ ମୋଟ ୪ଟି ବିଭାଗରେ ଖେଳ ଅନୁଷ୍ଠିତ ହେଇଥିଲା ।ଅଣ୍ଡର ୯ ବିଭାଗରେ ଦିବ୍ୟାନଶୁ ବେହେରା ଚାମ୍ପିୟନ ହୋଇଥିଲେ। ଅଣ୍ଡର ୧୩ ବାଳିକା ବିଭାଗରେ ରାଜସ୍ମିତା ବେହେରା ଚାମ୍ପି ୟନ ଓ ଅନିନ୍ଦିତା ବେହେରା ରନର ଅପ ହୋଇଛନ୍ତି। ଅଣ୍ଡର ୧୩ ବାଳକ ବିଭାଗରେ ରୋହିତ ରାଣ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଶୁଭମ ମୁଖି ଦ୍ୱିତୀୟ ଏବଂ ରାଜ ପାତ୍ର ପ୍ରଥମ ସ୍ଥାନ ହାସଲ କରିଥିଲେ ।ସିନିଅର ଡବଲସ (ଯୁଗଳ) ବିଭାଗରେ ଅମର୍ଦ୍ଦା ରୋଡରୁ ୧୩ ଓ ଜଳେଶ୍ୱରରୁ ୫ ମୋଟ ୧୮ଟି ଦଳ ଅଂଶ ଗ୍ରହଣ କରିଥିଲେ ।ଏଥିରେ ଜଳେଶ୍ୱରର କୌସ୍ତୁଭଃ ସେନ ଓ ସାମୁଏଲ ଷ୍ଟିଫେନସନ ଜେନା ଯୋଡି ଉପବିଜେତା ହୋଇ ଥିବା ବେଳେ ନୀଳ ମାଧ୍ୱ ଦାସ ଓ ଗୋପୀକିଷାନ ପଣ୍ଡା ଯୋଡି ବିଜେତା ହୋଇଥିଲେ। ଅନୁଷ୍ଠାନର ସଭାପତି ରାମ ଚନ୍ଦ୍ର ସାହୁ ଓସମ୍ପାଦକ ନିରଞ୍ଜନ ବେହେରା କୃତିପ୍ରତିଯୋଗୀ ମାନଙ୍କୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ ।ସରୋଜ କୁମାର ବହେରାଙ୍କ ନେତୃତ୍ୱରେ,ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି ଅୟୋଜନକୁ ସଫଳତାର ସହ ସମାପନ କରାଯାଇ ପାରିଛି ।ଶେଷରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରବି ରଣା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଡ଼ଭେଲା ପଞ୍ଚାୟତ ରେ ଛେଳି ବଣ୍ଟନ କାର୍ଯ୍ୟକ୍ରମ



ତୁଷୁରା, ୧୪/୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଗୁଡ଼ଭେଲା ପଞ୍ଚାୟତ ଠାରେ ଏଲଟିଆଇ ମାଇନଟ୍ରି ସହାୟତା ଏବଂ ମହାଶକ୍ତି ଫାଉଣ୍ଡେସନ ତରଫରୁ ସମ୍ମନିତ ଗ୍ରାମ ବିକାଶ କାର୍ଯ୍ୟକ୍ରମ ର ପ୍ରଥମ ପର୍ଯ୍ୟାୟ ରେ ଗୁଡ଼ଭେଲା ଏବଂ ଘୁନା ପଞ୍ଚାୟତର ୧୫ ଜଣ ଛେଳି ଚାଷୀଙ୍କୁ ଦୁଇ ଗୋଟି ହିସାବରେ ମୋଟ ୩୦ ଗୋଟି ଦେଶୀ ମାଇ ଛେଳି ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୁଡ଼ଭେଲା ବ୍ଲକ୍ ପଶୁଚିକିତ୍ସା ଅଧିକାରୀ ଡ. ଦିପ୍ତିମୟୀ ଘଡେଇ, ଗୁଡ଼ଭେଲା ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ମହାପାତ୍ର, ଏବଂ ମହାଶକ୍ତି ଫାଉଣ୍ଡେସନର ଜୀବିକା ବିଶେଷଜ୍ଞ ବିରେନ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସର୍ବପ୍ରଥମେ ଡ.ଘଡେଇ ମ୍ୟାଡାମ ଉପସ୍ଥିତ ଛେଳି ଚାଷୀଙ୍କୁ ଛେଳି ପାଳନ, ଖାଦ୍ୟ, ତଥା ଛେଳି ମାନଙ୍କୁ ଲାଗୁଥିବା ରୋଗ ଏବଂ ତାହାର ନିରାକରଣ ବିଷୟରେ ବିସ୍ତୃତ ଭାବରେ ଜାଣାଇଥିଲେ। ଏହି ଅବସରରେ ଶ୍ରୀ ବିରେନ ପଧାନ ଛେଳି ଚାଷୀଙ୍କୁ ବୀମା ଏବଂ ବ୍ୟବସାୟ ଭିତ୍ତିକ ଛେଳି ପାଳନ ବିଷୟରେ ମହତ୍ତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଗୁଡ଼ଭେଲା ସରପଞ୍ଚ ଶ୍ରୀମତୀ ସନ୍ତୋଷିନୀ ମହାପାତ୍ର ଛେଳି ଚାଷ ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭର ହେବାର ଅବସର ଲାଭ କରିପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ସମସ୍ତ ହିତାଧିକାରୀଙ୍କୁ ଛେଳି ବଣ୍ଟନ କରାଯାଇଥିଲା। ଏହି ଆର୍ଥିକ ବର୍ଷ ଅବଧିରେ ୭୫ ଜଣ ହିତାଧିକାରୀଙ୍କୁ ମୋଟ ୧୫୦ ଗୋଟି ଛେଳି ବଣ୍ଟନ କରିବା ଯୋଜନା ଅଛି ବୋଲି ବ୍ଲକ୍ ସଂଯୋଜକ ଶ୍ରୀ ଧର୍ମ ସାଗର ପଧାନ ଜଣାଇଥିଲେ। ଶେଷରେ, ସମସ୍ତ ଅତିଥି ଏବଂ ହିତାଧିକାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମଟି ସଫଳ ଭାବରେ ଅନୁଷ୍ଠିତ ହୋଇଥିଲା।

# ସଂପାଦକୀୟ

## ‘ଭାରତ ଯୋଡ଼ୋ’

ଆମ ଦେଶର ସର୍ବବୃହତ୍ ରାଜନୈତିକ ଦଳ କଂଗ୍ରେସର ଯୁବ ଚେହେରା ତଥା ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ‘ଭାରତ ଯୋଡ଼ୋ’ କୁ ୧୦୮ ଦିନ ପୂରିଥିବାବେଳେ ଏହା ଜାତୀୟ ରାଜଧାନୀ ଦିଲ୍ଲୀଠାରେ ପହଞ୍ଚିଛି। ଭାରତର ଦକ୍ଷିଣ ସୀମାନ୍ତବର୍ତ୍ତୀ କନ୍ୟାକୁମାରୀଠାରୁ ଗତ ସେପ୍ଟେମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଉତ୍ତର ସୀମାନ୍ତର କାଶ୍ମୀର ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି ଓ ସମୁଦାୟ ଯାତ୍ରାର ଅବଧି ୧୫୦ ଦିନ ରଖାଯାଇଛି। ଶନିବାର ହରିଆନାର ଫରିଦାବାଦ୍‌ର ଦଳୀୟ ନେତା ଓ କର୍ମୀଙ୍କ ସହ ପଦଯାତ୍ରାରେ ଆସି ରାହୁଲ ଦିଲ୍ଲୀ ସୀମାରେ ପ୍ରବେଶ କରିବା ବେଳେ ପଦଯାତ୍ରୀ ଦଳଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତାଙ୍କର ମାତା ସୋନିଆ ଗାନ୍ଧୀ, ଭଉଣୀ ପ୍ରିୟଙ୍କା ଓ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କଠାରୁ ଆରମ୍ଭ କରି ଅଭିନେତାରୁ ରାଜନେତା ପାଲଟିଥିବା କମଲ୍ ହାସନ୍‌ଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇବାକୁ ଉପସ୍ଥିତ ଥିଲେ। ‘ଭାରତ ଯୋଡ଼ୋ’ ଯାତ୍ରା ଦୁର୍ବଳ ଅବସ୍ଥାରେ ଥିବା କଂଗ୍ରେସ ସଂଗଠନକୁ କେତେଦୂର ଲାଭବାନ୍ କରାଇବ, ତାହା ଆଜିଠାରୁ ଆକଳନ କରିବା ସମ୍ଭବପର ନୁହେଁ। ତଥାପି ଦଳୀୟ କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି କରିବାରେ ଏହା ଯେ ଯଥେଷ୍ଟ ସହାୟକ ହେଉଛି, ଏଥିରେ ସନ୍ଦେହ ନାହିଁ। କାରଣ ବର୍ତ୍ତମାନ ସୁଦ୍ଧା ଯେଉଁ ୯ଟି ରାଜ୍ୟ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି, ସବୁଠାରେ ଦଳୀୟ କର୍ମୀଙ୍କ ସହ ସାଧାରଣ ଜନତା ଏଥିପ୍ରତି ବିପୁଳ ସମର୍ଥନ ଜଣାଉଥିବାର ଲକ୍ଷ୍ୟ କରାଯାଉଛି। ସମାଜର ବିଭିନ୍ନ ବର୍ଗର ଅନେକ ଜଣାଶୁଣା ବ୍ୟକ୍ତି ବିଭିନ୍ନ ସମୟରେ କିଛି ସମୟ ପାଇଁ ହେଉପଛେ, ରାହୁଲଙ୍କ ସହ ଏହି ପଦଯାତ୍ରାରେ ଯୋଗ ଦେଇଛନ୍ତି। ‘ଭାରତ ଯୋଡ଼ୋ’ ଅଭିଯାନକୁ ସିଧାସଳଖ ଏକ ରାଜନୈତିକ କାର୍ଯ୍ୟକ୍ରମର ରୂପ ନ ଦେଇ ରାହୁଲ ଏହା ପ୍ରେମ ଓ ଭାଇଚାରା ଭାବର ପ୍ରସାର ପାଇଁ ଉଦ୍ଦିଷ୍ଟ ବୋଲି ମତ ରଖିଛନ୍ତି। ଦେଶରେ ଅସ୍ଥିରତା ସୃଷ୍ଟି ଏବଂ ଅସହିଷ୍ଣୁତା ବୃଦ୍ଧି ପାଇଁ ଯେଉଁ ଉଦ୍ୟମ ଚାଲିଛି ଏବଂ ଧର୍ମ ଭିତ୍ତିରେ ଦେଶକୁ ବିଭାଜିତ କରିବାର ଯେଉଁ ବିପଜ୍ଜନକ ଚିନ୍ତାଧାରା ମୁଣ୍ଡ ଟେକିଛି, ତାକୁ ପ୍ରତିହତ କରିବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଦଳ ପକ୍ଷରୁ ଦର୍ଶାଯାଇଛି। ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା ପାଇଁ କଂଗ୍ରେସ ଦଳର ସଂକଳ୍ପକୁ ରାହୁଲ ଗାନ୍ଧୀ ବିଭିନ୍ନ ରାଜ୍ୟର ଜନ ସମାଗମରେ ଦୋହରାଇବା ସଙ୍ଗେ ସଙ୍ଗେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଶକ୍ତିଙ୍କ ଚକ୍ରାନ୍ତ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜଧାନୀରେ ପଦଯାତ୍ରା ପ୍ରବେଶ କରିବା ପରେ ଲାଲକିଲ୍ଲାଠାରେ ଆୟୋଜିତ ଏକ ଜନ ସମାବେଶରେ ରାହୁଲ ଗାନ୍ଧୀ ଦେଶରେ ମୁଣ୍ଡ ଟେକିଥିବା ବେକାରୀ ଓ ମୁଦ୍ରାସ୍ଫୀତି ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହିସବୁ ମୌଳିକ ଜୀବନମରଣ ସମସ୍ୟାଠାରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଧାର୍ମିକ ବିଦ୍ୱେଷର ସାହାରା ନିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ। କଂଗ୍ରେସ ଦଳର ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ନିଃସନ୍ଦେହରେ କୁହାଯାଇପାରିବ ଯେ ଏହି ପୁରାତନ ସଂଗଠନ ବର୍ତ୍ତମାନ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହୋଇଛି ଏବଂ ଦିନକୁ ଦିନ ଲୋକଙ୍କଠାରୁ ଦୂରେଇ ଯାଉଛି। ଦେଶବ୍ୟାପୀ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ନିରୁତ୍ସାହ ଭାବ ଦେଖାଦେଇଛି। ଏକଦା ହିମାଳୟ ଠାରୁ କୁମାରିକା ପର୍ଯ୍ୟନ୍ତ ଅଖଣ୍ଡ ଆଧିପତ୍ୟ ବିସ୍ତାର କରିବା ସହିତ ସର୍ବାଧିକ ସମୟ କ୍ଷମତାରେ ଥିବା ଏହି ସଂଗଠନ ଏବେ କେବଳ ତିନିଟି ରାଜ୍ୟରେ ଶାସନ କ୍ଷମତାରେ ରହିଛି। ଦଳର ଏଭଳି ‘କର ବା ମର’ ସ୍ଥିତିରେ ରାହୁଲ ଗାନ୍ଧୀଙ୍କ ଦେଶବ୍ୟାପୀ ‘ଭାରତ ଯୋଡ଼ୋ’ ଅଭିଯାନ ଭବିଷ୍ୟତ ପାଇଁ କିଛିଟା ଆଶା ସଞ୍ଚାର କରିବା ସ୍ୱାଭାବିକ। ଆଗାମୀ ୨୦୨୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ଏହା ଅନ୍ତତଃ ରାହୁଲଙ୍କ ପାଇଁ ଏକ ଜାତୀୟ ଭାବମୂର୍ତ୍ତି ସୃଷ୍ଟି କରିପାରିଛି।

## ‘ଶ୍ରୀ ଅନୁକୂଳଂ ଶରଣଂ ଗଚ୍ଛାମି’

ଡା. ଉମେଶଚନ୍ଦ୍ର ପାତ୍ର

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି। ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୂଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି। ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି।

ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼କଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ। ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶ୍ରୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଳ୍କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

# ଚୀନରେ ବିଦ୍ରୋହ, ତାୱାଙ୍ଗରେ ଗାତ୍ରଦାହ

ସୌମେନ୍ଦ୍ର ଜେନା

ଅରୁଣାଚଳ ପ୍ରଦେଶର ତାୱାଙ୍ଗ ନିକଟସ୍ଥ ସୀମାରେ ଚୀନ ସେନାଙ୍କ ନଖରାମୀପୂର୍ଣ୍ଣ କାର୍ଯ୍ୟକଳାପକୁ ନେଇ ଏବେ ବିଶ୍ୱରେ ଚର୍ଚ୍ଚା ଜାରି ରହିଛି । ଡିସେମ୍ବର ମାସ ୯ତାରିଖ ରାତିରେ ୪୫ମିନିଟ୍ ଧରି ଚୀନସେନା ଭାରତର ସୀମାରେ ପ୍ରବେଶ କରିବାକୁ ନଖରାମୀ କରିଥିଲେ । ସମୁଦ୍ର ପତ୍ତନରୁ ୫୧୮୦ ମିଟର ଉଚ୍ଚରେ ଥିବା ତାୱାଙ୍ଗର ବମ୍-୬ ଶୃଙ୍ଗ ଉପରେ ଚୀନର ଦୃଷ୍ଟି ରହିଛମି । ଏମିତି ଝଗଡା ୨୮ ସେପ୍ଟେମ୍ବର ୨୦୨୧ରେ ମଧ୍ୟ ହୋଇଥିଲା । ୪୪୨୦ ମିଟର ଉଚ୍ଚରେ (ସମୁଦ୍ର ପତ୍ତନରୁ)ଥିବା ବୋମ୍ -୬ ଶୃଙ୍ଗ ପବିତ୍ର ୧୦୮ ଜଳପ୍ରପାତର ଉତ୍ତର ଭାଗରେ ରହିଛି । ପ୍ରବଳ ତୁଷାରପାତ ହେବା ସମୟରେ ଏହି ଅଞ୍ଚଳରେ ସାଧାରଣ ପାଟ୍ରୋଲିଂ ହୋଇନଥାଏ । ତିବ୍ବତ ଏବଂ ଅରୁଣାଚଳ ପ୍ରଦେଶକୁ ଏକଦା ଶାସନ କରୁଥିବା ବୋନ୍‌ପା ସଂପ୍ରଦାୟର ଜଣେ ପ୍ରମୁଖ ଗୁରୁ ଏବଂ ଓଡିଆ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରୟାସକ୍ରମେ ଉକ୍ତ ୧୦୮ ଜଳପ୍ରପାତର ସୃଷ୍ଟି ହୋଇଛି ବୋଲି ବୌଦ୍ଧମାନଙ୍କର ବିଶ୍ୱାସ ରହିଛି। ତିବ୍ବତୀୟ ବୌଦ୍ଧଧାରାର ସବୁଠୁ ବଡ ସନ୍ଥ ଥିଲେ ଓଡିଆଗୁରୁ ପଦ୍ମସମ୍ଭବ । ଏହି ପବିତ୍ରସ୍ଥଳୀକୁ ଅରୁଣାଚଳ ଓ ତିବ୍ବତର ଲୋକେ ଭକ୍ତି ପ୍ରଦର୍ଶନ କରିଥାନ୍ତି । ତେବେ ବୋମ୍ -୬ ଗିରିଶୃଙ୍ଗ ଭାରତର ସୀମାରେ ଥିଲାବେଳେ ଜଳପ୍ରପାତଗୁଡିକ ମଧ୍ୟ ଭାରତର ସୀମାରେ ରହିଛନ୍ତି। ପାହାଡର ଅପରପାର୍ଶ୍ୱରେ ଚୀନ ସୀମାରେ ଆଧୁନିକ ଜନବସତି ଚୀନ ସରକାର ନିର୍ମାଣ କରିଛନ୍ତି। ଅତୀତରେ ଏହି ପାହାଡଟିକୁ ଦଖଲକୁ ନେବାକୁ ଚୀନ ସେନା ଅନେକବାର ପ୍ରୟାସ କରିଛନ୍ତି। ମାକ୍ ମୋହନ ସୀମାରେଖାକୁ ନିଜ ଇଚ୍ଛାନୁଯାୟୀ ଚୀନ ସରକାର ବଦଳାଇବା ପାଇଁ ଚାହୁଁଛି । ତେଣୁ ଜନବସତି ବା ଜିଆକୋଙ୍ଗ୍‌ଗୁଡିକ ସୀମାରେ ବସାଇ ଆଗକୁ ଆଗକୁ ମାଡିଯିବା ଲାଗି ଯୋଜନା କରୁଛି । ଅରୁଣାଚଳସ୍ଥିତ ମାକ୍ ମୋହନ ଲାଇନ ସୀମା ନିକଟସ୍ଥ ନାମଖା ଚୁ, ସୁମଡ୍ରୋଙ୍ଗ ଚୁ, ଏସାଫିଲ୍ଲା, ଲଙ୍ଗ ଜୁ, ଫିସ୍‌ଟେଲ -୧ ଓ ୨, ଡି ଚୁକୁ କେନ୍ଦ୍ରକରି ଦୁଇପକ୍ଷଙ୍କ ମଧ୍ୟରେ ବିବାଦ ରହିଛି । ଆଗାମୀ ଦିନରେ ୧୭ତମ ଦ୍ୱିପାକ୍ଷିକ କମାଣ୍ଡର ସ୍ତରୀୟ ବୈଠକ ହେବା ପୂର୍ବରୁ ଏ ପ୍ରକାର ଉଦ୍ୟମ ନିନ୍ଦନୀୟ ନିଶ୍ଚୟ ।

ଦୀର୍ଘ ବର୍ଷ ହେବ ଚୀନ ପକ୍ଷରୁ ତାୱାଙ୍ଗକୁ ହାତେଇବା ପାଇଁ ପ୍ରୟାସ କରାଯାଇଆସିଛି । ୭ ମାର୍ଚ୍ଚ ୨୦୦୭ରେ ବେଜିଂରେ ନେସନାଲ ପିପୁଲ୍ସ କଂଗ୍ରେସ ଚାଲିଥିଲା ବେଳେ ସାମ୍ବାଦିକଙ୍କୁ ଦୈନିକ ସାକ୍ଷାତ ବେଳେ ଚାଇନା ଇନ୍‌ଷ୍ଟିଚ୍ୟୁଟ ଅଫ୍ କନ୍‌ଟେମ୍ପୋରାରୀ ଇଣ୍ଟରନେସନାଲ ରିଲେସନ୍ସର ଗବେଷକ ପ୍ରଫେସର ମାଜିଆଲି କହିଥିଲେ, ‘ଗତ ତିନିବର୍ଷ ହେଲା ମନମୋହନ ସିଂହଙ୍କ ନେତୃତ୍ୱରେ ଚାଲିଆସିଥିବା ସରକାରଙ୍କୁ ଚୀନ ସ୍ପଷ୍ଟ ଭାବେ କହିସାରିଛି ଯେ ଭାରତ ତାୱାଙ୍ଗ ଅଞ୍ଚଳକୁ ଚୀନକୁ ହସ୍ତାନ୍ତର ନକଲା ପର୍ଯ୍ୟନ୍ତ ସୀମା ସମସ୍ୟା ନେଇ କୌଣସି ପ୍ରକାର ନିଷ୍ପତ୍ତି ନିଆଯାଇପାରିବ ନାହିଁ ।’ କିନ୍ତୁ ଚୀନ-ଭାରତ ଆଲୋଚନାରେ ଜନବହୁଳ ଅଞ୍ଚଳ ହସ୍ତାନ୍ତରଣ ପ୍ରସଙ୍ଗ ଦୁଇଦେଶ ମଧ୍ୟରେ ହୋଇଥିବା ସୀମା ବୁଝାମଣାରେ ପୂର୍ବରୁ ରହିନଥିଲା । ତିବ୍ବତ ଉପତ୍ୟତାରେ ଅନେକ ପ୍ରକାରର ବିକାଶମୂଳକ ଯୋଜନା ଶେଷକରିବା ସତ୍ତ୍ୱେ ତିବ୍ବତୀୟ ଲୋକଙ୍କ ହୃଦୟକୁ ଜିଣିବାରେ ଚୀନ କର୍ତ୍ତୃପକ୍ଷ ଆଜିଯାଏ ସକ୍ଷମ ହୋଇପାରିନାହାନ୍ତି । ତିବ୍ବତୀୟଙ୍କ ମନରୁ ଦଲାଇଲାମାଙ୍କ ପ୍ରତି ରହିଥିବା ଭକ୍ତିଭାବକୁ ଅଲଗା କରିପାରିନାହାନ୍ତି । ଚୀନ ସରକାରଙ୍କ ମନରେ ଭୟ ରହିଛି ଯେ ଦଲାଇଲାମାଙ୍କ ପରେ ଯଦି ସରକାର ନିଜସ୍ୱ ଲାମାଙ୍କୁ ଗ୍ରହଣ କରିବା ପାଇଁ ସେଠାରେ ବାଧ୍ୟ କରାଇବେ ତେବେ ୧୯୫୦ ସମୟର ଖାମ୍ପା ବିଦ୍ରୋହ ପରି ସଙ୍କଟ ସୃଷ୍ଟି ହୋଇପାରେ । କାରଣ ଅତୀତରେ ଅରୁଣାଚଳର ତାୱାଙ୍ଗରୁ ନେପାଳର ମୁଷ୍ଟାଙ୍ଗ ପର୍ଯ୍ୟନ୍ତ ତିବ୍ବତୀୟ ଲୋକେ ବିଦ୍ରୋହ କରିଥିଲେ ଚୀନ ସରକାର ବିରୁଦ୍ଧରେ । ତାୱାଙ୍ଗରେ ତିବ୍ବତୀୟ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ଲାଗି ଦଲାଇଲାମାଙ୍କ ସାନ ଭଉଣୀ ଲାଚେମ ଜିତ୍‌ସୁନ ପେମା ଲାଙ୍କ ଗସ୍ତକୁ ମଧ୍ୟ ସେ ସମୟରେ ଚୀନ ସରକାର ସହଜରେ ଗ୍ରହଣ କରିନଥିଲେ । ଫଳସ୍ୱରୂପ ୨୫ ମଇ ୨୦୦୭ରେ ନୂଆଦିଲ୍ଲୀସ୍ଥିତ ଚୀନ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀମାନଙ୍କ ଚୀନ ଗସ୍ତକରିବା ଦଳରେ ସଦସ୍ୟ ଥିବା ଜଣେ ଅରୁଣାଚଳର ଅଧିକାରୀଙ୍କୁ ପାସ୍‌ପୋର୍ଟ ଦେବାକୁ ମନା କରିଦେଲେ । କାରଣ ସେତେବେଳେ ମଧ୍ୟ ଚୀନ ସରକାର ଅରୁଣାଚଳ ପ୍ରଦେଶକୁ ନିଜ ଅଞ୍ଚଳ ବୋଲି ମନେକରି ଗୁଡ ଖାଉଥିଲେ, ଯାହା ଆଜି ମଧ୍ୟ ଆମେ ଦେଖୁଛୁ । ତାୱାଙ୍ଗକୁ ଦଖଲ କରିପାରିଲେ ତିବ୍ବତୀୟ ବୌଦ୍ଧମାନଙ୍କୁ ସଂପୂର୍ଣ୍ଣ ନିଜ ଅକ୍ତିଆରରେ ରଖିପାରିବ ବୋଲି ଚୀନ ମନେ ମନେ ଭାବିଆସିଛି । ତିବ୍ବତୀୟ ବୌଦ୍ଧ ବିଚାରରେ ଲାସା ପରେ ତାୱାଙ୍ଗକୁ ଦ୍ୱିତୀୟ ବଡ ଧର୍ମସ୍ଥଳୀ ଭାବେ ଗ୍ରହଣ କରାଯାଇଥାଏ । ତେଣୁ ତିବ୍ବତକୁ ହାତେଇବା ପରେ ଚୀନ ସରକାର ତାୱାଙ୍ଗକୁ ହାତେଇବା ପାଇଁ ବାରମ୍ବାର ପ୍ରୟାସ କରୁଛନ୍ତି ।

୧୬ ଅକ୍ଟୋବର ୨୦୨୨ଦିନ ବେଜିଂସ୍ଥିତ ଗ୍ରେଟ ହଲ ଅଫ୍ ଦି ପିପୁଲର ଚୀନ କମ୍ୟୁନିଷ୍ଟ ପାର୍ଟିର ମହାଧିବେଶନରେ ୧୫ଜୁନ୍ ୨୦୨୦ରେ ଗଲୱାନ ଘାଟୀର ଭିଡିଓ ପ୍ରଦର୍ଶନ କରାଯାଇ ସେହି ଘଟଣାରେ ସଂପୃକ୍ତ ଥିବା କମାଣ୍ଡର କୁଇ ଫାବାଓକୁ ଅଧିବେଶନର ପ୍ରତିନିଧି ଭାବେ ନିମନ୍ତ୍ରିତ କରାଯାଇଥିଲା । ୨୦୧୩ରେ ଶାସନକୁ ଆସିବା ପରଠାରୁ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ମାଓ ସେ ତୁଙ୍ଗଙ୍କ ବିସ୍ତାରବାଦୀ ନୀତିକୁ ବିଶ୍ୱବ୍ୟାପୀ କରିବାରେ ଲାଗିପଡିଛନ୍ତି । କିନ୍ତୁ କରୋନା କାଳରେ ଚୀନର ଆଭ୍ୟନ୍ତରୀଣ ସମସ୍ୟା ଯୋଗୁ ଦେଶ ଭିତରେ ଜିନପିଙ୍ଗଙ୍କ ବିରୋଧରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି । ରିୟଲ ଇଷ୍ଟେଟ ବ୍ୟବସାୟରେ କ୍ଷତି ଯୋଗୁ ଚୀନା ବ୍ୟାଙ୍କଗୁଡିକରେ ୧୭.୬ ଲକ୍ଷ କୋଟି ଟଙ୍କାର କ୍ଷତି ହୋଇଛି । ୨୦୧୩ରେ ୭.୮୫ ପ୍ରତିଶତ ବିକାଶଦର ଦେଖିଥିବା ଚୀନ ୨୦୧୯ ବେଳକୁ ୫.୯୫କୁ ହ୍ରାସ ପାଇ ୨୦୨୨କୁ ୩.୨୫ ପ୍ରତିଶତକୁ ଖସି ଆସିଛି । ବେଲ୍‌ଟ ଏଣ୍ଡ ରୋଡ୍ ଯୋଜନା ବିଦେଶରେ ଚାଲୁ କରି ୮୩ଲକ୍ଷ କୋଟିଟଙ୍କା ଋଣ ପ୍ରଦାନ କରାଯାଇଥିଲା ୧୫୦ଦେଶରେ ପ୍ରକଳ୍ପ ପାଇଁ, ଯାହାର ୭୪ ପ୍ରତିଶତ ଖରାପ ଋଣ ହୋଇସାରିଲାଣି। ତେଣୁ ମୂଳଧନ ସେଠାରୁ ଫେରସ୍ତ ପାଇବା ଚୀନ ପାଇଁ ସହଜ ହେବନାହିଁ । କିନ୍ତୁ ୨୦୨୭ରେ ହେବାକୁ ଥିବା କମ୍ୟୁନିଷ୍ଟ ପାର୍ଟିର ସଭା ପର୍ଯ୍ୟନ୍ତ ଅରୁଣାଚଳକୁ ଅସ୍ଥିର ରଖି ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ଦାବି ଉପସ୍ଥାପନ କରିବାକୁ ଜିନିପିଙ୍ଗଙ୍କ ଯୋଜନା ରହିଛି । କେବଳ ସେତିକି ନୁହେଁ, ଜିନପିଙ୍ଗ ଅତୀତରେ ଚୀନ ଦଖଲ କରିଥିବା ଅଞ୍ଚଳ ପରି ତାଙ୍କ ସମୟରେ ମଧ୍ୟ ତାଇୱାନ ଓ ଭାରତର ଅଞ୍ଚଳକୁ ଦଖଲ କରି ରେକର୍ଡ ଦେଖାଇବା ଚାହୁଁଛନ୍ତି । କାରଣ ଅତୀତରେ ପୂର୍ବ ତୁର୍କୀସ୍ଥାନର ୧୬.୬ ଲକ୍ଷ ବର୍ଗ କିଲୋମିଟର ତିବ୍ବତର ୧୨.୨୮ଲକ୍ଷ ବର୍ଗ କିଲୋମିଟର, ମାଞ୍ଚୁରିଆର ୧୧.୮୩ ଲକ୍ଷ ବର୍ଗ କିଲୋମିଟର, ହଂକଂର ୩୭.୨୪ ଲକ୍ଷ ବର୍ଗ କିମି, ମକାଉର ୧୧୫ ବର୍ଗ କିମି ଅଞ୍ଚଳକୁ ଚୀନ ଦଖଲରେ ରଖିଛି । ଭାରତର ୪୩ହଜାର ୧୮୦ ବର୍ଗ କିମି ଅଞ୍ଚଳ ଚୀନ ଦଖଲରେ ରହିଛି । ଅତୀତ ଦିନ ମାନଙ୍କରେ କଂଗ୍ରେସ ଶାସନ କାଳରେ ସୀମାରେ ସଡକ ନିର୍ମାଣ ନକରିବା, ଚୀନର ଧମକକୁ ଗ୍ରହଣ କରିବା , ଚୀନା କମ୍ୟୁନିଷ୍ଟ ପାର୍ଟି ସହ ଭାରତର କଂଗ୍ରେସ ଦଳ ବେଜିଂରେ ସହଯୋଗ ନେଇ ବୁଝାମଣା କରିବା, ମଧ୍ୟରାତ୍ରୀ ପରେ ଚୀନ ଦୂତାବାସକୁ ଯାଇ ରାହୁଲ ଗାନ୍ଧି ଆଲୋଚନା କରିବା, ରାଜିବ ଗାନ୍ଧି ଫାଉଣ୍ଡେସନ ପାଇଁ ଚୀନ ସରକାରଙ୍କଠାରୁ କଂଗ୍ରେସ ଲୋକେ ଅର୍ଥ ସଂଗ୍ରହ କରିବାପରି ଅନେକ ସନ୍ଦେହାତ୍ମକ ଷଡଯନ୍ତ୍ରପୂର୍ଣ୍ଣ ଘଟଣା ଭାରତର ଲୋକେ ଦେଖିଆସିଛନ୍ତି ।

୨୦୦୬ପରଠାରୁ ଚୀନ ତାୱାଙ୍ଗକୁ ନିଜ ଦଖଲକୁ ନେବା ପାଇଁ ବାରମ୍ବାର ଚେଷ୍ଟା କଲାବେଳେ ଦେଶ ଭିତରେ ଥିବା ଚୀନ ସମର୍ଥକ ଲୋକେ ଅତି ଉତ୍ସାହିତ ହେଉଥିବା କଥା ଦୃଷ୍ଟିକୁ ଆସୁଛି । ସେମାନେ ଭାରତର ସେନା ଅପେକ୍ଷା ଜିନ୍‌ପିଙ୍ଗଙ୍କ ବକ୍ତବ୍ୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ୧୯୬୨ରେ ଚୀନ ସେନାକୁ ସ୍ୱାଗତ କରିବା ପାଇଁ ଉତ୍ତର ପ୍ରଦେଶର ଗୋରଖପୁରଠାରେ ବ୍ୟାନର ଧରି କମ୍ୟୁନିଷ୍ଟ ଲୋକେ ଅପେକ୍ଷା କରିଥିଲା ବେଳେ ଆହତ ଚୀନସେନାଙ୍କ ପାଇଁ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । କିନ୍ତୁ ବର୍ତ୍ତମାନର ରାଷ୍ଟ୍ରବାଦୀ ସରକାର ୟାଙ୍ଗସ୍ତେ କ୍ଷେତ୍ରରେ ଚୀନର ନଖରାମୀକୁ ନିନ୍ଦା କରିବା ସହ ଭାରତୀୟ ସେନାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ନିକଟରେ ଭାରତ-ଆମେରିକା ସେନାର ଉତ୍ତରାଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ମିଳିତ ସମରାଭ୍ୟାସ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅରୁଣାଚଳ ସୀମାରେ ସଡକ ନିର୍ମାଣ ପାଇଁ ୪୪ହଜାର କୋଟିର ପ୍ରକଳ୍ପ ଘୋଷଣା ପରେ ଚୀନ ସରକାର ଅଧିକ ଚିନ୍ତିତ ହୋଇପଡିଛନ୍ତି । ଜି ୨୦ ଅଧ୍ୟକ୍ଷ ପଦ ନେବା ପରେ ଭାରତ ଯେପରି ତୁରନ୍ତ କାର୍ଯ୍ୟାରମ୍ଭ କରି ବିଶ୍ୱ ସମୁଦାୟକୁ ଭିନ୍ନ ଭିନ୍ନ ରାଜ୍ୟ ପ୍ରଦର୍ଶନ କରିବାକୁ ଯୋଜନା କରିଛି ସେଥିରେ ଅରୁଣାଚଳ ମଧ୍ୟ ରହିଛି , ଯାହା ଚୀନକୁ ଅଧିକ ବାଧିଛି । ଚୀନ ସରକାର ଭାରତର ପ୍ରସ୍ତୁତି, ମୋଦିଙ୍କ ବିଦେଶନୀତିକୁ ଦୁର୍ବଳ କରିବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି । ଅପରପକ୍ଷେ ଜିନପିଙ୍ଗ୍‌ଙ୍କ ବିରୋଧରେ ଚୀନର ଲୋକେ ଖଡ଼୍‌ଗହସ୍ତ ହୋଇ ଗଣତନ୍ତ୍ର ସପକ୍ଷରେ ଆନ୍ଦୋଳନ କରିବା ଦେଖାଯାଇଛି। ଚୀନରୁ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ ଧୀରେ ଧୀରେ ଦେଶଛାଡି ବାହାରକୁ ଯିବାରେ ଲାଗିଛନ୍ତି । କୋରୋନା ପର ପରିସ୍ଥିତିରେ ଚୀନର ଭୂମିକାକୁ ଅନେକ ରାଷ୍ଟ୍ର ସନ୍ଦେହ କରିବାରେ ଲାଗିଛନ୍ତି । ବହୁ ଛୋଟ ଛୋଟ ଦେଶ ଚୀନ ଋଣ ବିପକ୍ଷରେ ଖୋଲାଖୋଲି ମନ୍ତବ୍ୟ ଦେଉଛନ୍ତି । ପାକ୍‌ର ଗ୍ୱାଦର ବନ୍ଦରଠାରୁ ଆଫଗାନିସ୍ଥାନର କାବୁଲ ହୋଟେଲ ପର୍ଯ୍ୟନ୍ତ ସବୁଠି ଚୀନାଙ୍କ ଠିକଣା ସ୍ଥଳୀରେ ଆକ୍ରମଣ ଜାରି ରହିଛି । ଦେଶ ଭିତରେ ଏବଂ ଦେଶ ବାହାରେ ଜିନ୍‌ପିଙ୍ଗ୍‌ଙ୍କ ପ୍ରତି ବିରୋଧଭାବ ବଢୁଥିବା ହେତୁ ସେ ଭାରତର ସୀମାରେ ଅତିକ୍ରମଣ ଏବଂ ତାଇୱାନ ସୀମାରେ ବିମାନ ଉଡାଣକରି ଦେଶବାସୀଙ୍କ ଦୃଷ୍ଟିକୁ ଏଡାଇବାକୁ ଚାହୁଁଛନ୍ତି । କିନ୍ତୁ ଗଲୱାନ ପରି ତାୱାଙ୍ଗରେ ମଧ୍ୟ ଚୀନ ସେନା ଅଧିକ ମାଡଖାଇ ଅଧିକ କ୍ଷତିଗ୍ରସ୍ତ ହେବା ଜିନପିଙ୍ଗ୍‌ଙ୍କ ପାଇଁ ଅପମାନ ସଦୃଶ ହୋଇଛି।

# ନିଜ ଲଢ଼େଇ ନିଜେ ଲଢୁ ଭାରତ

ସୁଧାଂଶୁ ପାତ୍ର

ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କର ପାକିସ୍ତାନକୁ କଡା ଜବାବ, ଏବଂ ପରେ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ‘ପାକିସ୍ତାନ ଏକ ଆତଙ୍କବାଦୀ ସଂଗଠନର କେନ୍ଦ୍ରବିନ୍ଦୁ’ ବୋଲି ଆରୋପ ଲଗାଇବାର ଯଥାର୍ଥ ଅନେକ ରହିଛି । ଏସ୍ ଜୟଶଙ୍କରଙ୍କର ଅଭିଯୋଗ ବିଶ୍ୱର ଅନ୍ୟ ପ୍ରମୁଖ ଦେଶ ଗୁଡ଼ିକ ପାକିସ୍ତାନର ଆତଙ୍କବାଦୀ ସଂଗଠନର ଭରଣପୋଷଣ ଓ ଲାଳନପାଳନ ଆକ୍ଷେପକୁ ଗ୍ରହଣ କରିନାହାନ୍ତି ଏବଂ ଏହା ତୁରନ୍ତ ବନ୍ଦ କରିବାକୁ ଏବଂ ଏଥିରୁ ନିବୃତ ରହିବାକୁ ଚାପ ପ୍ରୟୋଗ କରୁନାହାନ୍ତି । ଆର୍ଥିକ ସହାୟତା ବନ୍ଦର ଧମକ ଯେଉଁ ପର୍ଯ୍ୟନ୍ତ ପାକିସ୍ତାନକୁ ଅନ୍ୟ ପ୍ରମୁଖ ଦେଶ ହେଇନାହାନ୍ତି ସେପର୍ଯ୍ୟନ୍ତ ପାକିସ୍ତାନ ବାଟକୁ ଆସିବ ନାହିଁ । ତେଣୁ ବିଶ୍ୱ ସମୁଦାୟ ଉପରେ ନିର୍ଭର ନକରି, ପ୍ରମୁଖ ଦେଶ ଗୁଡ଼ିକ ବୈଦେଶିକ ପଲିସି ଉପରେ ନଜର ନରଖି ଭାରତ ନିଜେ ପାକିସ୍ତାନ ଓ ଆଫଗାନିସ୍ତାନର ଆତଙ୍କବାଦୀ ପୋଷଣନୀତି ଉପରେ ସଦାସର୍ବଦା କଡ଼ା ତଥା ତିକ୍ଷ୍ଣ ନଜର ରଖିବା ଉଚିତ୍ ବୋଲି ସମୀକ୍ଷକ ମତ ରଖୁଛନ୍ତି ।

ଏହା ଉପରେ ଗତ ମେ ମାସରେ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦ ଚିନ୍ତାବ୍ୟକ୍ତ କରି ମତ ରଖି ସାରିଛନ୍ତି ଯେ, ଆଫଗାନିସ୍ତାନରେ ଟ୍ରେନିଙ୍ଗ ନେଉଥିବା ପାକିସ୍ଥାନୀ ଆତଙ୍କ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଭାରତ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ମାତ୍ରାଧିକ। ଏହାର ସ୍ୱଷ୍ଟୋକ୍ତି କରିଛି, ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ଆସିଥିବା ସଦ୍ୟତମ ରିପୋର୍ଟ । ରିପୋର୍ଟ ଅନୁସାରେ ସିଧା ଆରୋପ ଲଗାଯାଇଛି ଯେ, ଆଫଗାନିସ୍ତାନରେ ପାକିସ୍ତାନର ଜୈସ ଓ ଲସ୍କର ପରି ଆତଙ୍କବାଦୀ ସଂଗଠନର ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ଏମାନଙ୍କୁ ଭାରତରେ ଆତଙ୍କବାଦୀ କାର୍ଯ୍ୟ କଳାପରେ ବିନିଯୋଗ କରାଯାଇପାରେ । ଯାହାର ଉଦାହରଣ କାଶ୍ମୀରରେ ଦୈନନ୍ଦିନ ଘଟୁଥିବା ଆତଙ୍କୀ ହମଲାକୁ ନିଆ ଯାଇପାରେ। କାଶ୍ମୀରରେ ସକ୍ରିୟ ପାକିସ୍ତାନ ଆତଙ୍କବାଦୀ ସଂଗଠନଙ୍କୁ ଉନ୍ନତ ଧରଣ ହତିଆର ପହଞ୍ଚାଇବା କାର୍ଯ୍ୟ ପାକିସ୍ତାନ ଜରିଆରେ ତାଲିବାନ ଯୋଗାଇ ଚାଲିଛି ଏବଂ ଆଫଗାନସ୍ଥିତ ଆମେରିକା ସୈନଙ୍କ ଠାରୁ ତାଲିବାନ ହାସଲ କରିଥିବା ଅତ୍ୟାଧୁନିକ ଅସ୍ତ୍ର ପାକିସ୍ତାନ ମାଧ୍ୟମରେ ଆତଙ୍କବାଦୀଙ୍କୁ ଶସସ୍ତ୍ର କରୁଛି ।

ତେଣୁ ଏହା ନିଶ୍ଚିନ୍ତ ଯେ, କାଶ୍ମୀର ମଧ୍ୟରେ ଆତଙ୍କ ସୃଷ୍ଟି ପାଇଁ ପ୍ରତିଦିନ ପଶୁଥିବା ଆତଙ୍କବାଦୀ ଆଧୁନିକ ଅସ୍ତ୍ରଶସ୍ତ୍ର ସହ ପଶୁଛନ୍ତି ଏବଂ କାଶ୍ମୀର ଘାଟିରେ ବସବାସ କରୁଥିବା ହିନ୍ଦୁଙ୍କୁ ହିଁ ଟାର୍ଗେଟ କରୁଛନ୍ତି । ତେଣୁ ପାକିସ୍ତାନୀ ଉଗ୍ରବାଦୀଙ୍କ ଏହି ଦୁଃଶାହସକୁ ଦମନ କରିବା ନିହାତି ଜରୁରି । ଯାହାର ଉପାୟ ଏସ୍. ଜୟଶଙ୍କର ଅନୁଧ୍ୟାନ କରି ଏବଂ ନିଜ କ୍ୟାବିନେଟ ସହ ବାର୍ତ୍ତାଳାପ କରି ବିଶ୍ୱର ଅନ୍ୟଦେଶମାନଙ୍କର ସହଯୋଗ ହାସଲ କରିବା ଏବେ ଗୁରୁଦାୟିତ୍ୱ । କାରଣ ଯଦିଓ ପାକିସ୍ତାନରେ ଇମ୍ରାନ ସରକାର ପତନ ଘଟିଛି ଏବଂ ସରକାର ବଦଳିଛି ତଥାପି ଭାରତ ପ୍ରତି ପାକିସ୍ତାନର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନର ନଜର ଆସୁନାହିଁ।

ନିର୍ବାଚନ ପୂର୍ବରୁ ପଞ୍ଜାବର ଅମୃତସରର ଏକ ଗାଁରୁ ୫କିଲୋ ଆରଡିଏକ୍ସ ଜବତ ହୋଇଥିବା ଘଟଣା ସେହିଦିନ ଦିଲ୍ଲୀରେ ଏକ ପରିତ୍ୟକ୍ତ ବ୍ୟାଗରୁ ଆଇ.ଇଡି ମିଳିବ। ଶ୍ରୀନଗରରୁ ଏକ ପ୍ରେସର କୁକ୍‌ରରୁ ବିସ୍ଫୋଟକ ଜବତ ହେବ । ଏହି ୩ଟି ଘଟଣା, ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ଆତଙ୍କବାଦୀଙ୍କର ଏକ ବଡ଼ ଷଡଯନ୍ତ୍ରର ସୂଚନା ଦେଇସାରିଛି । ଗତ କିଛି ଦିନଧରି ସୀମାପାରରୁ ତଥା ପାକିସ୍ତାନର ସହାୟତା ଓ ସହଯୋଗରେ ପଞ୍ଜାବକୁ ବିସ୍ଫୋଟକ ସହିତ ପ୍ରବଳ ହତିଆର ଓ ବହୁ ମାତ୍ରାରେ ମାଦକ ଦ୍ରବ୍ୟ ଚାଲାଣ ଜାରି ରହିଛି। ଯାହାକି ଆତଙ୍କବାଦୀ ପୋଷଣ ପାଳନରେ ଏକ ତଥ୍ୟ ଭିତ୍ତିକ ପ୍ରମାଣ । କିଛି ଦିନ ପୂର୍ବରୁ ଲୁଧିଆନା ଅଦାଲତରେ ଏକ ବିସ୍ଫୋରଣ ମଧ୍ୟ ହୋଇସାରିଛି । ଯେଉଁ ବିସ୍ଫୋରଣରେ ଖଲିସ୍ଥାନୀ ଆତଙ୍କବାଦୀଙ୍କ ସମ୍ପୃକ୍ତି ପ୍ରମାଣ ହୋଇଛି । ପାକିସ୍ତାନ ପକ୍ଷରୁ ଆତଙ୍କବାଦୀ ସଂଗଠନ ଗୁଡ଼ିକ ତରଫରୁ କରାଯାଉଥିବା ଷଡଯନ୍ତ୍ରକୁ ପଣ୍ଡ କରିବାକୁ ସେନା, ସୁରକ୍ଷାକର୍ମୀ ରାଜ୍ୟ ପୋଲିସ ଇଣ୍ଟେଲିଜେନ୍ସକୁ ଅଧିକ ସଜାଗ ତଥା ସକ୍ରିୟ ହେବାର ଆବଶ୍ୟକତା ରହିଛି । ଅନ୍ୟ ଏକ ଗୁରୁତର ପ୍ରସଙ୍ଗ ଯେ, ସୁରକ୍ଷା ଏଜେନ୍ସିଗୁଡ଼ିକୁ ଜନସାଧାରଣ ସହଯୋଗ କଲେ ସମସ୍ତ ଷଡଯନ୍ତ୍ରର ମୁକାବିଲା କରି ଏହାକୁ ପଣ୍ଡ କରିବା ସୁରକ୍ଷା ଏଜେନ୍ସିଙ୍କ ପାଇଁ ସହଜ ହେବ । ଦେଶର ଶତ୍ରୁଙ୍କ ଦୁଃସାହସରେ ଲଗାମ୍ ମଧ୍ୟ ଲାଗି ପାରିବ।

ଅନ୍ୟ ପକ୍ଷରେ ଭାରତର ଯୁବପିଢ଼ିଙ୍କୁ ନିଶାଶକ୍ତ କରି ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷରେ ପାକିସ୍ତାନ ଓ ଆଫଗାନିସ୍ତାନ ପ୍ରୟାସ ଜାରି ରଖିଛନ୍ତି । ଭାରତର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ ସମୟରେ ଜବତ କରାଯାଉଥିବା ମାରାତ୍ମକ ଧଳା ଜହର ଏବଂ ଏହାର ବର୍ଦ୍ଧିତ ବ୍ୟବସାୟ ସିଧାସଳଖ ଦର୍ଶାଇଛି ଯେ, ଏହା ପଛରେ ଆଫଗାନିସ୍ତାନ ଓ ପାକିସ୍ତାନର ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଜଡ଼ିତ । ଆଗରୁ ଜାମ୍ମୁ-କାଶ୍ମୀର ପଞ୍ଜାବ ବାଟରେ ପାକିସ୍ତାନ ସୀମାବାଟରେ ଅନ୍ତଃରାଷ୍ଟ୍ରୀୟ ଡ୍ରଗ୍ସ ମାଫିଆ ଏହି କାରବାର ଚଳାଉଥିବା ବେଳେ ଏବେ ଜଳପଥ ଓ ଆକାଶପଥକୁ ନିଜ କବ୍‌ଜାରେ ନେଇଛନ୍ତି ଏବଂ ଏହାକୁ ଅଧିକ ସୁରକ୍ଷା ମଣି ଅବାଧରେ ଏବଂ ପ୍ରବଳ ମାତ୍ରାରେ ଏହି ଧଳା ଜହର ବ୍ୟବସାୟ କରିବାରେ ସକ୍ଷମ ହେଉଛନ୍ତି । ଅନ୍ୟ ପକ୍ଷରେ ଗତ କିଛି ଦିନ ତଳେ ଦେଶରେ ବିଭିନ୍ନ ସ୍ଥାନରେ ଚଢାଉବେଳେ ଜବତ୍ ହେଉଥିବା ଡ୍ରଗ୍ସ ପ୍ରକୃତ ପକ୍ଷେ ଚିନ୍ତାଜନକ । କିଛି ଦିନ ତଳେ ବାଙ୍ଗାଲୋରରୁ ୩୫ କିଲୋ ହେରୋଇନ୍ ଜବତ ହେଲା ଏବଂ ୮ ଜଣ ଡ୍ରଗ୍ସ ମାଫିଆ ନ୍ୟାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ଏନ୍‌ସିବି ଗିରଫ କଲା। ଅନୁସନ୍ଧାନରେ ଜଣାପଡିଲା ଯେ ମୁମ୍ବାଇରୁ ଆସି ବାଙ୍ଗାଲୋରରେ ପହଞ୍ଚିଥିବା ୨ ଜଣ ମହିଳାଙ୍କଠାରୁ ୭ କିଲୋ ହେରୋଇନ୍ ଜବତ ହେଲା ପରେ ଏନ୍‌ସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଦେଶରେ ସବୁ ପ୍ରାନ୍ତରେ ଧଳା ଜହର ବେପାର ପାଇଁ ଆଫଗାନିସ୍ତାନ ଓ ପାକିସ୍ତାନ ପୂର୍ଣ୍ଣ ସକ୍ରିୟ ହୋଇ ରହିଛି । ମାତ୍ର ଏହି ପଦକ୍ଷେପକୁ କଡା ମୁକାବିଲା କରାଯିବ ଏବଂ ଗିରଫଦାରୀ ଜୋରଦାର କରାଯିବ ବୋଲି ଏନ୍‌ସିବି କହିଛି।

ଏହାର ତଥ୍ୟଗତ ପ୍ରମାଣ ମିଳିଥିଲା, ଦିଲ୍ଲୀର ସାହିନବାଗ ଅଞ୍ଚଳରୁ ଜବତ ହୋଇଥିବା ବଡ ଧରଣର ଧଳା ଜହର। ଯେଉଁ ଲୋକମାନଙ୍କୁ ଏହି ମାମଲାରେ ବ୍ରାଉନ୍ ସୁଗାର ସହ ଗିରଫ ବ୍ୟକ୍ତି ବିଶେଷଙ୍କ ସମ୍ପର୍କ ପାକିସ୍ତାନ ଓ ଆଫଗାନିସ୍ତାନ ଡ୍ରଗ୍ସ ମାଫିଆଙ୍କ ସହ ରହିଥିବା ତଦନ୍ତରୁ ଜଣାପଡିଥିଲା। ନିଶା ଦ୍ରବ୍ୟ କାରବାରରେ ସକ୍ରିୟ ବୋଲି ଏବେ ନାରକୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍.ସି.ବି) ଜାଣିବା ପରେ ଛୋଟବଡ ସହରରେ ଚଢାଉକୁ ତୀବ୍ର କରିଛି ସଫଳତା ମଧ୍ୟ ପାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିତ୍ୱ ତଥା କୂଟନୀତି ବିଦେଶମନ୍ତ୍ରାଳୟ ଉପରେ ପାରଦର୍ଶୀତା ସମ୍ପୂର୍ଣ୍ଣ ସ୍ୱାଗତଯୋଗ୍ୟ ଏବଂ ଏସ୍ ଜୟଶଙ୍କର ଭଳି ଜଣେ ଉଚ୍ଚକୋଟୀର ପ୍ରଶାସକ ତଥା ବିଦେଶ ମନ୍ତ୍ରୀ ଯଦି ଆତଙ୍କବାଦ ବିରୋଧୀ ଲଢେଇରେ ହାତ ଟେକିଦେବେ ଏବଂ ବିଶ୍ୱର ପ୍ରମୁଖ ଦେଶର ସହାୟତା ପାଇଁ ଅସମର୍ଥ ହେବେ ତେବେ ଦେଶବାସୀ ହତାଶ ହେବା, ଆତ୍ମବିଶ୍ୱାସ ହରାଇବା ହିଁ ସାର। ବିଭିନ୍ନ ଦେଶର ବିଦେଶନୀତି ଏବଂ କୂଟନୀତି ସମ୍ପୃକ୍ତ ଦେଶ ସ୍ଥିର କରିଥାନ୍ତି । ତେଣୁ ନିର୍ଭରଶୀଳ ନ ହୋଇ ଭାରତକୁ ନିଜର ବିଦେଶନୀତି ଓ କୂଟନୀତି ଉପରେ ନିର୍ଭର କରିବା ଉଚିତ୍ । କଥାରେ ଅଛି ‘ଲାତୋ କେ ଭୂତ ବାତୋ ମେଁ ନୈହିଁ ମାନ୍‌ତା’। ତେଣୁ ଭାରତରେ ଉଗ୍ରବାଦୀଙ୍କୁ ସୁ ସଜ୍ଜିତ କରି ଆଧୁନିକ ଅସ୍ତ୍ରଶସ୍ତ୍ର ସହ ଉଗ୍ରବାଦୀ କାର୍ଯ୍ୟକଳାପ କୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର ପାକିସ୍ତାନ ପାଇଁ କେବଳ ଏହିନୀତି ଅବଲମ୍ବନ କରିବା ଉଚିତ୍ ବୋଲି ବହୁ ବିଶେଷଜ୍ଞ ମତ ପୋଷଣ କରୁଛନ୍ତି। ଅନ୍ୟ ପକ୍ଷରେ ଯୁବପିଢିକୁ ନିଶାଦ୍ରବ୍ୟରେ ଅଭ୍ୟସ୍ତ କରୁଥିବା ରାଷ୍ଟ୍ରପତି ଭାରତ କଡା ପ୍ରହାର କରିବାର ଆବଶ୍ୟକତା ରହିଛି। କାରଣ ମାତ୍ରାଧିକ ପ୍ରମାଣ ମିଳିସାରିଛି ଏବଂ ସାବ୍ୟସ୍ତ ମଧ୍ୟ ହୋଇସାରିଛି।



# ଦିଆସିଲି କାଠିରେ ଟ୍ୟାଙ୍କ

ଦିଆସିଲି କାଠିରେ ତିଆରି ହୋଇଛି ଟ୍ୟାଙ୍କ। ଟ୍ୟାଙ୍କରେ ଲାଗିଛି ଭାରତର ଜାତୀୟ ପତାକା। ଏହି ସୁନ୍ଦର ଟ୍ୟାଙ୍କଟିକୁ ତିଆରି କରିଛନ୍ତି ଓଡ଼ିଶାର ଶାଶ୍ୱତ ରଂଜନ ସାହୁ। ପୁରୀରେ ରହୁଥିବା ଶାଶ୍ୱତଙ୍କୁ ଏହି ଟ୍ୟାଙ୍କ ତିଆରି କରିବାକୁ ଲାଗିଥିଲା ୬ ଦିନ। ଏଥିରେ ୨୨୫୬ଟି ଦିଆସିଲି କାଠି ବ୍ୟବହାର କରାଯାଇଛି। ଟ୍ୟାଙ୍କଟିର ଉଚ୍ଚତା ୯ ଇଂଚ ହୋଇଥିବାବେଳେ ଚଉଡ଼ା ୮ ଇଂଚ୍। ଭାରତୀୟ ସେନାର ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏହି ଟ୍ୟାଙ୍କକୁ ଉତ୍ସର୍ଗ କରିଛନ୍ତି ଶାଶ୍ୱତ। କେବଳ ଏହି ଟ୍ୟାଙ୍କ ନୁହେଁ, ପୂର୍ବରୁ ଦିଆସିଲି କାଠିରେ ଅନେକ କଳାକୃତି ତିଆରି କରି ପ୍ରଶଂସିତ ହୋଇଛନ୍ତି ଶାଶ୍ୱତ। ନିକଟରେ ନୂଆବର୍ଷ ଅବସରରେ ଦିଆସିଲି କାଠିରେ ସେ ମହାପ୍ରଭୁ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ତିଆରି କରି ଓଡ଼ିଶା ରାଜ୍ୟପାଳଙ୍କୁ ଭେଟି ଦେଇଥିଲେ। ଏହି କଳାକୃତିର ଫଟୋ ସୋଶାଲ ମିଡିଆରେ ଭାଇରାଲ ମଧ୍ୟ ହୋଇଥିଲା।

# ମୌନି



ସୋସିଆଲ ମିଡିଆରେ ଲୋକପ୍ରିୟ ଅଭିନେତ୍ରୀ ମୌନି ରାୟଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି। ଖବର ଅନୁଯାୟୀ ଖୁବ୍‌ଶୀଘ୍ର ଦୁବାଇରେ ରହୁଥିବା ବ୍ୟାଙ୍କର ସୁରଜ ନାମ୍ବିଆରଙ୍କ ସହ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି। ମୌନି ଓ ସୁରଜ ଗତ କିଛିଦିନ ଧରି ପରସ୍ପରକୁ ଡେଟ୍ କରୁଥିଲେ ଏବଂ ସେମାନଙ୍କ ସମ୍ପର୍କର ଏକ ନୂତନ ନାମ ଦେବାକୁ ଯାଉଛନ୍ତି। ମୌନି ରାୟ ଲକ୍‌ଡାଉନ୍ ଆରମ୍ଭରୁ ଦୁବାଇରେ ରହୁଥିଲେ। ଅଭିନେତ୍ରୀ ପ୍ରାୟତଃ ଫ୍ୟାନ୍‌ମାନଙ୍କ ସହ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ସେୟାର କରିଥାନ୍ତି। ଗତ କିଛିଦିନ ତଳେ ରିଲେସନ୍‌ସିପ୍‌କୁ ଅଫିସିଆଲ କରି ନାମ୍ବିଆର ଏବଂ ତାଙ୍କ ପରିବାରଙ୍କ କିଛି ଫଟୋ ସେୟାର କରିବା ସହ ନାମ୍ବିଆରଙ୍କ ବାପା-ମା'ଙ୍କୁ ସେ ମମି-ପାପା କହି ସମ୍ବୋଧିତ କରିଥିଲେ। ସୂଚନା ଅନୁସାରେ ମୌନି ଏବଂ ସୁରଜ ଦୁଇଜଣ ବିବାହ ପାଇଁ ଯୋଜନା କରୁଛନ୍ତି। ମୌନିଙ୍କର ସୁରଜଙ୍କ ବାପା-ମା'ଙ୍କ ସହ ସମ୍ପର୍କ ଟିକିଏ ଅଦ୍ଭୁତ। ମୌନି ଖୁବ୍‌ଶୀଘ୍ର ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜରକୁ ଆସିବେ। ଏହି ଫିଲ୍ମରେ ମୌନିଙ୍କ ବ୍ୟତୀତ ଆଲିଆ ଭଟ୍ଟ, ରଣବୀର କପୁର ଏବଂ ଅମିତାଭ ବଚ୍ଚନ ମଧ୍ୟ ନଜରକୁ ଆସିବେ। ଏହି ଫିଲ୍ମରେ ଆୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମରେ ମୌନି ଖଳନାୟିକା ଭୂମିକାରେ ଅଭିନୟ କରିବେ।
# ରାସ୍ତାରେ ଏକାଠି ବାଘ-ମଣିଷ



ଥରେ ଭାବନ୍ତୁ ଆପଣ ରାସ୍ତାରେ ଯିବା ସମୟରେ ହଠାତ୍ ଆପଣଙ୍କ ସାମ୍ନାକୁ ଏକ ବାଘ ଆସୁଛି, ତେବେ ଆପଣଙ୍କ ଅବସ୍ଥା କଣ ହେବ। ଆଜ୍ଞା ହଁ, କଥାଟା ଭାବିଲା ବେଳକୁ ଭୟରେ ଦେହ ଶୀତେଇ ଉଠୁଥିବାବେଳେ ଏଭଳି ଏକ ଘଟଣା ଘଟିଥିବା ଜଣାପଡିଛି। ଘଟଣାଟି ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ତଡୋବା ଅନ୍ଧାରୀ ଟାଇଗର ରିଜର୍ଭ ଅଂଚଳରେ। ଚନ୍ଦ୍ରପୁର ଜିଲ୍ଲାରେ ରାସ୍ତା ପାର ହେଉଥିବା ଲୋକେ ଏକ ବାଘକୁ ଦେଖି ଲୋକେ ସ୍ତବ୍ଧ ହୋଇଗଲେ। ଘଟଣାକ୍ରମେ କିଛି ଲୋକେ ନିଜ ନୀତିଦିନିଆ କାର୍ଯ୍ୟରେ ରାସ୍ତାରେ ଯିବା ସମୟରେ ବାଘଟିକୁ ଦେଖିଲେ। ଲୋକେ ବାଘକୁ ଦେଖି ନିଜ ସ୍ଥାନରେ ରହିଗଲେ। ତଡୋବା ଅନ୍ଧାରୀ ଟାଇଗର ରିଜର୍ଭରେ ପ୍ରାୟ ୮୦ଟି ବାଘ ରହିଛନ୍ତି ବୋଲି ଜଣାପଡିଛି। ମାତ୍ର ଏହି ଘଟଣାଟିକୁ ଜଣେ ଫଟୋଗ୍ରାଫର ଖୁବ୍ ସୁନ୍ଦର ଭାବେ ନିଜ କ୍ୟାମେରାରେ କଏଦ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଏହି ସ୍ଥାନରେ ସାଧାରଣତଃ ବାଘମାନେ ମନୁଷ୍ୟଙ୍କଠାରୁ ନିଜକୁ ଦୂରେଇ ରଖନ୍ତି। ଏହାସହ ସେଭଳି ସମୟରେ ବାଘ ନିଶ୍ଚୟ ଲୋକେ ଦେଖିବା ଆଗରୁ ରାସ୍ତା ପାର ହୋଇ ପଳାଇବାକୁ ଚେଷ୍ଟା କରିବ, କିମ୍ବା ରାସ୍ତାଠାରୁ ଦୂରେଇ ରହିବ। ବାଘକୁ ରାସ୍ତା ପାର ହୋଇ ବିପରୀତ ଦିଗରେ ଥିବା ଜଙ୍ଗଲକୁ ଯିବା ପାଇଁ ତା' ପାଇଁ ଅଧିକ ଉତମ ବିକଳ୍ପ। ଯେପରି ଫଟୋରେ ଦେଖାଯାଉଛି, ବାଘଠାରୁ ଦୂରରେ ବାଇକରେ ଜଣେ ବ୍ୟକ୍ତି ଓ ତାଙ୍କ ସହ ଜଣେ ମହିଳା ବସିଛନ୍ତି, ଏହାସହ ପଛରେ ଆଉ ଜଣେ ମଧ୍ୟ ବାଇକ ଆରୋହୀ ରହିଛନ୍ତି। ଏମାନଙ୍କ ପାଇଁ ରାସ୍ତାରେ ଏପରି ବାଘ ଆସିଯିବା ଏକ ବଡ଼ ଝଟ୍‌କାରୁ କମ୍ ନୁହେଁ। ମାତ୍ର ବାଘ କାହାରିକୁ ଆକ୍ରମଣ କରିବା ଭଳି କୌଣସି ଆଭାସ ମିଳୁନଥିଲା। ମାତ୍ର ୨୫୦ କିଲୋର ବାଘକୁ ନିଜ ସାମ୍ନାରେ ଦେଖିବା ଓ ଶାନ୍ତ ରହିବା ଆଦୌ ସମ୍ଭବ କିମ୍ବା ସହଜ ନୁହେଁ। ମାତ୍ର ବାଘ ଏଠାରେ ଥିବା ଲୋକଙ୍କୁ ଆକ୍ରମଣ କରିବାକୁ ଇଚ୍ଛା କରିନଥିଲା।

# ଭକ୍ତଙ୍କୁ ଆଶୀର୍ବାଦ ଦେଉଛି କୁକୁର



ଯଦି ଆପଣ ମନ୍ଦିର ଯାଇଥିଲେ ତାହେଲେ ଭଗବାନ ବା ପୂଜକ କିମ୍ବା ପାଖରେ ଉପସ୍ଥିତ ଥିବା ଗୁରୁଜନଙ୍କ ଆଶୀର୍ବାଦ ପାଇଁ ଚେଷ୍ଟା କରିବେ। ହେଲେ କେବେ ଦେଖିଥିଲେ କୁକୁର ଭକ୍ତକୁ ଆଶୀର୍ବାଦ ଦେଉଛି। ଯଦି ବି ଦେଖିଥିବେ ଭାବୁଥିବେ ଏହା ଏଡିଟେଡ୍ ଫଟୋ ହୋଇପାରେ। ହେଲେ ଏବେ ଯେଉଁ ଫଟୋ ଦେଖୁଛନ୍ତି ତାହା ଏଡିଟେଡ୍ ନୁହେଁ ବରଂ ସତ। ସୋଶାଲ ମିଡିଆରେ ଭାଇରାଲ ହୋଇଥିବା ଏହି ଫଟୋ ମୁମ୍ବାଇ ସିଦ୍ଧିବିନାୟକ ମନ୍ଦିରର। ଯେଉଁଠି ମନ୍ଦିର ବାହାରେ ଜଣେ ଭକ୍ତକୁ କୁକୁର ଆଶୀର୍ବାଦ ଦେଉଥିବାର ଦେଖିବାକୁ ମିଳିଛି। ଖାଲି ଏତିକି ନୁହେଁ ଭକ୍ତଙ୍କ ସହ କୁକୁରଟି ହାତ ମିଳାଉଥିବାର ମଧ୍ୟ ଦେଖିବାକୁ ମିଳୁଛି।

# 'ତାଣ୍ଡବ'

## କ୍ଷମା ମାଗିଲେ ନିର୍ଦ୍ଦେଶକ



ସୈଫ୍ ଅଲ୍ଲୀ ଖାନଙ୍କ ଅଭିନୀତ ୱେବ୍ ସିରିଜ୍ 'ତାଣ୍ଡବ'କୁ ନେଇ ହଙ୍ଗାମା ସୃଷ୍ଟି ହୋଇଛି। ୱେବ୍ ସିରିଜ୍‌କୁ ନେଇ ଉଠିଥିବା ବାଦ ବିବାଦ ମଧ୍ୟରେ ନିର୍ଦ୍ଦେଶକ ଅଲି ଆବାସ ଜାଫର କ୍ଷମା ମାଗିଛନ୍ତି। ସେ ଟ୍ୱିଟର ହ୍ୟାଣ୍ଡେଲରେ ଏକ ପୋଷ୍ଟ ସେୟାର କରି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଅଲି ଆବାସ ଲେଖିଛନ୍ତି ଯେ, ଆମେ ୱେବ୍ ସିରିଜ୍ ତାଣ୍ଡବକୁ ନେଇ ଦର୍ଶକଙ୍କ ପ୍ରତିକ୍ରିୟା ଉପରେ ଭଲ ଭାବେ ନଜର ରଖିଛୁ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହିତ ଏକ ମିଟିଂ ସମୟରେ ୱେବ୍ ସିରିଜ୍‌ର ବିଭିନ୍ନ ଦୃଶ୍ୟ ଓ କଂଟେଟ୍ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା ନେଇ ଅଭିଯୋଗ ମିଳିଛି। ଆବାସ୍ ଲେଖିଛନ୍ତି, ୱେବ୍ ସିରିଜ୍ ତାଣ୍ଡବ ଏକ ଫିକ୍ସନ୍। ଯଦି ଏହା କୌଣସି ବି ବ୍ୟକ୍ତି କିମ୍ବା ଘଟଣା ସହ ସମାନତା ରହିଛି ତେବେ ଏହା ଏକ ମାତ୍ର ସଂଯୋଗ। କୌଣସି ବି ବ୍ୟକ୍ତି, ଜାତି, ସମ୍ପ୍ରଦାୟ, ପିଢ଼ି, ଧର୍ମ ଓ ଧାର୍ମିକ ବିଶ୍ୱାସର ଭାବନାକୁ ଆଘାତ ଦେବା କିମ୍ବା ସଂସ୍ଥା, ରାଜନୈତିକ ଦଳ କିମ୍ବା ବ୍ୟକ୍ତି, ଜୀବିତ କିମ୍ବା ମୃତକଙ୍କ ଅପମାନ କରିବା ଆମର କୌଣସି ଉଦ୍ଦେଶ୍ୟ ନାହିଁ। ତାଣ୍ଡବର କାଷ୍ଟ ଓ କ୍ରୁ ପକ୍ଷରୁ ହୋଇଥିବା ଅଭିଯୋଗ ବିଷୟରେ ପଚାରି ବୁଝାଯାଇଛି। ବିନା ସର୍ତ୍ତରେ କ୍ଷମା ମାଗୁଛି ବୋଲି ନିର୍ଦ୍ଦେଶକ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅନେକ ସ୍ଥାନରେ ତାଣ୍ଡବର ଅଭିନେତା ସୈଫ୍ ଅଲ୍ଲୀ ଖାନ, ଡିମ୍ପଲ କପାଡ଼ିଆ ଓ ସୁନୀଲ ଗ୍ରୋଭରଙ୍କ ସହିତ ୩୨ଜଣଙ୍କ ବିରୋଧରେ କେସ୍ ରୁଜୁ କରାଯାଇଛି। ୱେବ୍ ସିରିଜ୍‌ରେ ହିନ୍ଦୁ ଦେବା ଦେବୀଙ୍କ ଉପହାସ କରିବା ଏବଂ ସମାଜରେ ଜାତିବାଦକୁ ପ୍ରୋତ୍ସାହନ ଦିଆଯାଇଥିବା ଅଭିଯୋଗ ହୋଇଛି।

# ବନ୍ଧୁକ ମୁନରେ କେକ୍ କାଟିବା ମହଙ୍ଗା ପଡ଼ିଲା

ଭାରି ପଡ଼ିଲା ଜନ୍ମଦିନ ଉତ୍ସବ। ଛୁରି ବଦଳରେ ବନ୍ଧୁକରେ କାଟିଲେ କେକ୍। ଭିଡିଓ ଭାଇରାଲପରେ ଫସିଗଲେ ଯୁବକ। ଉତରପ୍ରଦେଶର ହାପୁଡ ଜିଲ୍ଲାରେ ଘଟିଛି କିଛି ଏଭଳି ଘଟଣା। ସେଠାରେ ଜଣେ ଗୁଡ୍ଡୁ ନାମକ ଯୁବକ ନିଜ ଜନ୍ମଦିନ ଉତ୍ସବରେ ଛୁରି ବଦଳରେ ବନ୍ଧୁକ ମୁନରେ କେକ୍ କାଟିଛନ୍ତି। ଏହି ଉତ୍ସବରେ ଭିଡିଓ ଭାଇରାଲ ପରେ ପୋଲିସ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦୁଇଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁସାରେ ଶହନବାଜ ଓରଫ ଗୁଡ୍ଡୁର ଜନ୍ମଦିନ ଥିଲା। ନିଜ ଜନ୍ମଦନକୁ ସେ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରିଥିଲେ। ଏହାର ଭିଡିଓକୁ ସୋଶାଲ ମିଡିଆରେ ବି ଶେୟାର କରିଥିଲେ। ତେବେ ଏହି ଭିଡିଓ ହାପୁର ପୋଲିସର ନଜରରେ ପଡ଼ିଥିଲା। ଯେଉଁଥିରେ ଅନେକ ଯୁବକ ଏକାଠି ହୋଇ ଜନ୍ମଦିନ ପାଳନ କରିବା ସହ ପାଟିତୁଣ୍ଡ ବି କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଏହାରି ମଧ୍ୟରେ ଜଣେ ଯୁବକ ବନ୍ଧୁକ ମୁନରେ କେକ୍ କାଟୁଥିବା ବି କ୍ୟାମେରାରେ କଏଦ ହୋଇଥିଲା। ଭିଡିଓ ଦେଖିବା ପରେ ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପୋଲିସ ଗୁଡ୍ଡୁ ଓ ଶାକିବ ଓରଫ ଭୁରା ନାମକ ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଗୋଟିଏଦେଶୀ ବନ୍ଧୁକ ଓ ଦୁଇଟି ଗୁଳି ଜବତ କରିଛି ପୋଲିସ। ଗୁଡ୍ଡୁ ମାଜିଦପୁରା ବାସିନ୍ଦା ହୋଇଥିବାବେଳେ ଭୁରା କରୀନ ମସ୍‌ଜିଦ୍ ଗଳି ହାପୁଡ ନଗରର ବାସିନ୍ଦା ବୋଲି ଜଣାପଡିଛି।

# ଗେଣ୍ଡୁଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହେଉଛନ୍ତି ଚାଷୀ

ସମ୍ବଲପୁର, ୧୪/୨: ବର୍ତ୍ତମାନ ସମୟରେ ବିଭିନ୍ନ ବିଷୟକୁ ନେଇ ରାଜ୍ୟର ବିଭିନ୍ନ ମନ୍ଦିର, ପର୍ଯ୍ୟଟନସ୍ଥଳୀ ସହିତ କଳାକୃତି ଆଦି ସହିତ ଜଡିତ ଗ୍ରାମ ଗୁଡିକ ଚର୍ଚ୍ଚାରେ ରହିବା ସହିତ ପ୍ରସିଦ୍ଧି ପାଉଥିବା ବେଳେ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ଅନ୍ତର୍ଗତ ସନାତନପାଲି ଗ୍ରାମ ଏବେ ଗେଣ୍ଡୁ ଫୁଲ ଚାଷ ପାଇଁ ବେଶ ପ୍ରସିଦ୍ଧି ଲାଭ କରିଛି। ଏହି ଗ୍ରାମର ଚାଷୀ ମାନେ ସେମାନଙ୍କର ଚାଷ ଜମି ଗୁଡିକରେ ଗେଣ୍ଡୁ ଫୁଲ ଚାଷ କରି ଲାଭବାନ ହେବା ସହିତ ଖ୍ୟାତି ମଧ୍ୟ ଅର୍ଜନ କରୁଛନ୍ତି। ଗତ ୨୦୦୨ ମସିହାରେ ସନାତନପାଲି ଗ୍ରାମର ଚାଷୀ ନିରାକାର ପ୍ରଧାନ ପାରମ୍ପରିକ ଚାଷ ଅପେକ୍ଷା କିଛି ନୂଆ କରିବା ଉଦ୍ଦେଶ୍ୟ ନେଇ ପ୍ରଥମେ ନିଜର ୨୫ ଡିସିମିଲ ଚାଷ ଜମିରେ ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ପ୍ରଥମ ବର୍ଷରୁ ହିଁ ତାଙ୍କର ଭଲ ପରିମାଣରେ ଫୁଲ ଚାଷ ଏବଂ ରୋଜଗାର ହେବାରୁ ସେ ଏହାକୁ ଆଗକୁ ନେଇଥିଲେ। ଏହା ପରେ ଗ୍ରାମର ଅନେକ ଚାଷୀ ସେମାନଙ୍କର ଚାଷ ଜମିରେ ବ୍ୟାପକ ଭାବରେ ଗେଣ୍ଡୁ ଫୁଲ ଚାଷ କରି ଆସୁଛନ୍ତି। ପୂର୍ବରୁ ଚାଷୀ ମାନେ ଧାନ, ପନିପରିବା ଚାଷ ଆଦି କରୁଥିଲେ। ଧାନ ଚାଷରେ ଏକର ପିଛା ପ୍ରାୟ ୧୫ ହଜାର ଟଙ୍କା ମିଳୁଥିବା ବେଳେ ଗେଣ୍ଡୁ ଫୁଲ ଚାଷ କରିଲେ ପ୍ରାୟ ୬ ମାସରେ ପ୍ରାୟ ୮୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳୁଥିବାରୁ ଚାଷୀ ମାନେ ଏଥି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ସମୟରେ ୨୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ଗୁଡିକରେ ଚାଷୀ ମାନେ ଗେଣ୍ଡୁଫୁଲ ଚାଷ କରି ଆତ୍ମନିର୍ଭରଶୀଳ ହୋଇ ନୂତନ ପରିଚୟ ସୃଷ୍ଟି କରିଛନ୍ତି। ପଶ୍ଚିମ ଓଡ଼ିଶାରେ ଧାନ ଓ



ପନିପରିବା ଚାଷ ମୁଖ୍ୟ ହୋଇଥିବା ବେଳେ ଏଥିରେ ପରିଶ୍ରମ ମଧ୍ୟ ଅଧିକ ହୋଇଥାଏ। ତେବେ ଗେଣ୍ଡୁ ଫୁଲ ଚାଷ ପାଇଁ କମ ପରିଶ୍ରମ ସହିତ ଅଧିକ ଲାଭ ମିଳୁଥିବାରୁ ଗ୍ରାମର ଚାଷୀ ମାନେ ଏହାକୁ ଏବେ ଅଧିକ ପସନ୍ଦ କରୁଛନ୍ତି। ଏଥି ପାଇଁ ସନାତନପାଲି ଗ୍ରାମରେ ଚାଷୀ ମାନଙ୍କୁ ନେଇ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପ୍ରାଇଭେଟ ଲିମିଟେଡ ଖୋଲା ଯାଇ ଚାଷୀ ମାନଙ୍କୁ ଫୁଲ ଚାଷ ପାଇଁ ଅଧିକ ତାଲିମ ସହିତ ପ୍ରଶିକ୍ଷଣ ଦିଆଯାଉଛି। ସନାତନପାଲି ଗ୍ରାମରେ ସଫଳତାର ସହିତ ଗେଣ୍ଡୁ ଫୁଲ ଚାଷ ହେଉଥିବାରୁ ବିଭିନ୍ନ ସମୟରେ ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ୟାନ ଓ କୃଷି ବିଭାଗର ପ୍ରତିନିଧି ଦଳ ମାନେ ଆସି ପରିଦର୍ଶନ କରୁଛନ୍ତି। ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପ୍ରାଇଭେଟ ଲିମିଟେଡ ଅଧିନରେ ଏବେ ୮ଟି ପଞ୍ଚାୟତର ୬୪ଟି ଗ୍ରାମରେ ୧୦୦ ଏକରରୁ ଅଧିକ ଜମିରେ ଗେଣ୍ଡୁ ଫୁଲ ଚାଷ କରାଯାଉଛି। ଏଥି ପାଇଁ ଲକ୍ଷ୍ନୌର ସିଏସଆଇଆର ନ୍ୟାସନାଲ ବୋଟାନିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଓ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପ୍ରାଇଭେଟ ଲିମିଟେଡ ମଧ୍ୟରେ ସ୍ୱତନ୍ତ୍ର ଅନୁବନ୍ଧନ କରାଯାଇଛି ଏବଂ ଚାଷୀ ମାନଙ୍କୁ ଗେଣ୍ଡୁ ଫୁଲ ଚାଷ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ, ଆଧୁନିକ ପ୍ରଣାଳି ନେଇ ଜ୍ଞାନ କୌଶଳ ସମ୍ପର୍କରେ ସଚେତନ ଆଦି କରାଯାଉଛି। ଗେଣ୍ଡୁ ଫୁଲର ସଫଳତାକୁ ଧ୍ୟାନ ଦେଇ ଆଗାମୀ ଦିନରେ ରଜନୀଗନ୍ଧା, ଗୋଲାପ, ଗ୍ଲାଡିଓଲି ସମେତ ବିଭିନ୍ନ ଫୁଲ ଚାଷ କରିବାକୁ ମଧ୍ୟ ଯୋଜନା ରଖାଯାଇଛି ବୋଲି ଚାଷୀ ମାନେ କହିଛନ୍ତି। ଅନ୍ୟ ପଟରେ ସନାତନପାଲି ଗ୍ରାମରେ ହେଉଥିବା ଗେଣ୍ଡୁ ଫୁଲ ଚାଷ ପାଇଁ ଏହି ଗ୍ରାମକୁ ଲୋକେ ଗେଣ୍ଡୁ ଫୁଲର ଗ୍ରାମ ବୋଲି କହୁଥିବା ବେଳେ ଏହା ଗ୍ରାମକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏ ସମ୍ପର୍କରେ ଚାଷୀ ମନବୋଧ ବାରିକ କହିଛନ୍ତି ଯେ, ଗ୍ରାମରେ ପ୍ରଥମେ ଚାଷୀ ନିରାକାର ପ୍ରଧାନ ଏହି ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ସେ ଉଦ୍ୟାନ ଓ କୃଷି ବିଭାଗର ପ୍ରୋତ୍ସାହନରେ ଏହା ଆରମ୍ଭ ହୋଇଥିଲା। ଏହା ଦେଖିବା ପରେ ଚାଷୀ ମାନେ ଗ୍ରାମରେ ଗେଣ୍ଡୁ ଫୁଲ ଚାଷ ଆରମ୍ଭ କରିଥିଲେ। ଏହା ପରେ ନାବାର୍ଡ ସହଯୋଗରେ ଏକ କ୍ଲବ ଗଠନ କରାଯାଇ ୧୫ ଜଣ ଚାଷୀଙ୍କୁ ସାମିଲ କରାଯାଇଥିଲା। ଏହାର ପ୍ରଭାବରେ ଆଖପାଖର ଗ୍ରାମରେ ମଧ୍ୟ ଚାଷୀ ମାନେ ଫୁଲ ଚାଷ ଆରମ୍ଭ କରି ଦେଇଥିଲେ। ଏଣୁ ପରବର୍ତ୍ତୀ ସମୟରେ ଗେଣ୍ଡୁ ଫୁଲ ଚାଷର ମାର୍କେଟିଂ ପାଇଁ ଏଫପିଓ ଗଠନ କରିଥିଲୁ। ଧିରେ ଧିରେ ଆମେ ପାରମ୍ପରିକ ଧାନ, ପନିପରିବା ଆଦି ଚାଷୀ ପରିବର୍ତ୍ତେ ଗେଣ୍ଡୁ ଫୁଲ ଚାଷକୁ ଏବେ ଗ୍ରାମରେ ପ୍ରାଧାନ୍ୟ ଦିଆଯାଉଛି। ଏହି ସହ ଏହା ହାତୀ ଉପଦ୍ରବ ପ୍ରବଣ ଗ୍ରାମ ହୋଇଥିବାରୁ ହାତୀ ନିୟମିତ ଧାନ, ପନିପରିବା, ତରଭୁଜ ଆଦି ଚାଷ ନଷ୍ଟ କରି ଦେଉଥିବା ବେଳେ କିନ୍ତୁ ଫୁଲ ଚାଷକୁ ନଷ୍ଟ କରୁ ନାହାନ୍ତି ବୋଲି ଚାଷୀ ଶ୍ରୀ ବାରିକ କହିଛନ୍ତି।

## ମୁକ୍ତାପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପାଟଣା **୧୪/୨ (ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ମୁକ୍ତାପୁର ଆଶ୍ରମ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ର ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଘନଶ୍ୟାମ ମହାନ୍ତ ଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଥିବା ଉତ୍ସବ ରେ ମୁକ୍ତାପୁର ଗ୍ରାମ ପଞ୍ଚାୟତ ର ସମିତି ସଭ୍ୟା ତିଳୋତ୍ତମା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ତ୍ରିଲୋଚନ ମହାନ୍ତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଘଟଗାଁ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପ୍ରିତମ ପ୍ରିୟଦର୍ଶିନୀ ସାମଲ, କଟରାବେଡା ସି ଆର ସି ସି ହୃଷୀକେଶ ପଲେଇ, ପ୍ରଥମ ଓଡ଼ିଶା ର ସଂଯୋଜକ ମନୋଜ କୁମାର ଦଳାଇ ଓ ଟାଟା ଆସ୍ୱାୟାର ର ସଂଯୋଜକ ଫକୀର ଚରଣ ମହାନ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ, ଅଭିଭାବିକା, ଜନସାଧାରଣ, ଗ୍ରାମବାସୀ ଯୋଗଦେଇଥିଲେ । ବାର୍ଷିକ ଉତ୍ସବ ରେ ବିଦ୍ୟାଳୟ ପରିଚାଳନା କମିଟି ର ଚେୟାରମେନ ନିରଞ୍ଜନ ବେହେରା, ସମସ୍ତ ସଭ୍ୟ, ସଭ୍ୟା, ବିଦ୍ୟାଳୟ ର ସହକାରୀ ଶିକ୍ଷକ ବୈଲୋଚନ ସାହୁ ଓ ଲୋକନାଥ ନାୟକ ଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରତିଯୋଗିତା ଓ ଅନ୍ୟାନ୍ୟ କ୍ଷେତ୍ର ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ମୁକ୍ତାପୂର ସ୍ଥିତ ବାଳମୁକୁଳି ଉ.ପ୍ରା.ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପାତ୍ର କାର୍ଯ୍ୟକ୍ରମକୁ ଖୁବ୍ ସୁନ୍ଦର ଭାବେ ପରିଚାଳନା କରିଥିଲେ।

## ଏଜେ ସାର୍ନା ବାବା ତିଳକ ଓ ସାଓ୍ୱତା ଜମେତ ଲାକି କ୍ଲବରେ କ୍ରୀଡ଼ା ଓ ନାଚ ଉତ୍ସବ

ମୟୂରଭଞ୍ଜ, **୧୪/୨ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରୁ ୧୪କିମି ଦୂର ଜାମଦା ବ୍ଲକ ତାଳଗାଁ ଗ୍ରାମ ପଞ୍ଚାୟତ ର ଆଦିବାସୀ ଓ ହରିଜନ ବହୁଳ ଗାଁ ମୁଗୁଦି ତଥା ଏଜେ ସାର୍ନା ବାବା ତିଳକ କ୍ଲବ ରେ ବାର୍ଷିକ ବନ୍ଧୁ ମିଳନ ସହ ବିଭିନ୍ନ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଶିଶୁ ବାଳକ ମାନଙ୍କର ହନୁ କୀର୍ତ୍ତନ ଖେଳ,୧୦୦ମି ଦୌଡ଼,ମହିଳାମାନଙ୍କର ରାତା କୁଳିକଓ୍ୱା,ବେଲୁନ ଫଟା,ବାଳକଙ୍କର ୨୦୦ମି ଦୌଡ଼,ବାଳିକାମାନଙ୍କର ଗୀତ ଓ ଚୌକି,ରେକର୍ଡ ଡ୍ୟାନ୍ସ,ମହିଳାମାନଙ୍କର ବାରାହି ଟଣା ବେଲୁନଫଟା,ସାଉଁତା ଜମେଲ ଲାଗଣେ ଏନେଜ,ରୁ ଅଂରେ ଭୁର୍କାଃ ଇପିଲ ହରଗଡ଼ା ଓ ହ୍ୟାପି କ୍ଲବ ଖଇରପାଳର ପ୍ରତିଯୋଗୀ ଭାଗ ନେଇଥିଲେ ।ସାନ୍ଧ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ଗାଁ ରୁ ଆସିଥିବା ଆଦିବାସୀ ନାଚ ଦଳ ପଡ଼ିଆରେ ନାଚ ପ୍ରଦର୍ଶନ କରିଥିଲେ ।ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ଡମ୍ବୁରୁଧର ହେମ୍ବ୍ରମ,ମୁଖ୍ୟ ବକ୍ତା ଭାବରେ ସମାଜସେବୀ ଏସ୍କେ ମୁସ୍ତଫା ଅଲ୍ଲୀ,ପ୍ରଶ୍ନ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାର ବିକାଶ ଉପରେ ମତପ୍ରଦାନ କରିଥିଲେ ।ଏଜେ ସାର୍ନା ବାବା ତିଳକ କ୍ଲବ୍



ମୁଗୁଦିର ସଭାପତି ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ,ସମ୍ପାଦକ ସିଦ ସୋରେନ୍, ଉପସଭାପତି ଅଜନ୍ତା ସୋରେନ୍, ସହ ସମ୍ପାଦକ ସୁପାଇ ସୋରେନ୍ ଙ୍କ ଉପସ୍ଥିତି ରେ ଅତିଥିଗଣ କୃତି କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରିଥିଲେ । କାହ୍ନାଇ, ଅଶୋକ, ଅଜୟ, ମହେଶ, ସିଦ, ଲାଖାଇ, କୁଆଁର ସୋରେନ୍, ସୁଶିଲ୍, ଅଜନ୍ତା, ସୁଶିଲ୍ ବାବୁ, ସାଉନା, ଉଦୟ, ବାବୁଲୁ, ରାଜେଶ୍, ସାଇବୁ, କାଳିଚରଣ ସୋରେନ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।ସେହିପରି ଜାମଦା ବ୍ଲକ ଚାନ୍ଦିଖମନ ସାଓ୍ୱତା ଜମେତ ଲାକି କ୍ଲବରେ ସୁନାରାମ ଜୟନ୍ତୀ ଅବସରରେ କ୍ରୀଡ଼ା ଓ ଆଦିବାସୀ ନାଚ ଧୁମଧାମ୍ ରେ ପାଳିତ ହୋଇଯାଇଛି । ହରିହର ଟୁଡୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ୧୭ ନମ୍ବର ଜିଲ୍ଲା ପରିଷଦ ପୂର୍ଣ୍ଣ ମାର୍ଣ୍ଡି,ସମ୍ମାନୀୟ ଅତିଥୀ ୧୬ ନମ୍ବର ଜିଲ୍ଲା ପରିଷଦ ବାବୁଲୁ ଟୁଡୁ,ପୀର ଟୁଡୁ,ସଭାପତି ସଂଗ୍ରାମ ମୁର୍ମୁ ସମ୍ପାଦକ ପରେଶ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।ବିଗତ କିଛି ବର୍ଷ ମଧ୍ୟରେ ଆମର ଆଥଲେଟମାନେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜର ପରିଚୟ ସୃଷ୍ଟି କରିଥିବା କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ, ଭବିଷ୍ୟତ ପାଇଁ ବଡ଼ ଶକ୍ତି" ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶା କ୍ରୀଡ଼ାକ୍ଷେତ୍ରରେ ଯଥେଷ୍ଟ ପୁଞ୍ଜିନିବେଶ କରିଛି। ଉନ୍ନତ ତାଲିମ ଓ ପ୍ରଶିକ୍ଷଣ ସୁବିଧା, ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଏବଂ ବିଭିନ୍ନ ସହାୟତା ବ୍ୟବସ୍ଥା ଯୋଗୁଁ ଓଡ଼ିଶାର କ୍ରୀଡ଼ାବିତମାନେ ଜାତୀୟ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରିବା ପାଇଁ କଠିନ ପ୍ରସ୍ତୁତି ଚଳାଇଛନ୍ତି। ପ୍ରତିଭାଙ୍କୁ ଚିହ୍ନଟ କରି ଅନ୍ତର୍ଜାତୀୟ ସ୍ତରର ଆଥଲେଟ ନିର୍ମାଣ କରିବା ଦିଗରେ ବହୁମୂଲ୍ୟ ବକ୍ତବ୍ୟ ଅତିଥୀମାନେ କହିଥିଲେ ।କ୍ରୀଡ଼ା ବିକାଶରେ କ୍ରୀଡ଼ାବିତଙ୍କ ଆକାଂକ୍ଷାକୁ ଜାଗ୍ରତ କରୁଛି ଏବଂ ସେମାନଙ୍କୁ ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆବଶ୍ୟକ ଉପକରଣ ଏବଂ ସମ୍ବଳ ଯୋଗାଇ ଦିଆଗଲେ ଆଗାମୀ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ଏକ ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିବାପାଇଁ ମଞ୍ଚ ସୃଷ୍ଟି କରିବ ଏହା ନିଃସନ୍ଦେହ ବୋଲି ପିକେ ଶତପଥୀ ବାର୍ତ୍ତା ଦେଇଥିଲେ ।ଏହି କ୍ରୀଡା ଓ ନାଚ ଉତ୍ସବରେ କୁମ୍ଭୀର ଚାଲି,ହଂସ ଧରିବା,ବରେହିଟଣା,କୁକଡା(କାଗୁଲି)ଧରା,କଳସ ଦୌଡ ଖେଳ ଅନୁଷ୍ଠିତ ହୋଇଥିବାବେଳେ ବୁଢ଼ିଗାଳୀ,ଆନ୍ଦିସୁସୁନ,ବାହାନାଚ ପ୍ରଦର୍ଶନ ହୋଇଥିଲା ।ହରିହର ଟୁଡୁ ସଭାପରିଚାଳନା କରିଥିବାବେଳେ କଷାଧ୍ୟକ୍ଷ ଡମାନ ମାର୍ଣ୍ଡି,ସର୍ଦ୍ଦାର ମାର୍ଣ୍ଡି ଅତିଥୀ ମାନଙ୍କ ଜରିଆରେ କୃତି ଖେଳାଳୀ ମାନଙ୍କୁ ଓ ନାଚ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ।

## ଟୋଲ ଗେଟ୍ ମେଣ୍ଟେନାନ୍ସ କର୍ମଚାରୀଙ୍କ ଗଣ ଧାରଣା

ପାଟଣା **୧୪/୨ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଖିରେଇଟାଙ୍ଗିରି ରେ ଥିବା ଟୋଲ ଗେଟ ର ମେଣ୍ଟେନାନ୍ସ କର୍ମଚାରୀ ମାନେ ଆଜି ଗୁରୁବାର ସକାଳୁ ବିଭିନ୍ନ ସମସ୍ୟା ନେଇ ଶାନ୍ତି ଶୃଙ୍ଖଳା ର ସହିତ ଧାରଣା ରେ ବସିଛନ୍ତି। ତାଙ୍କର ବିଭିନ୍ନ ସମସ୍ୟା ଯେପରିକି ଦୁର୍ଘଟଣା ଜନିତ ବୀମା ସୁରକ୍ଷା, ଠିକ ସମୟ ରେ ଦରମା ପ୍ରଦାନ, ବର୍ଦ୍ଧିତ ଦରମା, ନିରାପଦ ରହିବା ପାଇଁ ଜୋତା, ହେଲମେଟ, ଜ୍ୟାକେଟ ପ୍ରଦାନ ଆଦି ସବୁ ସମସ୍ୟା ନେଇ ପୂର୍ବରୁ ଅନେକ ଥର ଧାରଣା ରେ ବସି ଥିଲେ ମଧ୍ୟ ପୂର୍ବ ରୁ କୌଣସି ଦାବି ପୂରଣ ହୋଇ ନଥିବା କାରଣ ଯୋଗୁ ସେମାନେ ଆଜି ତାଙ୍କର ଦାବି ପୂରଣ ନ ହେବା ଯାଏଁ ଧାରଣା ରେ ବସିବେ ବୋଲି ସୂଚନା ମିଳିଛି। ସେମାନଙ୍କ କହିବା କଥା ଅନୁଯାୟୀ ଜାତୀୟ ରାଜପଥ ୪୯ ରେ ଥିବା ଏହି ରାସ୍ତାରେ ଅନେକ ଦୁର୍ଘଟଣା ହୋଇଥିବା ସମୟ ରେ ସେମାନେ ସାହାଯ୍ୟ କରିବା ସହିତ ଜାତୀୟ ରାଜ ପଥ ର ମେଣ୍ଟେନାନ୍ସ କରି ଥାନ୍ତି। ଏହି ମେଣ୍ଟେନାନ୍ସ ସମୟ ରେ ଦୁର୍ଘଟଣା ଘଟିଲେ ବୀମା ସୁରକ୍ଷା ନ ଥିଲେ ସେମାନଙ୍କ ପରିବାର ବିପଦ ରେ ପଡିବ, ଏହି କର୍ମ ଚାରି ମାନେ ଏତେ ଦିନ କାମ କରୁ ଥିବା ବେଳେ ଆଜି ପର୍ଯ୍ୟନ୍ତ କମ୍ପାନୀ କୌଣସି ସୁବିଧା ନ କରିବାରୁ ସେମାନେ ବାଧ୍ୟ ହୋଇ ଧାରଣା ରେ ବସୁ ଛନ୍ତି ବୋଲି କହିଛନ୍ତି। ଏହି କର୍ମଚାରୀ ମାନେ ତାଙ୍କ ର ଏହି ସବୁ ସୁବିଧା କମ୍ପାନୀ ତରଫରୁ ନ ମିଳିଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଧାରଣା ରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ଲାଗୁ ହେବନି ନୂତନ ରେରା ଆଇନ୍



କଟକ,୧୪/୨: ୨୦୧୭ ମସିହା ପୂର୍ବରୁ ନିର୍ମାଣ ହୋଇଥିବା ଫ୍ଲାଟ୍ ବା ପ୍ରକଳ୍ପ ଉପରେ ନୂତନ ରେରା(ଓଡ଼ିଶା ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି) ଆଇନ୍ ଲାଗୁ ହୋଇପାରିବ ନାହିଁ। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟ ବୁଧବାର ରହିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ରହିତାଦେଶ ବଳବତ୍ତର ରହିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଏହା ଉପରେ ଜବାବ ଦାଖଲ ଲାଗି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିମଳେନ୍ଦୁ ପ୍ରଧାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅରିନ୍ଦମ ସିହ୍ନା ଏବଂ ବିଚାରପତି ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରୀ ୧୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଲଗି ଧାର୍ଯ୍ୟ ହୋଇଛି। ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଫେବୃଆରୀ ପହିଲାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୩ ଜୁନ୍ ୨୮ରୁ ରାଜ୍ୟରେ ଲାଗୁ ହୋଇଥିବା ନୂତନ ରେରା ଆଇନ୍ ବଳରେ କୌଣସି ଫ୍ଲାଟ୍‌ର ସର୍ବସାଧାରଣଙ୍କ ପାଇଁ ଥିବା ସ୍ଥାନ ଉପରେ ଆଲର୍ଟିଜ୍ ଆସୋସିଏସନର ଅଧିକାର ରହିବ। ଏହି ଆଇନ ବଳରେ ଆଲର୍ଟିଜ୍‌ଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇଛି । ଏହା ଦ୍ୱାରା କିନ୍ତୁ ଫ୍ଲାଟ୍ ମାଲିକମାନେ ଫ୍ଲାଟ୍ ବିକ୍ରି-ଖର୍ଦ୍ଦିରେ ବହୁ ସମସ୍ୟା ଭୋଗୁଛନ୍ତି। ରେରା ଆଇନ୍ ଆସିବା ପୂର୍ବରୁ ଅର୍ଥାତ ୨୦୧୭ ଫେବୃଆରୀ ୨୫ ପୂର୍ବରୁ ଯେଉଁସବୁ ଫ୍ଲାଟ୍ ନିର୍ମାଣ ଶେଷ ହୋଇଛି ସେମାନଙ୍କୁ ପଞ୍ଜୀକରଣ ପାଇଁ ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବିଜ୍ଞପ୍ତିକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନୂତନ ରେରା ଆଇନ ବିଧାନସଭାରେ ପାରିତ ହେବା ପରେ ରାଜ୍ୟରେ ଲାଗୁ ହୋଇଛି। ଏଭଳି ଏକ ଆଇନକୁ ଜଣେ ସରକାରୀ ଅଧିକାରୀ କିପରି ଏକ ବିଜ୍ଞପ୍ତି ଜରିଆରେ ସଂଶୋଧନ କଲେ ସେ ନେଇ ଆବେଦନକାରୀ ପ୍ରଶ୍ନ କରିଛନ୍ତି। ହାଇକୋର୍ଟ ଆବେଦନକୁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମୋହିତ୍ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

## ପ୍ରଶ୍ନପତ୍ର ପ୍ରଘଟ ଘଟଣା: ଧାମନଗର ଅଞ୍ଚଳର ଯୁବକକୁ ଗିରଫ କଲା ସାଇବର ପୁଲିସ




ଦୋବଲ : ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଧାମନଗର ଥାନା ଅଞ୍ଚଳ ଗୌଡ଼ବିଶି ନୂଆପଡ଼ାର ଯୁବକ ଜ୍ୟୋତିରଞ୍ଜନ ବାରିକଙ୍କୁ କଟକ ସାଇବର ଥାନା ପୁଲିସ ଗିରଫ କରିଛି। ଏକ ଏଜେନ୍ସି ପକ୍ଷରୁ ଗତବର୍ଷ କରାଯାଇଥିବା ମାମଲାରେ ଜ୍ୟୋତିରଞ୍ଜନ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହାର ତଦନ୍ତ କରି ସାଇବର ଥାନା ପୁଲିସ ଆଜି ଗଉଡ଼ବିଶି ନୂଆପଡ଼ାରେ ପହଞ୍ଚିଥିଲା ଏବଂ ତାଙ୍କ ଘରୁ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲା ।ନିୟମ ଅନୁଯାୟୀ ତାଙ୍କୁ ଧାମନଗର ଥାନାକୁ ନେଇଥିଲେ। ଧାମନଗର ଥାନାରେ ଏନେଇ ଲିଖିତ ଭାବେ ଜଣାଇବା ପରେ ଜ୍ୟୋତିରଞ୍ଜନଙ୍କୁ ସାଙ୍ଗରେ ନେଇଥିଲେ। ଧାମନଗର ଥାନା ସବ ଇନସପେକ୍ଟର ରାଜେଶ ସେଠୀ କହିଛନ୍ତି ଯେ, କେଉଁ ନିର୍ଦ୍ଦିଷ୍ଟ ମାମଲାରେ ଜ୍ୟୋତିରଞ୍ଜନଙ୍କୁ ଗିରଫ କରାଯାଇଛି ସେନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ହେଲେ ଏକ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଜ୍ୟୋତିରଞ୍ଜନ ସମ୍ପୃକ୍ତ ବୋଲି ତାଙ୍କୁ କୁହାଯାଇଥିଲା। ଅପରପକ୍ଷରେ ଜ୍ୟୋତିରଞ୍ଜନ କହିଛନ୍ତି ଯେ, ସେ ପିଲାଙ୍କୁ କୋଚିଂ ଦିଅନ୍ତି। କଟକରେ ତାଙ୍କର କୋଚିଂ ସେଣ୍ଟର ରହିଛି। ସେଠାରେ ମାଟ୍ରିକ ଓ ଯୁକ୍ତ ୨ ଛାତ୍ରଛାତ୍ରୀ ଟ୍ୟୁସନ ହୁଅନ୍ତି। ଗତବର୍ଷ ପିଲାଙ୍କୁ ପଢ଼ାଇବା ଉଦେଶ୍ୟରେ ଏକ ପ୍ରଶ୍ନପତ୍ର ୟୁଟ୍ୟୁବରେ ଅପଲୋଡ କରିଥିଲେ। ତାଙ୍କୁ ଅନ୍ୟ ଜଣେ ଶିକ୍ଷକ ଏହି ପ୍ରଶ୍ନପତ୍ର ଦେଇଥିଲେ। ହେଲେ ସେ କୌଣସି ପ୍ରଶ୍ନପତ୍ର ପ୍ରଘଟ ଘଟଣାର ସାମିଲ ନାହାନ୍ତି ବୋଲି ଜ୍ୟୋତିରଞ୍ଜନ ପ୍ରକାଶ କରିଛନ୍ତି।

## ମା ବାଳକୁମାରୀ ଶକ୍ତି ପୀଠ କୁ ପର୍ଯ୍ୟଟନ ଓ ସାଂସ୍କୃତିକ ଧର୍ମ ପୀଠ ର ମାନ୍ୟତା

ଚିକିଟୀ **୧୪/୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା ର ଅନ୍ୟତମ ପ୍ରସିଦ୍ଧ ଶକ୍ତି ପୀଠ ତଥା ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ ପର୍ଯ୍ୟଟନ ସ୍ଥଳୀ ରୂପେ ଚିକିଟୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଧାନଘର ଛକ ନିକଟସ୍ଥ ରାମଗୁଡା ଗ୍ରାମକୁ ଲାଗି ସୁଶ୍ୟାମଳ ଉତ୍ତୁଙ୍ଗ ଶିଖରୀ କେରାଣ୍ଡିମାଳ ପର୍ବତ ରେ ଅବସ୍ଥାପିତ ମା ବାଳକୁମାରୀଙ୍କ ପ୍ରସିଦ୍ଧ ପୀଠ । ତେବେ ପ୍ରାକୃତିକ ଅପରୂପ ସୌନ୍ଦର୍ଯ୍ୟ ଭରା ତଥା ଦକ୍ଷିଣ ଓଡ଼ିଶାର ଅନ୍ୟତମ ଆକର୍ଷଣୀୟ ଓ ପ୍ରତ୍ୟକ୍ଷ ଶକ୍ତିପୀଠ କହିଲେ ଚିକିଟୀ ର ପ୍ରସିଦ୍ଧ ଶକ୍ତିପୀଠ ମା ବାଳକୁମାରୀଙ୍କ ଶକ୍ତିପୀଠକୁ ବୁଝାଏ ।ଯାହା ବର୍ତ୍ତମାନ ସାରା ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପ୍ରସିଦ୍ଧି ଲାଭ କରିଥିବା ବେଳେ ପର୍ଯ୍ୟଟକ ମାନଚିତ୍ର ରେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରି ଅଞ୍ଚଳ କୁ ଗୌରବାନୀତ୍ୱ କରିଛି । ସୂଚନା ପ୍ରକାରେ ସାରା ରାଜ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଦେବାଦେବୀ ପୀଠକୁ ପର୍ଯ୍ୟଟନ ବିଭାଗ ମାନ୍ୟତା ପ୍ରଦାନ କରିଛି। ନୂଆଁ ସରକାର ଗଠନ ପରେ ପ୍ରଥମ ପର୍ଯ୍ୟାୟରେ ୨୦ ଟି ସ୍ଥାନକୁ ମାନ୍ୟତା ପ୍ରଦାନ କରିଛନ୍ତି ରାଜ୍ୟ ସରକାର ଏହି କ୍ରମରେ ୨୦ ନମ୍ବର ସ୍ଥାନରେ ରହିଛି ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାଁ ବାଳକୁମାରୀ ପୀଠ। ଏହି ପ୍ରସିଦ୍ଧ ଶକ୍ତି ପୀଠକୁ ସରକାର ସାଂସ୍କୃତିକ ଧାର୍ମିକ ସ୍ଥଳ ଭାବେ ଘୋଷଣା କରିଛନ୍ତି ।ଜାହା ପର୍ଯ୍ୟଟନ ବିଭାଗ ଜିଲ୍ଲାପାଳ ଙ୍କୁ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି ।ଏଭଳି ସରକାରୀ ଘୋଷଣାନାମା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମନ୍ଦିର ପରିଚାଳନା ଟ୍ରଷ୍ଟ ର ଅକ୍ଳାନ୍ତ ପରିଶମ ଯୋଗୁଁ ଏହି ପୀଠ ସାରା ରାଜ୍ୟ ସମେତ ପଡୋଶୀ ଆନ୍ଧ୍ର ରେ ଖ୍ୟାତି ଅର୍ଜନ କରି ପାରିଥିବା ବେଳେ ଏବେ ସାଂସ୍କୃତିକ ଧାର୍ମିକ ସ୍ଥଳର ସରକାରୀ ଘୋଷଣା ପରେ ପର୍ଯ୍ୟଟନ କ୍ଷେତ୍ର ଟି ଆହୁରି ଉନ୍ନତି ହୋଇ ଜନାଦୃତ ହୋଇପାରବ ବୋଲି ଚର୍ଚ୍ଚା ହେଉଛି।

## ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ

ଆଠମଲ୍ଲିକ **୧୪/୨ (ନି.ପ୍ର):** ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ଟିଟୋସ ମହା ନନ୍ଦିଆ, ମୁଖ୍ୟ ବକ୍ତା ଭାବେ ଦେବରାଜ ନାୟକ, ସଂମ୍ମାନିତ ଅତିଥି ଭାବେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପ୍ରଣିତା ନାୟକ ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଥମେ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପ ବୁଲି ଦେଖିଥିଲେ । ଏ ବି ଇ ଓ କୈବଲ୍ୟ କଅଁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ସତ୍ୟ ରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଅଭିଭାବିକା, ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ବରଗାଁ ରେ ୪୨ତମ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ

ଆଠମଲ୍ଲିକ **୧୪/୨ (ନି.ପ୍ର):** ଆଠମଲ୍ଲିକ ଏନ. ଏ. ସି ଅନ୍ତର୍ଗତ ବରଗାଁ ଗ୍ରାମରେ ମଘାପୂର୍ଣ୍ଣିମା ଦିନ ୨୪ ପ୍ରହର ଅଷ୍ଟ ପ୍ରହରୀ ନାମଯଜ୍ଞ ପାଳତ ହୋଇଯାଇଛି। ମଙ୍ଗଳ ବାର ସନ୍ଧ୍ୟା ରେ ଗ୍ରାମର ଗ୍ରାମର ଶହ ଶହ ମହିଳା ମାନେ କଳସ ଯାତ୍ରା ରେ ସହର ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନା ସହ ଅଧିବାସ କରାଯାଇଥିଲା ।ବୁଧବାର ସକାଳେ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ ଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପନ୍ନ ପରେ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା ।ଏହି ଅଷ୍ଟ ପ୍ରହରୀ ରେ ବହୁ ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ। ସଭାପତି ବୃନ୍ଦାବାନ ପ୍ରଧାନ, ସମ୍ପାଦକ ଅରବିନ୍ଦ ବେହେରା, ଉପଦେଷ୍ଟା ରାହାସ ବିହାରୀ ଦନ୍ତା ସହ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଉନ୍ନତ ମାନର ଶିକ୍ଷା , ଖାଦ୍ୟ ଓ ଭିତ୍ତି ଭୂମି ସମ୍ପର୍କିତ ସମୀକ୍ଷା ବୈଠକ

ବାଲିଗୁଡା **୧୪/୨ (ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ୯ ଟି ବ୍ଲକରେ ରହିଥିବା ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ରେ କେବଳ ଭିତ୍ତି ଭୂମି ନୁହେଁ ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ଖାଦ୍ୟ ,ପୋଷାକ ଓ ସେମାନଙ୍କୁ କିଭଳି ଉନ୍ନତ ମାନର ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କ ରେ ଏକ ତ୍ରୟମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହା ସହ ନୂଆ ହଷ୍ଟେଲ ନିର୍ମାଣ , ହଷ୍ଟେଲ ର ପୁନଃ ନିର୍ମାଣ ,ପାନୀୟ ଜଳ ସମସ୍ୟା ଦୂର କରିବା ଭଳି ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା । ସମ୍ନୂନୀତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଙ୍କ କାର୍ଯ୍ୟାଳୟ ରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡ ମଙ୍ଗଳ ଅଧିକାରୀ ବିଭୀଷଣ ଭୋଇ , ଉମେଶ ଚନ୍ଦ୍ର ପ୍ରଧାନ , ବିଭାଗୀୟ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ବେହେରା , ସହକାରୀ ଯନ୍ତ୍ରୀ କବିରାଜ ବେହେରା ,ପବିତ୍ର ସାହୁ ,ବୁଦ୍ଧି ରାମ ମୁର୍ମୁ ଙ୍କ ସମେତ ସମସ୍ତ ବ୍ଲକ ର ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁମାଝି ପତ୍ରା, ଦୀପକ କୁମାର ସିଂ, ଉର୍ମିଳା ପ୍ରଧାନ , ରୋଷାଳିନୀ ନାୟକ , ଆୟୁସୀ ପ୍ରଧାନ , ଦୀପକ କୁମାର କୁଅାଁର ପ୍ରମୁଖ ଯୋଗ ଦେଇଥିଲେ । ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର କହିଛନ୍ତି ଯେ, ବିଦ୍ୟାଳୟ ଓ ହଷ୍ଟେଲ ଗୁଡିକର ଭିତ୍ତିଭୂମି କୁ ସୁଦୃଢ କରିବା ସହ ଉନ୍ନତ ମାନର ଶିକ୍ଷା ପ୍ରଦାନ ସହ ଖାଦ୍ୟ ପ୍ରଦାନ , ସ୍ୱଚ୍ଛତା ପରିବେଶ ,ପାଣି ସମସ୍ୟା ଦୂର , ସମେତ ଭିତ୍ତି ଭୂମି ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆ ଯାଇଛି ।

## ମହିଳା ମାନଙ୍କ ପାଇଁ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ

ପାଟଣା ୧୪/୦୨ (ନିପ୍ର) ଓଡିଶା ରାଜ୍ୟ ମହିଳା କମିଶନଙ୍କର ସହାୟତାରେ ଶିଶୁ ବିକାଶ ପ୍ରକଳ୍ପ ପାଟଣା ତରଫରୁ ଏକ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଆଞ୍ଚଳିକ ମହାବିଦ୍ୟାଳୟ ପାଟଣା ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଡିଓ ମାନସ କୁମାର ଦଣ୍ଡପାଟ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ପାଟଣା ଥାନାଧିକାରୀ ମାନସ କୁମାର ମହାକୁଳ ଅତିଥି ଭାବେ ଯୋଗ ଦେଇ ଆଇନର ବିଭିନ୍ନ ଦିଗ ଉପରେ ସଚେତନ କରାଇଥିଲେ । ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି କଳ୍ପନା ଡୋରା ଅତିଥି ମାନଙ୍କ ପରିଚୟ ଦେବା ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବିଷୟରେ ଧାରଣା ଦେଇଥିଲେ । ଆଇନଜୀବି ରାହାସ ବିହାରୀ ପୃଷ୍ଟି , ସମ୍ବଳ ବ୍ୟକ୍ତି ଶିବନାଥ ପ୍ରଧାନ ଓ ଶିଶିର କୁମାର ଦାସ ପ୍ରମୁଖ ତାଲିମ ଦାତା ଭାବେ ଯୋଗ ଦେଇ ମହିଳା ଅଧିକାର, ଆଇନ ଏବଂ ସୁରକ୍ଷା ବ୍ୟବସ୍ଥା, ଲିଙ୍ଗଗତ ତାରତମ୍ୟ, ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ଯୋଜନା, ଋଣ ଯୋଜନା, ଷ୍ଟାଣ୍ଡଅପ ଇଣ୍ଡିଆ ଯୋଜନା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି ଯୋଜନା ଉପରେ ଧାରଣା ଦେଇଥିଲେ । ଏଥିରେ ଦୁଇ ଶହ ରୁ ଉର୍ଦ୍ଧ ମହିଳା ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇ. ସି. ଡି.ଏସ ର ସମସ୍ତ କର୍ମକର୍ତ୍ତା ସମେତ ଆସ୍ୱାୟାର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ବ୍ଲକ ଅଧ୍ୟକ୍ଷା ଙ୍କ ବିରୋଧରେ ଅନାସ୍ଥା ଭୋଟ ଗଣତି

ପାଟଣା **୧୪/୨ (ନି.ପ୍ର):** ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ ଙ୍କ ବିରୋଧରେ ଆଗତ ଅନାସ୍ଥା ଭୋଟ ଗତ ଜାନୁଆରୀ ୪ ରେ ଅନୁଷ୍ଠିତ ହୋଇଥିଲା ।ତେବେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କ ଏକ ନିର୍ଦ୍ଦେଶ ନାମା କାରଣରୁ ସେହିଦିନ ଭୋଟ ଗ୍ରହଣ ସତ୍ୱେ ଗଣତି କରା ନଯାଇ ଭୋଟ ବାକ୍ସ କେନ୍ଦୁଝର ଟ୍ରେଜେରୀ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିଲା ।ତେବେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ପୁନର୍ବାର ନିର୍ଦ୍ଦେଶ ନାମାରେ ଭୋଟ ଗଣତି ଓ ଫଳାଫଳ ଘୋଷଣା ଉପରେ ଅଙ୍କୁଶ ନଥିବା ସ୍ପଷ୍ଟୀକରଣ ଆସିବା ପରେ ପ୍ରଶାସନ ପକ୍ଷରୁ ଫେବୃଆରୀ ୧୪ ଶୁକ୍ରବାର ଏହି ଭୋଟ ଗଣତି ହେବାକୁ ଯାଉଛି ।ନିର୍ବାଚନ ଅଧିକାରୀ ସାହାରପଡା ବିଡିଓ ରଣଜିତ ମହାନ୍ତ ଙ୍କ ଦ୍ୱାରା ୧୪ ତାରିଖ ଟ୍ରେଜେରୀରୁ ଭୋଟ ବାକ୍ସ ସୁରକ୍ଷା ବ୍ୟବସ୍ଥାରେ ଅଣାଯାଇ ପାଟଣା ବ୍ଲକରେ ଏହା ଗଣତି କରାଯିବାକୁ ବ୍ୟବସ୍ଥା କରାଯାଇଛି ।ସୂଚନାଯୋଗ୍ୟ ଯେ ୨୦ ଟି ପଞ୍ଚାୟତ ଥିବା ଏହି ବ୍ଲକରେ ଅନାସ୍ଥା ଭୋଟ ସମୟରେ ବିଧାୟକ ଙ୍କ ଭୋଟ କୁ ମିଶାଇ ମୋଟ ୩୪ ଟି ଭୋଟ ବାକ୍ସରେ ପଡିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନାଏକ ଉପସ୍ଥିତ ଥାଇ ମଧ୍ୟ ଭୋଟ ଦେଇନଥିଲେ ।

# ଜିଲ୍ଲାପାଳ ଙ୍କୁ ନବରଙ୍ଗପୁର ଓୟୁଜେ ସଂଘର ଦାବୀ ପତ୍ର ପ୍ରଦାନ



ନବରଙ୍ଗପୁର **୧୪/୨ (ନି.ପ୍ର):** ରାଜ୍ୟର ସାମ୍ବାଦିକ ମାନଙ୍କର ସାମୁହିକ ସ୍ୱାର୍ଥ ରକ୍ଷା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିୟନ ଆଉ ନୀରବଦ୍ରଷ୍ଟା ହୋଇ ବସି ନରହି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚରମ ନିଷ୍ପତ୍ତି ଗ୍ରହଣ କରିଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବାର ୮ମାସ ବିତିଯାଇଥିଲେ ମଧ୍ୟ ସାମ୍ବାଦିକମାନଙ୍କର ୩ଦଫା ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ । ବରଂ ତାହା ପ୍ରତିଶୃତିରେ ହିଁ ରହି ଯାଇଛି ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରିବା, ପେନସନ ଓ ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଆଦି ୩ଦଫା ଦାବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଓୟୁଜେ ସଦାସର୍ବଦା ଦାବି ଉପସ୍ଥାପନ କରି ଚାଲିଛି । ଏହି ଦାବୀ ଗୁଡ଼ିକ ପୂରଣ ପାଇଁ ରାଜ୍ୟ ସରକାର ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧ ପୂରଣ ହୋଇନାହିଁ । ଇତିମଧ୍ୟରେ ଦେଶର ୧୮ଟି ରାଜ୍ୟରେ ସରକାର ସାମ୍ବାଦିକ ମାନଙ୍କ ପାଇଁ ପେନସନ ବ୍ୟବସ୍ଥା କରି ସାରିଲେଣି । ଆମ ରାଜ୍ୟ ସରକାର ଏ ଦିଗରେ ବହୁ ପଛରେ ରହିଛନ୍ତି । ରାଜ୍ୟ ସଂଘର ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସାମ୍ବାଦିକ ୟୁନିୟନ ନବରଙ୍ଗପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ଏହି ଦାବୀ ପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ସୁଶାନ୍ତ କୁମାର ବେହେରା ସମେତ ସାଧାରଣ ସମ୍ପାଦକ ଚିଦାନନ୍ଦ ସାହୁ ,କୋଷାଧକ୍ଷ ଖଗେଶ୍ୱର ମହାଙ୍କୁଡ, ଉପ ସଭାପତି ଫାଲ୍ଗୁନୀ ପାତ୍ର, ଚନ୍ଦ୍ରଶେଖର ଜେନା, ମହେଶ୍ୱର ବେହେରା, ମୁନ୍ନା ଦଳେଇ, ଶିବଶଙ୍କର ପାଢ଼ୀ, ଶିବପ୍ରଶାଦ ପଣ୍ଡା, ଗୌତମ ଅଗ୍ରୱାଲ, ସୀମାଦ୍ରି ପଟ୍ଟନାୟକ, ନନ୍ଦ କୁମାର ବିଶୋଇ ଙ୍କ ସମେତ ଓୟୁଜେ ସଂଘର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

# ଆୟୁଷ ଡାକ୍ତରଙ୍କ ବିରୁଦ୍ଧରେ ଅଭିଯୋଗ, ତଦନ୍ତ ପାଇଁ ପହଞ୍ଚିଲା ଜିଲ୍ଲା ସ୍ତରୀୟ ଟିମ୍, ମିଳିଛି ସୁରାକ



ବୁଗୁଡା। **୧୪/୨ (ନି.ପ୍ର):** ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତର ସାର୍ଥକ ସଂକେତ ବିଶ୍ୱାଳଙ୍କ ବେଆଇନ କାର୍ଯ୍ୟକଳାପ ସମ୍ପର୍କ ନେଇ ତାଙ୍କ ବିରୁଦ୍ଧରେ ବୁଗୁଡାର କେତେକ ବ୍ୟକ୍ତିଙ୍କ ପକ୍ଷରୁ ଗତ ମାସରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟକୁ ବହୁ ଅଭିଯୋଗ ସମ୍ବଳିତ ଏକ ଦରଖାସ୍ତ ପ୍ରେରଣ କରାଯାଇଥିଲା। ଉକ୍ତ ଦରଖାସ୍ତରେ ଅଭିଯୋଗ ରହିଥିଲା ଯେ ଆୟୁଷ ଡାକ୍ତର ସାର୍ଥକ ସଙ୍କେତ ବିଶ୍ୱାଳ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରେ ଅବହେଳା କରିବା ସହ ନିଜ ଘରେ କ୍ଲିନିକ କରି ଗରିବ ଲୋକଙ୍କୁ ଜେନେରିକ ମେଡ଼ିସିନ ଦେଇ ଠକୁଛନ୍ତି , ଅବିବାହିତ ଝିଅଙ୍କ ଗର୍ଭ ନଷ୍ଟ କରିବା ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି , ନିରାମୟରୁ ଗରିବ ଲୋକଙ୍କୁ ମେଡିସିନ ନଦେଇ ନିଜ ପରିଚିତ ଦୋକାନକୁ ପଠାଉଛନ୍ତି କିମ୍ବା ନିଜ ଘରେ ରଖିଥିବା ଜେନେରିକ ମେଡିସିନ ରୋଗୀଙ୍କୁ ଦେଇ ଅଧିକ ଅର୍ଥ ଆଦାୟ କରୁଛନ୍ତି , ଡ୍ୟୁଟି ସମୟରେ ମେଡିକାଲରେ ନରହି ନିଜ ଘରେ ଚିକିତ୍ସା କରୁଛନ୍ତି । ଏଥି ସହ ଆରୋଗ୍ୟ ପାଇଁ ଆସୁଥିବା ରୋଗୀଙ୍କୁ ମେଡିକାଲରେ ମିଳୁଥିବା ନିରାମୟରୁ ମେଡିସିନ ନଦେଇ ନିଜର ସେଟିଙ୍ଗ୍ କମ୍ପାନୀର ମେଡିସିନ୍ ଯାହାକି ଏକ ନିର୍ଦ୍ଦିଷ୍ଟ ଦୋକାନରେ ମିଳିଥାଏ, ସେଠାରୁ ଆଣିବା ପାଇଁ ବାଧ କରୁଛନ୍ତି । ନିଜ ଘରେ ଅନେକ ବର୍ଷ ହେଲା କ୍ଲିନିକ କରି ସମସ୍ତ ବିଭାଗର ରୋଗୀଙ୍କୁ ଚିକିତ୍ସା କରି ଅଜସ୍ର ଅର୍ଥ ଆଦାୟ କରୁଛନ୍ତି । ଏପରିକି ସାଧାରଣ ଜ୍ୱର ହୋଇଥିଲେ ବି ଘରୋଇ ପାଥଲୋଜିକୁ ପଠାଇ ଟେଷ୍ଟ ରିପୋର୍ଟରେ ଟାଇଫଏଡ ବାହାରିଥିବା ଦର୍ଶାଇ ରୋଗୀଙ୍କୁ ଭୟଭୀତ କରାଇ ଲୁଟୁଛନ୍ତି । ଅନ୍ୟପକ୍ଷରେ ସାଧାରଣ ଜ୍ୱର, କାଶ, ଝାଡା ଉତ୍ୟାଦି ହୋଇଥଲେ ବି ହଜାର ହଜାର ଟଙ୍କାର ଜେନେରିକ ମେଡିସିନ ଲେଖି ରୋଗୀଙ୍କର ଅଯଥା ଖର୍ଚ୍ଚ କରାଉଛନ୍ତି। ଉକ୍ତ ଲିଖିତ ଭିଯୋଗକୁ ଭିତିକରି ୧୨/୦୨/୨୫ ଦିନ ତଦନ୍ତ ନିମନ୍ତେ ଜିଲ୍ଲା ସ୍ତରୀୟ ଏକ ଟିମ୍ ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥିଲା। ଉକ୍ତ ଟିମରେ ଡିଏମଓ ବିଶ୍ୱମ୍ଭର ବେହେରା ଏବଂ ପ୍ରଦୀପ କୁମାର ସାହୁ ରହିଥିଲେ। ସେମାନେ ଦୀର୍ଘଘଣ୍ଟା କାଳ ମେଡିକାଲରେ ରହି କିଛି ଅଭିଯୋଗକାରୀ ଏବଂ ଡାକ୍ତର ବିଶ୍ୱାଳଙ୍କୁ ସାକ୍ଷାତ କରି ଅଭିଯୋଗର ତଦନ୍ତ କରି ଫେରିଥିବା ଜଣାଯାଇଛି। ତଦନ୍ତ ଟିମ୍ ମେଡିକାଲ ଗ୍ୟାରେଜ ଯାଇ ସେଠାରେ ଡାକ୍ତରଙ୍କ ଗାଡି ଥିବା ଦେଖିଥିଲେ, ଯାହାକି ସେ ଗ୍ୟାରେଜଟି ସେ ନିଜ ବ୍ୟବହାରରେ ରଖିଥିଲେ । ଆୟୁର୍ବେଦ ମେଡିସିନ ରେଜିଷ୍ଟ୍ରାର ବୁକ୍ ମାଗିଥିବା ବେଳେ ସେଥିରେ ମଧ୍ୟ ମିଥ୍ୟା ତଥ୍ୟ ପାଇଥିଲେ। ଆୟୁଷ ଡାକ୍ତର ଶ୍ରୀ ବିଶ୍ୱାଳ କାର୍ଯ୍ୟ ସମୟରେ ନିଜ ଘରରେ କ୍ଲିନିକ କରି ରୋଗୀଙ୍କ ଚିକିତ୍ସା କରୁଥିବା କିଛି ସୁରାକ ମଧ୍ୟ ତଦନ୍ତ ଟିମ୍ କୁ ମିଳିଥିବା ଶୁଣାଯାଉଛି। ତଦନ୍ତ ସମୟରେ ଡାକ୍ତର ଜଣଙ୍କ ବହୁ ତଥ୍ୟ ଲୁଚାଇବାକୁ ଚେଷ୍ଟା କରିଥିଲେ । ତେବେ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ କିଛିତ ସୁରାଗ ତଦନ୍ତ ଟିମକୁ ମିଳିଛି ତେବେ ଡାକ୍ତର ବିଶ୍ୱାଳଙ୍କ ବିରୁଦ୍ଧରେ ଅଭିଯୋଗ ଏବଂ ଏହାର ତଦନ୍ତ ପ୍ରକ୍ରିୟାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳିଛି।

# ଧୂମଧାମରେ ପାଳନ ହେଲା ଡାବୁଗାଁ ମାଘ ମଣ୍ଡେଇ



ନବରଙ୍ଗପୁର **୧୪/୨ (ନି.ପ୍ର):** ସଂପୂର୍ଣ୍ଣ ପାରମ୍ପରିକ ଓ ସାଂସ୍କୃତିକ ରୀତିନୀତି ରେ ପାଳନ ହେଲା ଡାବୁଗାଁ ମାଘ ମଣ୍ଡେଇ। ଲାଠି , କୁର୍ଚି, ବିମାନ, ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଶିରା, ଦିଶାରୀ, ପୂଜାରୀ, ଗାଁ ର ପାରମ୍ପରିକ ମୁଖ୍ୟ ଯାତ୍ରା ପରିକ୍ରମା କରିଛନ୍ତି। ଏହି ଭବ୍ୟ ପାରମ୍ପରିକ ଯାତ୍ରାର ସାକ୍ଷ୍ୟ ଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଡାବୁଗାଁ ସରପଞ୍ଚ ତଥା କମିଟି ସଭାପତି ବିନୋଦ ସୌରା, ଉପ ସଭାପତି ସତ୍ୟ ରଞ୍ଜନ ପାତ୍ର, ବରିଷ୍ଠ ଆଇନଜୀବି ଜୟନ୍ତ କୁମାର ପାତ୍ର , ସୁରେନ୍ଦ୍ର ଦେଲି, କୁନୁ ପାତ୍ର ଏବଂ କମିଟି ସଭ୍ୟ ମାନେ ଭବ୍ୟ ଆୟୋଜନ ରେ ସହଯୋଗ କରିଥିବା ସ୍ଥଳେ କମିଟି ର ଆତିଥ୍ୟ ସ୍ୱୀକାର କରି ଯାତ୍ରା ରେ ଉପସ୍ଥିତ ରହି ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାଶ ଓ ପୂର୍ବତନ ବିଧାୟକ ଭୁଜବଳ ମାଝୀ ଆୟୋଜନ ର ମାନବୃଦ୍ଧି କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଷୟୀ, କଂଗ୍ରେସ ସଭାପତି ଜି ସାଇ ରାଜୁ, ବିଜେପି ନେତା ସୋମନାଥ ପୂଜାରୀ, ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ବିଜେଡି ନେତା ଏମ୍ ଅପା ରାଓ, ସାମ୍ବାଦିକ ସଂଘ ସଂପାଦକ ମିହିର ଶଙ୍କର ପାତ୍ର, ଉପ ସଭାପତି ଗଗନ ଗନ୍ତାୟତ, ପାପନା ରେଲି, ପୂର୍ଣ୍ଣ ପୂଜାରୀ, ଦଶମୁ କଲାର, ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଦୀର୍ଘ ତିରିଶି ବର୍ଷ ପରେ ପୋଡାଗଡ଼ ବାବା ଭୈରବ ଙ୍କ ପବିତ୍ର ଘୋଡ଼ା ଯାତ୍ରା ରେ ସାମିଲ ହେବା ଫଳରେ ଡାବୁଗାଁ ଅଞ୍ଚଳରେ ଆନନ୍ଦ ର ଲହରୀ ଖେଳିଯାଇଛି । ବାବା ଭୈରବ ଙ୍କ ବ୍ୟତୀତ ମାଁ ପେଣ୍ଡ୍ରାଣୀ, ବଞ୍ଜାରୁଣୀ, ଦାବାଦେଇ, ଦୁଲାରଦେଇ, ଖଡିଆ ଏବଂ ଅନେକ ଦେବାଦେବୀ ଆଜି ଭୈରବଙ୍କ ମନ୍ଦିର ରେ ଏକତ୍ରିତ ହୋଇଛନ୍ତି ଏବଂ ଗୋଟିଏ ଦିନ ବିଶ୍ରାମ ପରେ ନିଜ ନିଜ ଆସ୍ଥାନ କୁ ବାହୁଡି ଯିବେ। ପ୍ରତ୍ୟାବର୍ତ୍ତନ ଦିନ କୁ ବାସୀ ମଣ୍ଡେଇ ବୋଲି କୁହାଯାଏ।

# ସ୍ଥାୟୀ ନିଯୁକ୍ତି ଦାବୀ ରେ ଗାଁ ସାଥି ମେଟ ସଂଘ ର ଧାରଣା



କଳାହାଣ୍ଡି **୧୪/୨ (ନି.ପ୍ର):** ଓଡିଶା ସରକାରଙ୍କ ପଞ୍ଚାୟତରାଜ ବିଭାଗରେ ୨୦୦୮ ମସିହା ଠାରୁ ମନେରେଗା କାର୍ଯ୍ୟକରୁଥିବା ଗାଁ ସାଥି ମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ଦାବୀରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାହାଣ୍ଡି ଗାଁ ସାଥି ସଂଘ ତରଫରୁ ଧାରଣା ସହିତ ଛଅ ଦଫା ଦାବିପତ୍ର ଉପଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଙ୍କୁ ଦିଆଯାଇଛି। କଳାହାଣ୍ଡି ଜିଲ୍ଲା ଗାଁ ସାଥି କ୍ରିୟାନୁଷ୍ଠାନ କମିଟି ସଭାପତି ଶ୍ରୀଅଭିମନ୍ୟୁ ବେଶ୍ରାଙ୍କ ନେତୃତ୍ୱରେ ମାଁ ମାଣିକେଶ୍ୱରୀ ମନ୍ଦିର ଠାରୁ ଶତାଧିକ ଗାଁ ସାଥି ଭାଇ ଓ ଭଉଣୀ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଆସି କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାଅର୍ଚ୍ଚନା କରି ବକ୍ତବ୍ୟ ମାଧ୍ୟମରେ ଦାବୀ ଗୁଡିକ ଉପସ୍ଥାପନା କରିଥିଲେ। ଗାଁସାଥି ମାନଂକୁ ସଠିକ ଭାବେ ଚିହ୍ନଟ କରାଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରି ମାସିକ ପ୍ରୋତ୍ସାହନ ଦେବାକୁ ଦାବୀ କରା ଯାଇଛି। ମନମୁଖୀ ଚୟନ ହୋଇଥିବା ଗାଁ ସାଥି ମାନଂକୁ କାର୍ଯ୍ୟରୁ ବାଦଦେବା ସହିତ ଯୁକ୍ତ ଦୁଇ ଶିକ୍ଷାଗତ ଥିବା ଗାଁ ସାଥି ମାନଙ୍କୁ ସ୍ଥାୟୀ ନିଯୁକ୍ତି, ଯୁକ୍ତ ଦୁଇ ରୁ ତଳକୁ ଶିକ୍ଷାଗତ ଯୋଗ୍ୟତା ଥିବା ଗାଁ ସାଥି ମାନଂକୁ ବାର ହଜାର ଟଙ୍କା ଦେବାକୁ ଦାବୀ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଶ୍ରୀରୋହିତ ସାହୁ, ଗଣମାଧ୍ୟମରେ କୋଷାଧକ୍ଷ ଶ୍ରୀ ଗୌରଚନ୍ଦ୍ର ଗହୀର, ଗଣମାଧ୍ୟମ ସଂଯୋଜକ ସଦାଶିବ ନାଗ, ଶତ୍ରୁଘନ ଗୌଡ଼, ପ୍ରକାଶ ବୁଦ୍ଧିଆ, ଶ୍ୟାମ ଛତରିଆ ଗୋଲାମୁଣ୍ଡା ବ୍ଲକ ସଭାପତି ଭିକାରି କୁମାର, ଅମର ଦୁର୍ଗା, ପ୍ରେମ ଗୋପାଳ ସାହୁ, ତିଲୋତମା ସାହୁ, ୧୩ଟି ବ୍ଲକ ସଭାପତି ସହିତ ସମଗ୍ର ଜିଲ୍ଲାର ଗାଁ ସାଥି ଭାଇ ଓ ଭଉଣୀ ଉପସ୍ଥିତ ଥିଲେ। ସରକାର ଆମରି କଥା ଶୁଣିବେ ନାହିଁ ବୁଝିବେ ନାହିଁ ଆଗାମୀ ଦିନରେ ରାଜରସ୍ତାରେ ଓହ୍ଲାଇବୁ ତଥା ହଜାର ହଜାର ସଂଖ୍ୟାରେ ବିଧାନସଭାରେ ଘେରାଉ କରିବୁ ବୋଲି ଗାଁ ସାଥି ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ପକ୍ଷରୁ ତେତାବନୀ ଦେଇଛନ୍ତି ।

# ନଦୀ ଶଯ୍ୟାରୁ ୨ ଜେସିବି ଜବତ କଲା ବନ ବିଭାଗ

ପାଟଣା **୧୪/୨ (ନି.ପ୍ର):** ପାଟଣା ତହସିଲ ଅନ୍ତର୍ଗତ ଅଙ୍କୁରା ବୈତରଣୀ ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ କରୁଥିବା ୨ ଟି ଜେସିବି ମେସିନକୁ ବନବିଭାଗ ଗତରାତି ଜବତ କରିଛି। ହାତୀ ଚଲାପଥ ଥିବା ଜଙ୍ଗଲ ସଂଲଗ୍ନ ଏହି ନଦୀ ଶଯ୍ୟା ରେ ରାତି ଅଧିଆ ବାଲି ଉତ୍ତୋଳନ ହେଉଥିବା ଖବର ପାଇ କେନ୍ଦୁଝର ଡି. ଏଫ. ଓ ଏଚ ଡି ଧନରାଜ, ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ପାଟଣା ବନପାଳ ପିଅନ ନାଏକ ଓ ବନବିଭାଗ ମୋବାଇଲ ୟୁନିଟ ଏହି ଚଢାଉ ସମୟରେ ବାଲି ବୋଝେଇ ହାଇୱା ଖସି ଯିବାରେ ସମର୍ଥ ହୋଇଥିବା ବେଳେ କେବଳ ୨ ଟି ଜେସିବି କୁ ବନ ବିଭାଗ ଜବତ କରିଛି ।

# ୨୨ରୁ ଉର୍ଦ୍ଧ୍ୱ ଚାକିରିଆ ରାସନ କାର୍ଡ ଫେରାଇଲେଣି

## ଶତାଧିକ ଚାକିରିଆ ଓ ଆୟକର ଦାତାଙ୍କ କାର୍ଡ ବାତିଲ



କନ୍ଧମାଳ **୧୪/୨ (ନି.ପ୍ର):** ସମସ୍ତଙ୍କୁ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ଗରୀବ ଲୋକଙ୍କୁ ମାଗଣା ଚାଉଳ ଯୋଗାଇ ଦେଉଛନ୍ତି। ତେବେ ବହୁ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇ ଯୋଜନାର ଫାଇଦା ଉଠାଉଛନ୍ତି। ରାଜ୍ୟରେ ସରକାର ବଦଳିବା ପରେ ଏହା ଉପରେ ଗୁରୁତ୍ୱ ଦେଇ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଶେଷ କରି ସରକାରୀ ଚାକିରିଆ ଏବଂ ଆୟକର ଦେଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ରାସନ କାର୍ଡ ବାତିଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲାରେ ଏବେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସମୁଦାୟ ୧, ୭୪, ୪୯୩ କାର୍ଡଧାରୀ ସାମିଲ ଅଛନ୍ତି। ମୋଟ୍ ୬, ୩୬, ୨୩୮ ଜଣ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି। ସେହିଭଳି ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୧୮୭୫ କାର୍ଡଧାରୀ ଥିବାବେଳେ ଏଥିରେ ୬୬୨୮ ହିତାଧିକାରୀ ସାମିଲ ଅଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଏଚଆରଏମଏସ ତଥ୍ୟ ଆଧାରରେ ଏମାନଙ୍କ ମଧ୍ୟରେ ସମୁଦାୟ ୧୭୭୭ ଚାକିରିଆ ଥିବା ଜଣାପଡ଼ିଛି। ସେହିଭଳି ହିତାଧିକାରୀଙ୍କ ମଧ୍ୟରେ ୭୬୩ ଜଣ ଆୟକରଦାତା ଥିବା ମଧ୍ୟ ଜଣାପଡ଼ିଛି। ଏମାନଙ୍କ କାର୍ଡ ବାତିଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୪୦୯ ଜଣ ଚାକିରିଆ ଓ ୪୬ ଜଣ ଆୟକରଦାତାଙ୍କ କାର୍ଡ ବାତିଲ ହୋଇସାରିଛି। ଅନ୍ୟମାନଙ୍କ ପ୍ରକୃତ ସ୍ଥିତି ନେଇ ଅନୁଧ୍ୟାନ ଚାଲିଥିବା ଏବଂ ଅଯୋଗ୍ୟତା ପ୍ରମାଣିତ ହେଲେ ସେମାନଙ୍କ କାର୍ଡ ବାତିଲ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର। ରାଇକିଆ ବ୍ଲକ ଅଞ୍ଚଳରେ ଏହି ଯୋଜନାରେ ଅନେକ ସରକାରୀ କର୍ମଚାରୀ ସରକାରଙ୍କ ବିଭିନ୍ନ ସୁବିଧା ନେଉଛନ୍ତି। ଅପରପକ୍ଷରେ ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏବେ ଇ-କେୱାଇସି ଅପଡେଟ ଆରମ୍ଭ ହେବାପରେ କାର୍ଡ ହାତେଇଥିବା ୨୨ରୁ ଉର୍ଦ୍ଧ୍ୱ ସରକାରୀ ଚାକିରିଆ ଇତି ମଧ୍ୟରେ କାର୍ଡ ଫେରାଇଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ କେବଳ ଅଧିକ ଦରମା ପାଉଥିବା ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ଫେରସ୍ତ ରଖାଯାଇଛି। ଯୋଗ୍ୟ ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ସାମିଲ ହୋଇପାରିବେ ବୋଲି କହିଛନ୍ତି। ଜିଲ୍ଲାର ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କ କାର୍ଡ ବାତିଲ ହେଲେ ପ୍ରାୟ ୭ ହଜାର ହିତାଧିକାରୀ ଯୋଜନାରୁ ବାଦ ପଡ଼ିବେ ବୋଲି ଅନୁମାନ କରାଯାଉଛି।

# ତଣ୍ଡିବେଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକୋତ୍ସବ




ପାଟଣା **୧୪/୨ (ନି.ପ୍ର):** ଘଟଗାଁ ବ୍ଲକ ର ତଣ୍ଡିବେଡ଼ା ସରକାରୀ ଉଚ୍ଚ ବିଦ୍ୟାୟର ବାର୍ଷିକୋତ୍ସବ ଖୁବ୍ ମନୋଜ୍ଞ ପ୍ରସ୍ତୁତି ସହକାରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାଶିକ୍ଷକ ରଞ୍ଜନ କୁମାର ପୃଷ୍ଟି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯକ୍ରମ ରେ ମୁଖ୍ୟବକ୍ତା ଭାବେ କବି ପ୍ରଫୁଲ୍ଲ ଚକ୍ର ଉପସ୍ଥିତ ରହି ସତ୍ୟନିଷ୍ଠ , ସ୍ୱପ୍ନ ପ୍ରବଣ , ସାହସୀ, ସଂଗ୍ରାମୀ ଓ ଦେଶ ପାଇଁ ସମର୍ପିତ ହେବାକୁ ଅଭିପ୍ରେତ କରାଇ ଥିଲେ । ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଭୀମସେନ ବଳ, ସ୍ଥାନୀୟ ସରପଞ୍ଚ ବୈଜୟନ୍ତୀ ନାୟକ, ସ୍କୁଲ କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ର କୃତୀ ଛାତ୍ର ଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶିକ୍ଷକ କାଳନ୍ଦୀ ଚରଣ ବଳ ବିଭିନ୍ନ କାର୍ଯ୍ୟକ୍ରମ ର ସଂଯୋଜନ କରିଥିବା ବେଳେ ସାବିତ୍ରୀ ପୃଷ୍ଟି, ସୁମିତ୍ରା ସାହୁ, ସୋନାଲି ପ୍ରିୟଦର୍ଶିନୀ ନାୟକ, ଗୌତମ କୁମାର ନାୟକ, ଚିନ୍ମୟୀ ମିଶ୍ର, ନମିତା ନାୟକ, ବିଷ୍ଣୁ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଭିନ୍ନ ଭିନ୍ନ ସମୟରେ ବିଦ୍ୟାଳୟର ବିଭିନ୍ନ କାର୍ଯକ୍ରମ ରେ ଅଯାଚିତ ଭାବେ ସହଯୋଗ କରୁଥିବାରୁ ଗ୍ରାମର ଦୁଇ ସ୍ୱେଚ୍ଛାସେବୀ ଜଗନ୍ନାଥ ନାୟକ ଓ ଦିଲ୍ଲୀପ କୁମାର ନାୟକଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା ।

# ସରାସପଶି ଠାରେ ମାଗଣା ଚିକିତ୍ସା ଶିବିର

ପାଟଣା **୧୪/୨ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସରାସପଶି ପଞ୍ଚାୟତ ଠାରେ ଆଜି ମାଗଣା ଚିକିତ୍ସା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ରାଷ୍ଟ୍ରୀୟ ଗ୍ରାମୀଣ ଜନ ବିକାଶ ଯୋଜନା ଆନୁକୁଲ୍ୟରେ ଏହି ସେବା ଲୋକ ମାନଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାବନପୁର, ଗୋବରାବେଡ଼ା, ଭରାଣ୍ଡିଆ, ଭାଲୁକୀ ପତଳା ଗ୍ରାମର ଅନ୍ୟୁନ ଏକ ଶହରୁ ଅଧିକ ଲୋକ ଆସି ସେମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା କରିବା ସହିତ ବିଭିନ୍ନ ଶାରିରୀକ ସମସ୍ୟା ଉପରେ ଡାକ୍ତରଙ୍କୁ ଦେଖାଇ ଔଷଧ ନେଇଥିଲେ । ଡାକ୍ତର ଶରତ ଚନ୍ଦ୍ର ନାୟକ ରୋଗୀସେବା କରିଥିଲେ ଓ ସେହିଠାରେ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ବ୍ଲକ ସଂଯୋଜକ ଚୁଡ଼ଙ୍ଗ ନାଏକ, ପପୁନ ନାୟକ, ହେମନ୍ତ ପାତ୍ର,କାହ୍ନୁ ଚରଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟ ପ୍ରୋଜେକ୍ଟ ଡାଇରେକ୍ଟର ସଂଜୟ କୁମାର ନାଏକ, ଜୋନାଲ ମ୍ୟାନେଜର ମନୋରଂଜନ ପାତ୍ର, ଜିଲ୍ଲା ମ୍ୟାନେଜର ଧିରୋଜ ନଳିନୀ ମହାନ୍ତ,ଲିଗାଲ ଆଡ଼ଭାଇଜର ରାଜିବ କୁମାର ସାହୁ, ଫିଲ୍ଡ଼ ମ୍ୟାନେଜର ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ । ସେହିପରି ଇତିଶ୍ରୀ ସକ୍ଷହୁ, ଶିବାନୀ ମୁଖି, ମଧୁସ୍ମିତା ମହାନ୍ତ, ରାଣୀ ଫାଦୁକାର ପ୍ରମୁଖ ଷ୍ଟାଫ ନର୍ସ ସ୍ୱାସ୍ଥ୍ୟ ପରିକ୍ଷା ରେ ସହଯୋଗ କରିଥିଲେ ।

# ମହିଳା ଅନୁକୂଳ ଗ୍ରାମ ପଞ୍ଚାୟତ ଗଠନ କର୍ମଶାଳା

ପାଟଣା **୧୪/୨ (ନି.ପ୍ର):** ରାଜ୍ୟ ସରକାରଙ୍କ ଗ୍ରାମ୍ୟଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତିରାଜ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ଆୟୋଜନ ରେ ଆଜି ପାଟଣା ବ୍ଲକ ସଭାଗୃହରେ ମହିଳା ଅନୁକୂଳ ପଞ୍ଚାୟତ ଗଠନ ପାଇଁ ଏକ କର୍ମଶାଳା ବିଡିଓ ମାନସ କୁମାର ଦଣ୍ଡପାଟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ସିଡିପିଓ କଳ୍ପନା ଦୋରା, ଜିପିଡ଼ିଓ ରଶ୍ମିରେଖା ମହାନ୍ତି, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସୁସ୍ମିତା ସାହୁ, ଏବିଇଓ ବିଜୟ କୁମାର ଓଝା ଓ ପ୍ରଶିକ୍ଷକ ଭାରତ ସଂଗଠନ ର ଶିବନାଥ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରେ ସରପଞ୍ଚ, ଏମବିକେ, ଆଶାଦିଦି, ସ୍ୱାସ୍ଥ୍ୟ କର୍ମୀ ସିଆରପିସିଏମ ମାନେ ଯୋଗ ଦେଇଥିଲେ ।ପଞ୍ଚାୟତ ଅଞ୍ଚଳରେ ମହିଳା ମାନଙ୍କ ପାଇଁ ସମସ୍ତ ପ୍ରକାର ଅନୁକୂଳ ପରିବେଶ ସୃଷ୍ଟି କରିବା ଉପରେ ପ୍ରଶିକ୍ଷଣ ଦିଆ ଯାଇଥିଲା।

# କୀଟନାଶକ ଖାଇ ବୃଦ୍ଧାଙ୍କ ମୃତ୍ୟୁ

ପାଟଣା **୧୪/୨ (ନି.ପ୍ର):** ପାଟଣା ଥାନା ଅନ୍ତର୍ଗତ ସାହାରପଡା ଫାଣ୍ଡି ଅଞ୍ଚଳ ନିଶ୍ଚିନ୍ତପୁର ଗ୍ରାମର ଜଣେ ବିଧବା କୀଟନାଶକ ପିଇ ମୃତ୍ୟୁ ବରଣ କରିଛନ୍ତି ।ଗ୍ରାମର ରାଇ ମୁଣ୍ଡା(୮୧)ଙ୍କ ନାତି ବାଙ୍ଗାଲୋର କର୍ମ ଅନ୍ୱେଷଣ ରେ ଚାଲିଯିବାରୁ ଦୁଃଖରେ ବୃଦ୍ଧା ଜଣକ ୧୧ ତାରିଖ ସକାଳୁ କୀଟନାଶକ ପିଇ ଦେଇଥିଲେ। ତାଙ୍କ ପୁଅ ଲାଲସିଂ ମୁଣ୍ଡା ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ପ୍ରଥମେ କରଞ୍ଜିଆ ଓ ସେଠାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।ଚିକିତ୍ସାଧୀନ ଅବସ୍ଥାରେ ଗତରାତି ୧ଟା ରେ ରାଇ ପ୍ରାଣ ହରାଇଥିଲେ। ଥାନା ଅପମୃତ୍ୟୁ ମାମଲା ୪/୨୦୨୫ ମୂଳେ ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଆଜି କେନ୍ଦୁଝର ଯାଇ ମୃତକର ଶବ ବ୍ୟବଚ୍ଛେଦ କରାଇଛନ୍ତି।

# ଆଗକୁ ମେଟ୍ରିକ ପରୀକ୍ଷା, ଜିଲ୍ଲାର ପୁରାତନ ବିଦ୍ୟାଳୟରେ ଶିକ୍ଷକ ଅଭାବ




କୋରାପୁଟ/କୋଟପାଡ଼ **୧୪/୨ (ନି.ପ୍ର):** କୋରାପୁଟ ଜିଲ୍ଲାର ପୁରାତନ ଉଚ୍ଚ ବିଦ୍ୟାଳୟ ମାନଙ୍କ ଭିତରୁ ଗୋଟିଏ ହେଉଛି ସରକାରୀ ଉଚ୍ଚ ବିଦ୍ୟାଳୟ,କୋଟପାଡ଼ ଯାହାକି ୧୯୪୪ ମସିହାରେ ସ୍ଥାପିତ ହୋଇଥିଲା ।ଅତୀତରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବା ଛାତ୍ର କିଏ ଆଇ.ଏ.ଏସ ହୋଇଥିବା ବେଳେ ଆଉ କିଏ ଡାକ୍ତର ।କିଏ ରାଜନୀତି ର ଉଚ୍ଚ ଶିଖରରେ ତ କିଏ ଫୁଟବଲ ଖେଳର ମସିହା ।ନିକଟ ଅତୀତରେ ବିଜ୍ଞାନ ମେଳାରେ ଏହି ବିଦ୍ୟାଳୟର ଛାତ୍ର ରାଜ୍ୟ ସ୍ତରରେ ପ୍ରାୟ ୬ ଥର,ଜୋନାଲ ସ୍ତରରେ ୨ ଥର ଏବଂ ରାଷ୍ଟ୍ରୀୟ ସ୍ତରରେ ଥରେ ଉତିର୍ଣ୍ଣ ହୋଇ କୋଟପାଡ଼ ପାଇଁ ଗୌରବ ଆଣିଛନ୍ତି ।ଖାଲି ପାଠ ନୁହଁ ଖେଳର ଅନେକ କୀର୍ତ୍ତିମାନ ଅର୍ଜନ କରିଛି ଏହି ବିଦ୍ୟାଳୟ ।ଏତେ ସବୁ କୀର୍ତ୍ତିମାନ ମାନଙ୍କ କାରଖାନା କୁହା ଯାଉଥିବା କୋଟପାଡ଼ ର ବିଦ୍ୟାର ଏହି ମନ୍ଦିର ଆଜି ସଂକଟରେ ।ଏହା ନୁହେଁ ଯେ ବିଦ୍ୟାଳୟରେ କୌଣସି ଭିତ୍ତିଭୂମି ର ଅଭାବ ଅଛି ।ଅଭାବ କେବଳ ଶିକ୍ଷାଦାନ କରିବା ଶିକ୍ଷକଙ୍କ। ସୂଚନା ଥାଉକି ଏହି ବିଦ୍ୟାଳୟରେ ପ୍ରଥମ ରୁ ଦଶମ ଶ୍ରେଣୀ ମଧ୍ୟରେ ପାଖାପାଖି ୫୦୦ ପିଲାଏ ଅଧ୍ୟନ କରନ୍ତି ।ପ୍ରାଥମିକ ସ୍ତରରେ ୮ ଜଣ ଶିକ୍ଷକ ଶିକ୍ଷୟତ୍ରୀ କାମ ଯେଣେତେଣେ ତୁଲାଉଥିବା ବେଳେ,ନବମ ଏବଂ ଦଶମ ଶ୍ରେଣୀ ପାଇଁ ନାକେଦମ ହେବାକୁ ପଡୁଛି ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କୁ ।ନବମ ର ତିନୋଟି ସେକ୍ସନ ରେ ୧୫୧ ଛାତ୍ର ଥିବା ବେଳେ ଦଶମ ର ଦୁଇଟି ସେକ୍ସନ ରେ ଅଧ୍ୟନ କରନ୍ତି ୯୯ ଛାତ୍ର ।ଏତେ ସଂଖ୍ୟକ ପିଲାଙ୍କ ପାଇଁ ଜଣେ ବିଜ୍ଞାନ ଶିକ୍ଷକ,ଜଣେ ଗଣିତ ଶିକ୍ଷକ,ଜଣେ ସଂସ୍କୃତ,ଜଣେ ହିନ୍ଦୀ,ଏବଂ ଚାରି କଳା ଶିକ୍ଷକ,ସମୂହ ୮ ଜଣ ଶିକ୍ଷକ ଶିକ୍ଷାଦାନ କରନ୍ତି।ସ୍ମିତ କରିବା ବିଷୟ ଏହାକି ୨୦୧୭ ରୁ ଆଜି ଯାଇଁ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ରହିଛି ।ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଜଣେ ବରିଷ୍ଠ ଶିକ୍ଷକ ହୋଇଥିବାରୁ ତାଙ୍କେ ଏହି ଦାଇତ୍ୱ ତୁଲାଉଛନ୍ତି ।ସେପଟ୍ମେର ମାସରେ ସେ ମଧ୍ୟ ଚାକିରୀ ରୁ ଅବସର ନେବେ ।ଏହା ପରେ କନିଷ୍ଠ ଶିକ୍ଷକ ମାନଙ୍କ ଅଭିଜ୍ଞତା କମ ଥିବା କାରଣରୁ ବିଦ୍ୟାଳୟ ର ପରିଚାଳନା ରେ ବାଧା ଉପୁନ ହେବ ନିଶ୍ଚିତ,ଏଥିରେ ସନ୍ଦେହ ନାହିଁ। ନିକଟ ଅତୀତରେ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ଏହି ବିଦ୍ୟାଳୟରେ ଅନୁଷ୍ଠିତ ଏକ ଜ୍ୱିଲ୍ଲା ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।ବିଦ୍ୟାଳୟ ର ଶିକ୍ଷକ ଅଭାବ ସମ୍ପର୍କରେ ସେ ଅବଗତ ଥିବେ ଅବଶ୍ୟ ।ତୁରନ୍ତ ସେ ବିଦ୍ୟାଳୟ ର ଆବଶ୍ୟକ ଶିକ୍ଷକ ପଦ ପୂରଣ କରିବେ ବୋଲି ଛାତ୍ର ମାନଙ୍କ ଅବିବାହକ ଆଶା ରଖିଛନ୍ତି ।ଏହା ସହ ଜଣେ ଅଭିଜ୍ଞତା ଥିବା ବରିଷ୍ଠ ପ୍ରଧାନଶିକ୍ଷକ ଙ୍କୁ ନିଯୁକ୍ତି ତୁରନ୍ତ ଦିଅନ୍ତୁ ବୋଲି ଅଭିବାହକ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କୁ 'କଳିଙ୍ଗ ଜ୍ୟୋତି'ମାଧ୍ୟମରେ ନିବେଦନ କରିଛନ୍ତି ।କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ସହ ଆଲୋଚନା ବେଳେ,ସେ ଘମ୍ଭୀରତା ର ସହ ଘଟଣାକୁ ନେବା ସହ ଅତିଶିଘ୍ର ଶିକ୍ଷାମନ୍ତ୍ରୀ ଙ୍କ ସହ ଆଲୋଚନା କରିବେ ବୋଲି 'କଳିଙ୍ଗ ଜ୍ୟୋତି'ର ସ୍ୱତନ୍ତ୍ର ପ୍ରତିନିଧି ଙ୍କୁ ପ୍ରତିଶୃତି ଦେଇଛନ୍ତି।

# ଗ୍ରୀଷ୍ମ ଆଗରୁ ଜଳ ସଂକଟ
## ପାଣି ପାଇଁ ୫ ଘଣ୍ଟା ରାସ୍ତାରୋକ



ପାଟପୁର, ୧୪/୨ : ଗଞ୍ଜାମ ଜିଲ୍ଲାରେ ଗ୍ରୀଷ୍ମଋତୁ ଆଗରୁ ପିଇବା ପାଣି ସଂକଟକୁ ନେଇ ସବୁଠି ଧୀରେ ଧୀରେ ଅସନ୍ତୋଷ ତେଜିବାରେ ଲାଗିଛି । ପିଇବା ପାଣି ଯୋଗାଣରେ ସମସ୍ୟାକୁ ନେଇ ସାନଖେମୁଣ୍ଡି ବ୍ଲକ୍ କଉଡ଼ିଆ ଗ୍ରାମର ମହିଳାମାନେ ଆଜି ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟାଣଖରାରେ ମହିଳାମାନେ ମାଠିଆ ଓ ହାଣ୍ଡି ରଖି ଜଗନ୍ନାଥପୁର-କଙ୍କୋରଡ଼ା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ଫଳରେ ଯାନବାହନ ଚଳାଚଳ ବନ୍ଦ ହୋଇଯିବା ସାଙ୍ଗକୁ ପରିସ୍ଥିତି ଅଶାନ୍ତ ହୋଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ୧ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭରହେଡ୍ ଟାଙ୍କି ନିର୍ମାଣ ସହ ପାଇପଲାଇନ୍ ବିଛାଯାଇ ଷ୍ଟାଣ୍ଡପୋଷ୍ଟ୍‌କୁ ୪ଟି ମୋଟର୍ ଯୋଗେ ପାଣି ଉଠାଯାଉଥିଲା । ସେଥିରୁ ୨ଟି ମୋଟର୍ ପୋଡ଼ିଯାଇଛି । ଏଭଳି ପରିସ୍ଥିତିରେ କଉଡ଼ିଆ ଗ୍ରାମରେ ଉପରମୁଣ୍ଡରେ ରହୁଥିବା କିଛି ଲୋକ ଷ୍ଟାଣ୍ଡପୋଷ୍ଟ୍‌ରୁ ମୋଟର୍ ଲଗାଇ ମନଇଚ୍ଛା ପାଣି ବ୍ୟବହାର କରୁଛନ୍ତି । ତଳମୁଣ୍ଡକୁ ପାଣି ଆସିପାରୁନି । ଫଳରେ ଏଥିରେ ଉତ୍‌କ୍ଷିପ୍ତ ହୋଇ ମହିଳାମାନେ ଆଜି ହାଣ୍ଡିମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇଥିଲେ । ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ମୋଟର୍ ମରାମତି କରିବା ଓ ଷ୍ଟାଣ୍ଡପୋଷ୍ଟ୍‌ରେ ମୋଟର୍ ଲଗାଇବା ଉପରେ ଅଙ୍କୁଶ ଜାରି କରିବାକୁ ଦାବି ହୋଇଥିଲା । ପାଟପୁର ପୁଲିସ ଟିମ୍ ଓ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠଯନ୍ତ୍ରୀ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିଥିଲେ । ଯୁଦ୍ଧକାଳୀନ ଭିତ୍ତିରେ ଜଳଯୋଗାଣ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

# ରାଜ୍ୟରେ ଏପ୍ରିଲରୁ ପୁଣି ବଢ଼ିପାରେ ବିଜୁଳି ଦର



କନ୍ଧମାଳ /ଫୁଲବାଣୀ , ୧୪/୨ : ଓଡ଼ିଶାରେ ପୁଣି ବଢ଼ିପାରେ ବିଦ୍ୟୁତ ଦର, କାରଣ ପୁନର୍ବାର ବିଦ୍ୟୁତ୍ ଦର ନିର୍ଦ୍ଧାରଣ କରିବା ପାଇଁ ରାଜ୍ୟର ବିଭିନ୍ନ ବିଦ୍ୟୁତ ବିତରଣ କମ୍ପାନୀ ମାନଙ୍କ ପ୍ରସ୍ତାବ ଉପରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଶୁଣାଣି କରିବେ । ଏହିଁ ଶୁଣାଣି ଆସନ୍ତା ୧୭ରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । କମ୍ପାନୀ ଗୁଡ଼ିକର ଯୁକ୍ତିକୁ ଯଦି ଓଇଆରସି ଗ୍ରହଣ କରନ୍ତି ତାହାହେଲେ ଆସନ୍ତା ଏପ୍ରିଲରୁ ବଢ଼ିଯାଇପାରେ ବିଦ୍ୟୁତ ଶୁଳ୍କ । ଲଗାତାର ତିନିବର୍ଷ ହେଲାଣି ରାଜ୍ୟରେ ବିଦ୍ୟୁତ ଶୁଳ୍କ ବଢ଼ିନାହିଁ । ୨ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ ରହିଥିବାବେଳେ ଗତବର୍ଷ ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତି ସ୍ଲାବରେ ଖୁଚୁରା ଯୋଗାଣ ଦେୟ ୟୁନିଟ ପିଛା ୧୦ ପଇସା ହ୍ରାସ କରାଯାଇଥିଲା । ବର୍ତ୍ତମାନ ରାଜ୍ୟରେ ଘରୋଇ ଉପଭୋକ୍ତାଙ୍କ ପାଇଁ ବିଜୁଳି ଦର ୫୦ ୟୁନିଟ ପର୍ଯ୍ୟନ୍ତ ୨ ଟଙ୍କା ୯୦ ପଇସା, ୫୧ରୁ ୨୦୦ ୟୁନିଟ ପର୍ଯ୍ୟନ୍ତ ୪ ଟଙ୍କା ୭୦ ପଇସା, ୨୦୦ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ୫ ଟଙ୍କା ୭୦ ପଇସା ଏବଂ ୪୦୦ରୁ ଅଧିକ ୟୁନିଟ କ୍ଷେତ୍ରରେ ୟୁନିଟ୍ ପିଛା ୬ ଟଙ୍କା ୧୦ ପଇସା ରହିଛି । ବିଦ୍ୟୁତ୍ ଦର ବଢ଼ାଇବାକୁ କେତେକ କମ୍ପାନୀ ପ୍ରସ୍ତାବ ରଖିଥିବା ସୂଚନା ମିଳିଛି । ଏହା ଯଦି କାର୍ଯ୍ୟକାରୀ ହୁଏ ତାହେଲେ ରାଜ୍ୟର ସମସ୍ତ ବିଦ୍ୟୁତ ଉପୋଭୋକ୍ତା ମାନଙ୍କ ସହିତ କନ୍ଧମାଳ ଜିଲ୍ଲାର ବିଦ୍ୟୁତ ଉପୋଭୋକ୍ତା ମାନଙ୍କୁ ମଧ୍ୟ ବିଦ୍ୟୁତ ଦର ବୃଦ୍ଧିର କୋରଡା ମାଡ଼ ସହିବାକୁ ପଡିବ ବୋଲି ସାଧାରଣ ରେ ଆଲୋଚନା ହେଉଛି, ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆସୁଥିବାରୁ ବିଦ୍ୟୁତ ବିତରଣ କମ୍ପାନୀ ମାନଙ୍କର ଲାଇନ କାଟ କୁ ବିଦ୍ୟୁତ ଦର ବୃଦ୍ଧି କୁ ସାଧାରଣ ଜନତା କିପରି ହଜମ କରିବେ ତାହା ଆଗାମୀ ବିଦ୍ୟୁତ ଶୁଳ୍କ ବୃଦ୍ଧିନିଷ୍ପତ୍ତି ଉପରେ ଦେଖିବାକୁ ମିଳିବ ।

# ବିଜେପି ସଭାପତିଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା
## ଇସ୍ତଫା ଦିଅ, ଉପନିର୍ବାଚନ କରିବୁ

ଭୁବନେଶ୍ୱର, ୧୪/୨ : ଆମେ ଶାସକ ଦଳର ବିଧାୟକ ହୋଇଛୁ, ହେଲେ ଆମ ଏରିଆରେ କିଛି କାମ କରିପାରୁନୁ । ମନ୍ତ୍ରୀଙ୍କୁ ଯାହା ଲେଖିକି ଦେଲେ କେହି ଶୁଣୁନାହାନ୍ତି । କୌଣସି ଅଧିକାରୀଙ୍କୁ ବଦଳି କରିବାକୁ କହିଲେ ହେଉନି । କାର୍ଯ୍ୟକର୍ତ୍ତା ଥିଲୁ ଭଲ ଥିଲା । ବିଧାୟକ ହୋଇକି କିଛି ଲାଭ ହେଉନି । ଏହିଭଳି ଢଙ୍ଗରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ ବୁଧବାର ବସିଥିବା ବିଜେପି ବିଧାୟକ ଦଳ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । କେବଳ ଲକ୍ଷ୍ମଣ ବାଗ୍ ନୁହନ୍ତି । ସମାନ ଅଭିଯୋଗ ଆହୁରି ୫ରୁ ୬ଜଣ ବିଧାୟକ ଆଣିଥିଲେ । ହେଲେ ବିଧାୟକଙ୍କ କ୍ଷୋଭକୁ ପ୍ରଶମିତ କରିବା ପାଇଁ ଦଳର ସଭାପତି ମନମୋହନ ସାମଲଙ୍କ ଜବାବ୍ ସମସ୍ତଙ୍କୁ ଚକିତ କରିଥିଲା । ମନମୋହନ ତାଙ୍କ ବକ୍ତବ୍ୟରେ କହିଥିଲେ, ଥରେ ବିଧାୟକ ହୋଇକି ଏମିତି ହୁଅନି । ଏକାଧିକ ଥର ବିଧାୟକ ହୋଇ ଜିତିବା କଥା ଚିନ୍ତା କର । ଦଳର କାର୍ଯ୍ୟକର୍ତ୍ତା ହୋଇ ଯଦି ରହିବାକୁ ଚାହୁଁଛ ତେବେ ଇସ୍ତଫା ଦେଇଦିଅ । ଆମେ ଉପନିର୍ବାଚନ କରିବୁ । ଯାହାକୁ ଛିଡ଼ା କରିବୁ ସେ ଜିତିବେ । ବିଧାନସଭା ଅଧିବେଶନ ପୂର୍ବରୁ ଗୃହରେ ବିରୋଧୀଙ୍କୁ ମୁକାବିଲା କରିବା ନେଇ ରଣନୀତି ପ୍ରସ୍ତୁତ କରିବାକୁ ବିଧାନସଭାର ୫୪ନଂ ପ୍ରକୋଷ୍ଠରେ ବସିଥିଲା ବିଜେପି ବିଧାୟକ ଦଳ ବୈଠକ । ଏଥିରେ ରଣନୀତି ପ୍ରସ୍ତୁତ ହେବା ଦୂରର କଥା, ବିଧାୟକଙ୍କ ଅସନ୍ତୋଷର ଝଡ଼ ଦେଖିବାକୁ ମିଳିଥିଲା । ଶୀତକାଳୀନ ଅଧିବେଶନ ବେଳେ ଯେପରି ବିଧାୟକମାନେ ସେମାନଙ୍କର ଅସନ୍ତୋଷ ଝାଡ଼ିଥିଲେ ଗତକାଲି ବି ସେହିପରି ନିଜର ଅସନ୍ତୋଷର ଚିଠା ପଢ଼ିଥିଲେ । ହେଲେ ଏଥରର ଅସନ୍ତୋଷ ଆହୁରି ସାଂଘାତିକ ଥିଲା । ବୈଠକରେ ବିଧାୟକମାନେ କହିଥିଲେ, ଆମେ ମନ୍ତ୍ରୀଙ୍କୁ ଯଦି କୌଣସି କାର୍ଯ୍ୟ କରିବାକୁ ଚିଠା ଦେଉଛୁ କେହି ଶୁଣୁନାହାନ୍ତି । ଲୋକଙ୍କ କାମ ହେଉନି । ଆମେ ଲୋକଙ୍କ କାମ କରିବୁ ବୋଲି ଲୋକ ନିଷ୍ପତ୍ତି ବଦଳାଇଥିଲେ । ହେଲେ ଲୋକ ଯାହା କହୁଛନ୍ତି ଆମେ କରିପାରୁନୁ । ମନ୍ତ୍ରୀମାନେ କେବଳ ନିଜ କଥା ବୁଝୁଛନ୍ତି । ନିଜ ଇଚ୍ଛା ପୂରଣ କରୁଛନ୍ତି । ବିଧାୟକମାନଙ୍କୁ ପଚାରୁନାହାନ୍ତି । ଏମିତି ହେଲେ ଯେଉଁ ଲୋକ ଭୋଟ୍ ଦେଇ ଆମକୁ ସରକାରକୁ ଆଣିଥିଲେ ସେହି ଲୋକ ଆମକୁ ବିଦା କରିଦେବେ । ବହୁ ବିଧାୟକ ମନ୍ତ୍ରୀମାନଙ୍କୁ ଟାର୍ଗେଟ୍ କରୁଥିବା ଦେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଆପଣମାନେ ରାଗିବା ସ୍ୱାଭାବିକ । ହେଲେ ଆପଣମାନେ ଜାଣିବା ଦରକାର ଯେ ଆମେ ପ୍ରଥମ ଥର ପାଇଁ ସରକାର ଗଠନ କରିଛୁ । ନୂଆ ସରକାର, ସବୁ କାମ ପାଇଁ କିଛି ସମୟ ଲାଗିବ । ଆପଣମାନେ ଲୋକଙ୍କ ସହ ଭଲରେ ମିଶନ୍ତୁ । ଏହି ବଜେଟ୍ ପରେ ବହୁ ନୂଆ ପ୍ରକଳ୍ପ ସୃଷ୍ଟି ହେବ । ଆପଣଙ୍କ ପାଇଁ କାମ କରିବାକୁ ସୁଯୋଗ ମିଳିବ, ଅର୍ଥର ଅଭାବ ରହିବନି । ଆପଣମାନଙ୍କର ଯଦି ବିଶେଷ କିଛି ସମସ୍ୟା ଅଛି ମୋତେ ବ୍ୟକ୍ତିଗତ ଭାବେ ଜଣାନ୍ତୁ । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ବିଧାୟକମାନେ ଶାନ୍ତ ହୋଇଥିଲେ । ହେଲେ ଦଳ ସଭାପତିଙ୍କ କଟାକ୍ଷ ବିଧାୟକଙ୍କ ମନରେ ନିଆଁ ଲଗାଇଦେଇଛି । ଏହାକୁ ନେଇ ଦଳ ଭିତରେ ଚାପା ଅସନ୍ତୋଷ ସୃଷ୍ଟି ହୋଇଛି ।

# ‘ ପାପକ୍ଷୟ ମହୋତ୍ସବ ଉଦଘାଟିତ’
## କଳା ଓ ସଂସ୍କୃତି ର ମହାକୁମ୍ଭ ବିନିକା



ବିନିକା, ୧୪/୨ : ବିନିକା ମାଟିର କଳା ସଂସ୍କୃତିର ପ୍ରତୀକ ଭାବେ ପରିଚିତ ପଞ୍ଚମ ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହାକୁ ନେଇ ସହର ସମେତ ବିନିକା ଅଞ୍ଚଳ ଉତ୍ସବ ମୁଖରିତ ହୋଇଛି । ୧୧ରୁ ୧୪ ପର୍ଯ୍ୟନ୍ତ ୪ ଦିନ ଧରି ମହୋତ୍ସବ ଆୟୋଜିତ ହେବ । ଅଞ୍ଚଳର କଳାପ୍ରେମୀ ଯୁବକ ମଶାଲ ଧରି ପୂଣ୍ୟପୀଠ ପାପକ୍ଷୟରୁ ବାଇକ ଶୋଭାଯାତ୍ରାରେ ବିନିକା ଇଷ୍ଟଦେବୀ ମାଁ ନାରାୟଣୀ ମନ୍ଦିରକୁ ପହଞ୍ଚିଥିଲେ । ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା ପରେ ବିନିକାର ପାଲା, ବାଡ଼ିଖେଳ, କଇନ୍ତରାର କରମା, କରତଙ୍ଗର ପରଭା, ସକମାର ସଞ୍ଚାର, ଚଡ଼େଇପଙ୍କର ଘୁବୁକୁଡୁ ଆଦି ସାଂସ୍କୃତିକ ଅନୁଷ୍ଠାନ ସହ ୨୦୦ରୁ ଉର୍ଦ୍ଧ୍ୱ କଳାକାର ପାଦରେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରା । ସହର ପରିକ୍ରମା କଲା ପରେ ଡାକ୍ତରଖାନା ସମ୍ମୁଖ ମହୋତ୍ସବ ମଞ୍ଚରେ ପୂଜାର୍ଚ୍ଚନା କରାଯାଇଥିଲା । ସନ୍ଧ୍ୟାରେ ପାପକ୍ଷୟ ଲୋକ ମହୋତ୍ସବ ମଞ୍ଚ ଉଦ୍‌ଘାଟିତ ହୋଇଛି । ସନ୍ଧ୍ୟାରେ ମହୋତ୍ସବ ମଞ୍ଚକୁ କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ବିନିକା ତହସିଲଦାର ସୀତାରାମ ଭୋଇ ଉଦ୍‌ଘାଟନ କରିଥିଲେ ବିନିକା ବିଡିଓ ମଞ୍ଜୁ ଖମାରୀ, ବରିଷ୍ଠ ଆଇନଜୀବୀ ତଥା ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଦାଶ, ଯୁବ ସଂଗଠକ ନବକୃଷ୍ଣ ଦନ୍ତା, ଉପସଭାପତି ପ୍ରଦୀପ ସେଠୀ, ଦେବରାଜ ମେହେର, ବିଜୟ ନାରାୟଣ ବରେଇ, ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସନା, ସମ୍ପାଦକ ଧର୍ମେନ୍ଦ୍ର ସାହୁ, ଉମାକାନ୍ତ ଦୀପଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ସମ୍ମାନୀତ ଅତିଥି ଯୋଗଦେଇଥିଲେ । ସାଂସ୍କୃତିକ ସଂଧ୍ୟା ରେ ନୃତ୍ୟ ଗୁରୁ ସଂଗୀତା ଦାସ ଙ୍କ ନିର୍ଦ୍ଦେଶନାରେ ସଂଜ୍ୟୋତ୍ କଳା କେନ୍ଦ୍ର ବଲାଙ୍ଗିର ର କଳାକାର ମାନଙ୍କର ଲୋକ ନୃତ୍ୟ ଓ ଲୋକ ଗୀତ ରେ ଦୁଲୁକିଲା ମଞ୍ଚ । କଣ୍ଠ ଶିଳ୍ପୀ ନୁର ବେଗମ୍, ଶତ୍ରୁଘ୍ନ ଲୁହା ବରିଷ୍ଠ କଳାକାର ଅଞ୍ଚଳର ମହୋତ୍ସବ କଳା ଓ କଳାକାରଙ୍କ ମଞ୍ଚ ବୋଲି ମତ ପ୍ରକାଶ ପାଇଥିଲା । ଲୋକ ମହୋତ୍ସବରେ ପ୍ରଥମ ଥର ପାଇଁ ପଲ୍ଲୀଶ୍ରୀ ମେଳା ଆୟୋଜିତ ହେଉଛି ।

# ଧାରଣାରେ ୩୭ ଜଣ ପାରା ମେଡିକାଲ କର୍ମଚାରୀ

ନବରଙ୍ଗପୁର ତା ୧୪/୦୨/୨୦୨୫: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କାର୍ଯ୍ୟଚ୍ୟୁତ ହୋଇଥିବା ୩୭ ଜଣ ପାରା ମେଡିକାଲ କର୍ମଚାରୀ ଦୁଇ ଦିନ ହେଲା ପ୍ରତୀକ ଧାରଣା ଦେଇଛନ୍ତି । ସେମାନଙ୍କୁ ପୁନଃ ଅବସ୍ଥାପିତ କରିବାକୁ ଧାରଣାରେ ବସିଥିବା କର୍ମଚାରୀ ମାନେ ଦାବି କରିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ସେମାନେ କହିଛନ୍ତି ।ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଆଉଟସୋସିଂ ସଂସ୍ଥା ଭୁବନେଶ୍ୱରର ଏଲ୍ ? ଆଣ୍ଡ୍ କେ କମ୍ପାନୀ ମାଧ୍ୟମରେ ୨୦୨୪ରେ ନିଯୁକ୍ତି ପାଇଥିବା ୩୭ ସ୍ୱାସ୍ଥ୍ୟ କର୍ମଚାରୀ ଙ୍କୁ କାର୍ଯ୍ୟଚ୍ୟୁତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ୨୮ ତାରିଖରେ ଉକ୍ତ ସଂସ୍ଥାକୁ ଚିଠି ନମ୍ବର ୭୯୫ ଅନୁଯାଇ ଜଣାଇଥିଲେ । ସେଥି ମଧ୍ୟରେ ୬ ଜଣ ଫାର୍ମାସିଷ୍ଟ, ୨ ଜଣ ଲାବ୍ ? ଟେକ୍ନିସିଆନ ଓ ୨୯ ଜଣ ନର୍ସିଂ ଅଫିସର ରହିଛନ୍ତି । ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ଆଉଟ ସୋସିଂ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଥ ?ବା ଅନ୍ୟମାନେ ନିୟମିତ କାର୍ଯ୍ୟ କରୁଛନ୍ତି । ନବରଙ୍ଗପୁର ଜିଲାରେ ଡାକ୍ତର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଅଭାବ । ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ । ଉକ୍ତ ସ୍ୱାସ୍ଥ୍ୟକର୍ମୀମାନେ ନବରଙ୍ଗପୁର ସଦର ମହାକୁମା ଡାକ୍ତରଖାନା,ଉମରକୋଟ ସବ୍ ?ଡିଭିଜନ ମେଡିକାଲ,ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି,ପୂଜାରିଗୁଡ଼ା,ଡାବୁଗାଁ, ନନ୍ଦାହାଣ୍ଡି, ଝରିଗାଁ ହାଟବରଣ୍ଡି, କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାମକରି ରୋଗୀସେବା ପ୍ରଦାନ କରୁଥିଲେ । ୩୭ ଜଣ କର୍ମଚାରୀ ଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଏହି ପଦକ୍ଷେପ ନେଇଥିବାରୁ,ଏହାକୁ କର୍ମଚାରୀ ମାନେ ବିରୋଧ କରିଥିଲେ । ବିଭିନ୍ନ ସଂଗଠନ ପକ୍ଷରୁ ଏହି ଧାରଣା କୁ ସମର୍ଥନ ଜଣାଇବା ସହ ସେମାନଙ୍କ ଦାବିକୁ ସମର୍ଥନ କରି ଧାରଣାରେ ବସିଥିଲେ ।

# ବିଶିପଡା ପଂଚାୟତରେ ଚାଲିଛି ଫ୍ୟାଲେରୀୟା ମୁକ୍ତ ସାମୁହିକ ଓଷଧ ସେବନ କାର୍ଯ୍ୟକ୍ରମ







ଫୁଲବାଣୀ ତା ,୧୪/୨: ଦେଶର ୧୨ଟି ରାଜ୍ୟରେ ରାଜ୍ୟସ୍ତରୀୟ ସାମୁହିକ ଔଷଧ ସେବନ ଓ ଜାତୀୟ କୃମି ନିବାରଣ ଅଭିଯାନର ଭରଚୁଆଲ ମାଧ୍ୟମରେ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳ ଓ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଙ୍କ ଦ୍ୱାରା ଆୟୋଜିତ ଜାତୀୟ କୃମି ନିବାରଣ ଦିବସ ଏବଂ ଲିମ୍ଫାଟିକ୍ ଫାଇଲେରିଆସିସ୍- ସାମୁହିକ ଔଷଧ ସେବନ ଫେବୃଆରି ୨୦୨୫ ରାଉଣ୍ଡରେ ଓଡ଼ିଶା ସରକାରଙ୍କର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ’ଙ୍କ ଉଦ୍ଘାଟିତ କରିବା ପରେ ଓଡ଼ିଶାର କନ୍ଧମାଳ ସମେତ ୬ ଗୋଟି ଜିଲ୍ଲାରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଫୁଲବାଣୀରୁ ଆରମ୍ଭ ହୋଇଥିବା ମନ୍ତ୍ରୀ ମହାଲିଙ୍ଗ ପ୍ରକାଶ କରିଥିଲେ । ଏହାପରେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଶ୍ରୀ ସନ୍ତୋଷ କୁମାର ପାଢ଼ୀଙ୍କ ବଳିଷ୍ଠ ନେତୃତ୍ୱରେ ଜିଲ୍ଲାର ସମସ୍ତ କୋଣ ଅନୁକୋଣ ରେ ସାମୁହିକ ଓଷଧ ସେବନ କାର୍ଯ୍ୟକ୍ରମ ଚାଲୁରହିଛି । ଆଜି କନ୍ଧମାଳ ଜିଲ୍ଲା ସଦର ଫୁଲବାଣୀ ବ୍ଲକ ଅନ୍ତର୍ଗତ ବିଶିପଡା ଗ୍ରାମପଞ୍ଚାୟତର ପଡିଆ ବ୍ରେଣା ୧୩ ନମ୍ବର ୱାର୍ଡ ତଥା ରାଜସ୍ୱ ଗ୍ରାମରେ ଘର ଘର ବୁଲି ପଦାତିକ ବାହିନୀ ଭାବେ କାର୍ଯ୍ୟକରୁଥିବା ଓଷଧ ସେବନ କାରି ଦଳ ଫ୍ୟାଲେରୀୟା ମୁକ୍ତ ଅଞ୍ଚଳ କରିବା ପାଇଁ ସଂକଳ୍ପ ନେଇ ନିଜେ ଲୋକଙ୍କୁ ପାଟିରେ ଓଷଧ ଖୁଆଇ ପାଣି ପିଆଉ ଥିଲେ । ଏହି ସାମୁହିକ ଓଷଧ ସେବନ କାର୍ଯ୍ୟକ୍ରମ ରେ ବିଶିପଡା ମେଡିକାଲର ସି ଏଚ ଓ ଶ୍ରୀମତୀ କଳ୍ପନା ବେହେରା , ଆଶ୍ରି ସାହି ଅଙ୍ଗନବାଡି କର୍ମି ଶ୍ରୀମତୀ ରାଧାରାଣୀ ସାହାଣୀ, ଆଶାକର୍ମୀ ଶ୍ରୀମତୀ ସଂଜିତା ସାହାଣୀ ଓ କୃଷିମିତ୍ର ଶ୍ରୀମତୀ ରଶ୍ମିତା ନାୟକ ସମେତ ଯୁଦ୍ଧ କାଳୀନ ଭିତିରେ ସାମୁହିକ ଓଷଧ ସେବନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ର ମୃଦୁ ମୃଦୁ ଟିକେ ଶୀତ ଟିକେ ଖରା ତାରାକୁ ଖାତିର ନ କରି ଓଷଧ ସେବନ କାରି ଦଳ ଏ ଘରୁ ସେ ଘର ବୁଲି ବୁଲି ଓଷଧ ସେବନ କରୁଛନ୍ତି । ହେଲେ ବିଶେଷ ଅସୁବିଧା ର କାରଣ ହେଉଛି, କିଛି ଲୋକ ଘର ତାଟି କବାଟ ପକେଇ ବାହାରକୁ ଚାଲିଯାଇଥିବା ଦେଖିବାକୁ ମିଳୁଛି । ଏପରି ସ୍ଥଳେ ଓଷଧ ସେବନ କାରି ଦଳ ସରକାର ଙ୍କ ନିୟମ ପ୍ରକାରେ ସମସ୍ତଙ୍କୁ ଓଷଧ ଖୁଆଇ ପାରିବେକି ନାହିଁ ସନ୍ଦେହ ଦେଖାଦେଉଛି । ଏମିତି ଯଦି କିଛି କିଛି ପରିବାର ଓଷଧ ସେବନ କାର୍ଯ୍ୟକ୍ରମ ରୁ ବଞ୍ଚିତ ରୁହନ୍ତି ତାହେଲେ ସରକାର ଙ୍କ ଓଷଧ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବାରେ ସନ୍ଦେହ ସୃଷ୍ଟି କରୁଛି, ତଥାପି ଦେଖାଉ ପ୍ରଶାସନ ଏଭଳି ଅସୁବିଧା ପାଇଁ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଆଗାମୀ ଦିନରେ ଜଣା ପଡିବ ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଯାଇଛି







ଫୁଲବାଣୀ, ୧୪/୨ : କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ସ୍ଥାନୀୟ କରୋନେସନ୍ ପଡ଼ିଆରେ ମହା ଆଡମ୍ବର ସହକାରେ ଉଦଘାଟନ ହୋଇଯାଇଛି । ଉଦଘାଟନ ଉତ୍ସବର ମୁଖ୍ୟ ଉଦଘାଟକ ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶଚନ୍ଦ୍ର ଜେନା, ଏହି ୧୨ ଦିନ ବ୍ୟାପି ହେବାକୁ ଥିବା ମେଳାକୁ ଉଦଘାଟନ କରି ଛନ୍ତି , ଆଜିର ଜନତା ଯେତେ ଆଧୁନିକତା ଏବଂ ପଢିବାର ଯେତେ ଉନ୍ନତ ସାଧନ ପ୍ରସ୍ତୁତ କରିଥିଲେ ମଧ୍ଯ ପୁସ୍ତକର ଉପାଦେୟତା ଏବଂ ଏହାକୁ ପଢ଼ିବାର ଆବଶ୍ୟକତା କୁ ଅଣଦେଖା କରିବା ଉଚିତ୍ ନୁହେଁ ବୋଲି କହିଥିଲେ ମୁଖ୍ୟ ଅତିଥି ଶ୍ରୀ ଜେନା । ଆମେ ସମସ୍ତେ ପୁସ୍ତକ ପଢିବା ଦ୍ୱାରା ହିଁ ଉଲ୍ଲେଖ ଥିବା ବିଷୟର ସାରମର୍ମ ଓ ସ୍ୱର୍ଶ କାତରତାକୁ ଅନୁଭବ କରିପାରିବା ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ସନ୍ତୋଷ କୁମାର ପାଢୀ ଯୋଗ ଦେଇ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଉଭୟ ମତର ଖୁବ୍ ସୁନ୍ଦର ଉଦାହରଣ ଦେଇ ଆଧୁନିକତାର ବସବର୍ତ୍ତୀ ହୋଇ ମନୁଷ୍ଯ କିଭଳି ଭାବେ ଉନ୍ନତି ର ଦୌଡ ଆଳରେ ଅବନତି ଆଡକୁ ଦ୍ରୁତଗତିରେ ଦୌଡୁଛି ବୋଲି କହିଥିଲେ । ଏହା ଦ୍ୱାରା ମନୁଷ୍ଯକୁ ବିଭିନ୍ନ ରୋଗ ଏବଂ ସମସ୍ଯାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ପୁସ୍ତକ ପଢିବା ଦ୍ୱାରା ମନୁଷ୍ଯ ଭୁଲି ଯିବା ଭଳି ରୋଗର ଶୀକାର ହୁଏନାହିଁ ବୋଲି କହିଥିଲେ । କାର୍ଯ୍ୟକ୍ରମ ର ମୁଖ୍ୟ ବକ୍ତା ଭାବେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧ୍ଯାପକ ଡ. ଚନ୍ଦ୍ରଶେଖର ଦାସ ଯୋଗ ଦେଇ ପୁସ୍ତକ ମେଳାର ଇତିହାସ ଓ ଏହାର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଜାନୀ ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ର, ସାହିତ୍ୟ କୁ ଉଦ୍ଜୀବିତ କରି ରଖିବାରେ ଏହି ନିରନ୍ତର ପ୍ରାୟଶକୁ ପ୍ରସଂସା କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣରେ ଅନୁଷ୍ଠାନ ଦ୍ୱାରା ଜାରି ରହିଥିବା ଦିର୍ଘ ୧୫ ବର୍ଷର ସଫଳତା ଯୋଗୁଁ ଜିଲ୍ଲାରେ ସାହିତ୍ୟର ପ୍ରସାର ସମେତ ଜିଲ୍ଲାରେ ଥିବା ତଳ ସ୍ତର ଠାରୁ ଆରମ୍ଭ କରି ସବୁ ସ୍ତରର ଏବଂ ସବୁ ବର୍ଗର ଛାତ୍ରଛାତ୍ରୀମାନଙ୍କ ପ୍ରତିଭା,ବରିଷ୍ଠ ନାଗରିକ,କ୍ରୀଡାବିତ୍,କଳାକାର,ଶିକ୍ଷାବିତ୍,ସମାଜ ସେବୀ,ପୁରୁଷ ଓ ମହିଳା ରକ୍ତଦାତା ଏବଂ ସ୍ୱେଚ୍ଛାସେବୀ ମାନଙ୍କ ସମେତ ବିଭିନ୍ନ ପ୍ରତିଭା ର ଅଧିକାରୀ ପୁରୁଷ ଓ ମହିଳା, ଯୁବକ ଯୁବତୀ ମାନଙ୍କୁ ସମ୍ବର୍ଦ୍ଧିତ କରି ଲୋକଲୋଚନକୁ ଆଣି ସେମାନଙ୍କର ଉତ୍ସାହ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରି ଆସୁଛି ବୋଲି କହିଥିଲେ । ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ଦିର୍ଘ ୩୨ ବର୍ଷ ଧରି ପ୍ରକାଶ ପାଉଥିବା ସ୍ମରଣୀକା, ‘ବନଜ୍ୟୋତ୍ସ୍ନା‘ ଏବଂ ଡଃ କାହ୍ନୁଚରଣ ଶତପଥିଙ୍କ ସଙ୍କଳନ ପୁସ୍ତକ ‘ସମୟ ର ସ୍ୱୟମ୍ବର‘ ନମସ୍ତେ ଓ ‘ବିପ୍ଳବର ମହାନାୟକ ନେତାଜୀ ସୁଭାଷ‘ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡଃ କାହ୍ନୁଚରଣ ଶତପଥୀ ପରିଚାଳନା କରିଥିଲେ । ଅନୁଷ୍ଠାନର ବରିଷ୍ଠ ସଦସ୍ୟା ପ୍ରଣତି ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ତରର ଛାତ୍ର ଛାତ୍ରୀ ମାନଙ୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହା ସହିତ ରାଜ୍ୟର ବିଭିର୍ନ୍ନ ପ୍ରାନ୍ତର ରୁ ଆସିଥିବା ମିନା ବଜାର, ଏବଂ ସୁସ୍ୱାଦୁ ଖାଦ୍ୟ ଷ୍ଟଲ ମାନଙ୍କ ମଧ୍ୟରେ, ରସାବଳୀ, ଦହି ବରା, ଆଳୁଦମ,ଠୁଙ୍କା ପୁରୀ, ସମେତ ବିଭିର୍ନ୍ନ ପ୍ରକାର ନୁଆଁ ନୁଆଁ ସୁସ୍ୱାଦୁ ଖାଦ୍ୟର ଭରପୁର ମଜା ସହର ବାସି ଉଠାଇବା ସହିତ ବିଭିର୍ନ୍ନ ପ୍ରକାର ଘର କରଣା ସାମଗ୍ରୀ ମଧ୍ୟ କିଣି ପାରିବେ । ଶେଷରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ବିରାଜିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଭଦ୍ରା’ରୁ ବଞ୍ଚିତ ଲାଞ୍ଜିଆ ସୌରା: ନିରକ୍ଷରତା ଓ ସଚେତନତା ଅଭାବ ମୂଳ କାରଣ

ରାୟଗଡ଼ା,୧୪/୨: ମହିଳାଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା ‘ସୁଭଦ୍ରା’ ଯୋଜନାରେ ସାମିଲ ହୋଇପାରିନାହାନ୍ତି ଆଦିମ ଜନଜାତି ଲାଞ୍ଜିଆ ସୌରା । ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳରେ ବସବାସ କରୁଥିବା ଏହି ଜନଜାତି ଯୋଜନାରୁ ବଞ୍ଚିତ ହୋଇଛନ୍ତି । ନିରକ୍ଷରତା ଏବଂ ସଚେତନତା ଅଭାବରୁ ଯୋଜନା ସଂପର୍କରେ ଅଧିକାଂଶ ମହିଳା ଅଜ୍ଞ ଥିବା ଜଣାପଡ଼ିଛି । ନିୟମ ଅନୁସାରେ ଆବେଦନ କରିବା ସତ୍ତ୍ୱେ ବହୁ ସଂଖ୍ୟାରେ ଲାଞ୍ଜିଆ ସୌରା ମହିଳାଙ୍କୁ ଏଯାଏଁ ପ୍ରଥମ କିସ୍ତି ଟଙ୍କା ମଧ୍ଯ ମିଳିନାହିଁ । ଯାହାର ଗୋଟିଏ ଉଦାହରଣ ହେଲେ ଗସନି ଗମାଙ୍ଗ । ଆବେଦନ କରିବା ପରେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା କହିଛନ୍ତି । ସେହିପରି ଶାବେନୀ ଶବର, ସରିତା କାର୍ଜୀ, ପାଣି ଶବରଙ୍କ ଭଳି ବହୁ ମହିଳା ଏଯାଏ ଯୋଜନାରେ ସାମିଲ ହୋଇପାରି ନାହାନ୍ତି । ଯୋଜନାରୁ ବଞ୍ଚିତ ମହିଳାଙ୍କୁ ଏହି ବିଷୟରେ ପଚାରିବାରୁ ଆଧାର କାର୍ଡରେ ତ୍ରୁଟି ରହିଥିବା କହିଥିଲେ । ତେବେ କେମିତି କାର୍ଡ ସଂଶୋଧନ ହେବ ସେମାନେ ଜାଣିନାହାନ୍ତି । ଏ ସଂପର୍କରେ ଜଣେ ଅଧିକାରୀଙ୍କୁ ପଚାରିବାରୁ ପୁଟାସିଂ ଅଞ୍ଚଳରେ ସାକ୍ଷରତା ହାର କମ । ଲାଞ୍ଜିଆ ସୌରା ମହିଳାମାନେ ନିଜ ବ୍ୟାଙ୍କ ଆକାଉଣ୍ଟ୍ ସହ ଆଧାର ନମ୍ବର ଓ ଫୋନ୍ ନମ୍ବର ଠିକ୍ ରୂପେ ସଂଯୋଗ କରିନାହାନ୍ତି । ଯାହାଫଳରେ ସମସ୍ୟା ଉପୁଜିଥିବା କହିଛନ୍ତି । ଗୁଣପୁର ବ୍ଲକର ପୁଟାସିଂ, କୁଲସିଂ, ଜଲତାର, ଟଲଣା, ଚିନାସାରୀ, ଅବଡ଼ା ଏବଂ ଶଗଡ଼ା ପଞ୍ଚାୟତରେ ଲାଞ୍ଜିଆ ସେ ?ରା ଜନଜାତି ବସବାସ କରୁଛନ୍ତି । ଏହି ଜନଜାତିର ମୋଟ ଜନସଂଖ୍ୟା ପାଖାପାଖି ୧୧ହଜାର ହେବ । ଯେତିକି ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି ସେଥିରୁ ପାଖାପାଖି ୪୦ପ୍ରତିଶତ ମହିଳା ଏଯାଏଁ ପ୍ରଥମ କିସ୍ତି ଟଙ୍କା ପାଇନଥିବା ସ୍ଥାନୀୟ ଲୋକ କହିଛନ୍ତି । ଏମିତି ସ୍ଥିତିରେ ପ୍ରଶାସନ ପକ୍ଷରୁ ଅଧାର କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ୍ ଲିଙ୍କ୍ ନେଇ ସଚେତନତା ଶିବିର ଅୟୋଜନ କଲେ ବହୁ ଲାଞ୍ଜିଆ ସୌରା ମହିଳା ଉପକୃତ ହେବେ ବୋଲି ପଇତନ ଗମାଙ୍ଗ ଓ ଜେମଶ କାର୍ଜୀ କହିଛନ୍ତି । ସେହିପରି ଆବେଦନ କରିଥିବା ବହୁ ମହିଳା ଟଙ୍କା ପାଇଁ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହୋଇଥିବା ଯାଜରୀ ଗମାଙ୍ଗ ପ୍ରକାଶ କରିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ